بِسْمِ اللّٰهِ الرَّحْمٰنِ الرَّحِيْمِ  نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ  وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 5 — ସଂଖ୍ୟା 41

ସାପ୍ତାହିକ ବଦର

Weekly BADAR Qadian କାଦିଆନ

Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

08 ଅକ୍ଟୋବର 2020 — 08 ଇଖା 1399 ହି.ଶ — 20 ସଫର୍ 1442 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

يٰۤاَيُّهَا الَّذِيْنَ اٰمَنُوْا
خُذُوْا حِذْرَكُمْ
فَانْفِرُوْا ثُبَاتٍ
اَوِ انْفِرُوْا جَمِيْعًا○
(النساء:72)

ଅନୁବାଦ- ହେ ବିଶ୍ୱାସକାରୀମାନେ ! ଛୋଟ ଛୋଟ ଦଳରେ (ଘରୁ) ବାହାରୁ ଥାଅ କି ବଡ଼ ବଡ଼ ଦଳରେ ବାହାରୁ ଥାଅ ଆତ୍ମରକ୍ଷା ପାଇଁ (ସାମଗ୍ରୀ ସହିତ ସର୍ବଦା) ପ୍ରସ୍ତୁତ ରହ । *(ନିସା: ୭୨)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ·ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍ଦୋଲିଲ୍ଲାଃ)

ହୁଜୁର ଅନ୍ଓ୍ୱରଅ·ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ·ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ୟୈୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍ଲନା ଫି'ଉମ୍ରିହି ଓ୍ୱ ଅମ୍ରିହି ॥

**ନବୀ କରିମ୍ ସ:ଆ:ସଙ୍କ ମହାନ ଚରିତ୍ର ଏତେମାତ୍ରାରେ ପ୍ରତିଷ୍ଠିତ ଥିଲା ଯେ ଯଦି କୌଣସି ବୃଦ୍ଧା ଆପଣ ସ:ଆ:ସଙ୍କ ହାତ ଧରି ଅଟକାଇ ନେଉଥିଲେ, ସେଠାରେ ଆପଣ ସ:ଆ:ସ ବିନମ୍ର ହୋଇ ଛିଡ଼ା ହୋଇଯାଇଥିଲେ ଓ ତା'ର କଥାକୁ ସେ ପର୍ଯ୍ୟନ୍ତ ଶୁଣୁଥିଲେ, ଯେ ପର୍ଯ୍ୟନ୍ତ ସେ ନିଜେ ଚୁପ୍ ନ ହୋଇଯାଉଥିଲେ**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

### ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ୍ୱଲଲ୍ଲାହୁ ଆଲୈହେ ଓ୍ୱ ସଲ୍ଲମଙ୍କ ଉଜ୍ଜ୍ୱଳ ପ୍ରତିଭା ଓ କଲ୍ୟାଣ

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଜୀବନୀକୁ ଅନୁଧ୍ୟାନ କଲେ ଏହା ଦୃଷ୍ଟିଗୋଚର ହୋଇଥାଏ ଯେଉଁଠି ତାହା ବିନମ୍ରତାର ଶିଖରକୁ ପହଂଚିଥିଲା ସେଠାର ଏହା ମଧ୍ୟ ଜ୍ଞାତ ହୋଇଅଛି ଯେ ସେତେମାତ୍ରାରେ ତାଙ୍କୁ ରୁହୁଲ୍ କୁଦୁସ୍ (ପବିତ୍ର ଆତ୍ମା) ସାହାଯ୍ୟରେ ସମର୍ଥନ ଓ ଆଲୋକିତ କରାଯାଇଥିଲା ଯାହାର ଦୃଷ୍ଟାନ୍ତ ଆମ ନବୀ କରିମ ସ:ଆ:ସ ନିଜର କର୍ମରେ କରି ଦେଖାଇଛନ୍ତି । ବାସ୍ତବିକ ତାଙ୍କର ଉଜ୍ଜ୍ୱଳ ପ୍ରତିଭା ଓ କଲ୍ୟାର କ୍ଷେତ୍ର ଏତେ ବିସ୍ତୃତ ଯେ ଅନନ୍ତକାଳ ପର୍ଯ୍ୟନ୍ତ ଏହାର ଦୃଷ୍ଟାନ୍ତ ପ୍ରତିଫଳିତ ହେଉଥିବ । ଅତଏବ ଏ ଯୁଗରେ ମଧ୍ୟ ଯାହା କିଛି ଈଶ୍ୱରଙ୍କ କୃପା ଓ ଅନୁଗ୍ରହ ଅବତରଣ ହେଉଅଛି ତାହା ଆପଣ ସ:ଆ:ସଙ୍କ ଆଜ୍ଞାନୁବର୍ତିତା ହେବା ଦ୍ୱାରା ହିଁ ହେଉଅଛି । ମୁଁ ସତ୍ୟ କହୁଅଛି ଓ ନିଜ ଅଭିଜ୍ଞତାରୁ କହୁଅଛି ଯେ କୌଣସି ବ୍ୟକ୍ତି ମଧ୍ୟ ପ୍ରକୃତ ପୂଣ୍ୟ ଓ ଈଶ୍ୱରଙ୍କ ପ୍ରସନ୍ନତା ହାସଲ କରିପାରିବ ନାହିଁ ଓ ସେହି ସମସ୍ତ ଆଧ୍ୟାତ୍ମିକ ପୁରସ୍କାର, ଜ୍ଞାନ, ସତ୍ୟତା ଏବଂ ଦର୍ଶନକୁ ପ୍ରାପ୍ତ କରିପାରିବ ନାହିଁ, ଯାହା ଜଣେ ପବିତ୍ର ବ୍ୟକ୍ତିକୁ ମିଳିଥାଏ, ଯେ ପର୍ଯ୍ୟନ୍ତ ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ଆଜ୍ଞାବହତାରେ ମଜ୍ଜି ହଜି ନ ଯାଇଛି । ଏହାର ପ୍ରମାଣ ଖୁଦ୍ ଅଲ୍ଲାଃଙ୍କ ବାଣୀରୁ ମିଳୁଅଛି କି **କୁଲ୍ ଇନ୍‌କୁନ୍‌ତୁମ୍ ତୁହିବବୁନଲ୍ଲାହା ଫତ୍‌ତବିଉନି ୟୁହ୍‌ବିବ୍‌କୁମୁଲ୍ଲାହୁ (ଆଲେ ଇମ୍ରାନ୍: ୩୨)** ଅର୍ଥାତ: ତୁମେ କୁହ, "(ହେ ଲୋକମାନେ) ! ଯଦି ତୁମେମାନେ ଅଲ୍ଲାଃଙ୍କୁ ପ୍ରେମ କରୁଥାଅ ତେବେ ଆମ୍ଭକୁ ଅନୁସରଣ କର; ତାହା ହେଲେ ଅଲ୍ଲାଃ ତୁମମାନଙ୍କୁ ପ୍ରେମ କରିବେ । ମୁଁ ସର୍ବଶକ୍ତିମାନ ଭଗବାନଙ୍କ ଏହି ଦାବିର ଏକ ବ୍ୟବହାରିକ ଏବଂ ଜୀବନ୍ତ ପ୍ରମାଣ । ତେଣୁ ଈଶ୍ୱର ପବିତ୍ର କୁର୍‌ଆନ୍‌ରେ ଈଶ୍ୱରଙ୍କୁ ପ୍ରେମ କରୁଥିବା ଲୋକ ଓ ଓ୍ୱଲିମାନଙ୍କ ନିମନ୍ତେ ଯେଉଁ ନିଦର୍ଶନମାନ ରଖିଅଛି, ତାହା ମାଧ୍ୟମରେ ମତେ ଚିହ୍ନ । ଅତଏବ ନବୀ କରିମ୍ ସ:ଆ:ସଙ୍କ ମହାନ ଚରିତ୍ର ଏତେମାତ୍ରାରେ ପ୍ରତିଷ୍ଠିତ ଥିଲା ଯେ ଯଦି କୌଣସି ବୃଦ୍ଧା ଆପଣ ସ:ଆ:ସଙ୍କ ହାତ ଧରି ଅଟକାଇ ନେଉଥିଲେ, ସେଠାରେ ଆପଣ ସ:ଆ:ସ ବିନମ୍ର ହୋଇ ଛିଡ଼ା ହୋଇଯାଇଥିଲେ ଓ ତା'ର କଥାକୁ ସେ ପର୍ଯ୍ୟନ୍ତ ଶୁଣୁଥିଲେ, ଯେ ପର୍ଯ୍ୟନ୍ତ ସେ ନିଜେ ଚୁପ୍ ନ ହୋଇଯାଉଥିଲେ । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୮୮-୧୮୯ ପ୍ରକାଶନ ୨୦୧୮ କାଦିୟାନ)***

**ତୁମମାନଙ୍କୁ ଏ ସଂକଳ୍ପ କରିବା ଉଚିତ ଯେ ଏପରି କୌଣସି ସୁଗୁଣ ନଥିବ ଯେଉଁଥିରେ ଅନ୍ୟମାନେ ଆମଠାରୁ ଆଗକୁ ବଳିଯାଉଥିବେ ।**

ଆୟତ ଓ୍ୱଲିକୁଲ୍ଲିଉଁ ଓ୍ୱିଜ୍‌ହତୁନ୍ ହୁଓ୍ୱ ମୁଓ୍ୱଲ୍ଲିହା ଫସ୍‌ତବିକୁଲ୍ ଖୈରାତ୍ (ବକ୍‌ରାଃ:୧୪୯)ର ତଫ୍‌ସିର୍ (ବ୍ୟାଖ୍ୟା) କରି ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହିଛନ୍ତି:

"ଦୁନିଆରେ ପ୍ରତ୍ୟେକ ବ୍ୟକ୍ତିର ଏକ ଲକ୍ଷ୍ୟ ରହିଥାଏ । କିଏ ଖାଇବା ପିଇବାର ସଉକ ରଖିଥାଏ ତ କିଏ ଭୋଗ ବିଳାଶ ଓ ଆନନ୍ଦ ପ୍ରମୋଦର ସଉକ ରଖିଥାଏ ଆଉ କିଏ ବେପାର ବଣିଜର ସଉକ ରଖିଥାଏ ତ କିଏ ଭଲ ପୋଷାକ ପିନ୍ଧିବାକୁ ସଉକ କରିଥାଏ । କାହାକୁ ପରୋକ୍ଷ ନିନ୍ଦା ଓ ଅପବାଦର ସଉକ ଥାଏ ତ ଆଉ କାହାକୁ ଲଢ଼େଇ ଝଗଡ଼ା କରିବାର ସଉକ ଥାଏ । ଅତଏବ ଏପରି କୌଣସି ବ୍ୟକ୍ତି ନାହିଁ ଯିଏ ନିଜ ପାଇଁ କୌଣସି ନା କୌଣସି ବସ୍ତୁକୁ ହାସଲ କରିବାପାଇଁ ନିଜର ଉଦ୍ଦେଶ୍ୟ ଧାର୍ଯ୍ୟ ନ କରିଥିବ । ଗରୀବରୁ ଗରୀବ ଓ ମୂର୍ଖରୁ ମୂର୍ଖ ମଧ୍ୟ ନିଜର କୌଣସି ନା କୌଣସି ଉଦ୍ଦେଶ୍ୟକୁ ସମ୍ମୁଖରେ ରଖିଥାଏ । କାହାର ଉଦ୍ଦେଶ୍ୟ ବଡ଼ପଣିଆ ଦେଖାଇବାର ଥାଏ ତ ଆଉ କାହାର ଉଦ୍ଦେଶ୍ୟ ଉଚ୍ଚ ଶିକ୍ଷା ହାସଲ କରିବା ରହିଥାଏ ଏବଂ ଆଉ କାହାର ଉଦ୍ଦେଶ୍ୟ ରାଜନୈତିକ ପ୍ରଭୁତ୍ୱ ହାସଲ ହୋଇଥାଏ । ତେଣୁ ଅଲ୍ଲାଃ କହିଲେ ଯଦି ପ୍ରତ୍ୟେକ ମଣିଷର କୌଣସି ନା କୌଣସି ଅଭିଳାଷ ରହିଛି, ତେବେ ପୁଣି ତୁମେ ଏମିତି କାର୍ଯ୍ୟ କାହିଁକି ନ କରିବ ଯେଉଁଥିରେ ସମସ୍ତ ଭଲ କଥା ଭରି ରହିଥିବ । ତେଣୁ ତୁମକୁ ଏ ସଂକଳ୍ପ କରିନେବା ଠିକ୍ ହେବ ଯେ ଏପରି କୌଣସି ଭଲଗୁଣ ନଥିବ ଯେଉଁଥିରେ ଅନ୍ୟମାନେ ଆମଠାରୁ ଆଗକୁ ବଳିଯାଉଥିବେ । (ଅର୍ଥାତ ସମସ୍ତ ଭଲ ଗୁଣରେ ଓ ପୂଣ୍ୟ କର୍ମରେ ତୁମେ ଆଗରେ ଥିବ) । ରସୁଲେ କରିମ୍ ସ:ଆ:ସଙ୍କ ଯୁଗରେ ଏକଦା ହଜ୍‌ରତ୍ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅଙ୍କର ଆପୋଷରେ ଝଗଡ଼ା ହୋଇଗଲା । ଯେବେ ଦୁଇଜଣଜାକ ଅଲଗା ହେଲେ, ହଜ୍‌ରତ୍ ଉମର୍ ର:ଅଙ୍କୁ ବହୁତ ଅବଶୋଷ ହେଲା ଯେ ଯଦି ରସୁଲେ କରିମ୍ ସ:ଆ:ସଙ୍କୁ ଅନ୍ୟ କୌଣସି ମାଧ୍ୟମରେ ଏ ଖବର ପହଂଚିଯିବ ତେବେ ତାଙ୍କୁ ବହୁତ କଷ୍ଟ ହେବ । ତେଣୁ ସେ ତତ୍‌କ୍ଷଣାତ୍ ରସୁଲେ୍ କରିମ୍ ସ:ଆ:ସଙ୍କ ନିକଟରେ ପହଂଚି ନିବେଦନ କଲେ ଯେ ହେ ଅଲ୍ଲାଙ୍କ ରସୁଲ ! ଆଜି ଅବୁବକରଙ୍କ ସହିତ ମୋର ଝଗଡ଼ା ହୋଇଯାଇଥିଲା, ସେଥିପାଇଁ ମୁଁ ବହୁତ ଦୁଃଖିତ । ରସୁଲେ କରିମ୍ ସ:ଆ:ସଙ୍କୁ ଏକଥା ଶୁଣି କ୍ରୋଧ

## ନବୀ ସ:ଆ:ସଙ୍କ ବାଣୀ

### ନମାଜରେ ଧ୍ୟାନ ଓ ଏକାଗ୍ରତା ରହିବା ଅତ୍ୟନ୍ତ ଜରୁରୀ

❊ ହଜ୍‌ରତ୍ ଜାବିର୍ ବିନ୍ ସମ୍ରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ସାଆଦ୍ ର:ଅ କହୁଥିଲେ ଯେ ମୁଁ ତାଙ୍କୁ ରସୁଲୁଲ୍ଲାଃ ସ:ଆ:ସଙ୍କ ନମାଜ ଭଳି ଜୋହର୍ ଏବଂ ଅସର ନମାଜ ପଢ଼ାଉଥିଲି । ମୁଁ ଆପଣ ସ:ଆ:ସଙ୍କ ନମାଜଠାରୁ ଟିକିଏ ହେଲେ ମଧ୍ୟ ଫରକ କରୁନଥିଲି । ପ୍ରଥମ ଦୁଇ ରେକାତ ନମାଜକୁ ଲମ୍ବା କରୁଥିଲି ଓ ଶେଷ ଦୁଇ ରେକାତକୁ ହାଲୁକା (ଅର୍ଥାତ ଶିଘ୍ର) ପଢ଼ାଉଥିଲି । ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ: ଆପଣ ସ:ଆ:ସଙ୍କ ସମ୍ବନ୍ଧରେ ମୋର ମଧ୍ୟ ଏହି ଖିଆଲ ରହିଛି ।

ନୋଟ୍: ଏଠାରେ ସାଆଦ୍ ର:ଅଙ୍କ ଯେଉଁ ନାମ ବ୍ୟବହାର କରାଯାଇଅଛି, ସେ ହେଉଛନ୍ତି ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ମହାନ୍ ବଦ୍‌ରି ସାହାବି ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ୍ ର:ଅ । ସେ କୁଫାର ଗଭର୍ନର ଥିଲେ । ତାଙ୍କ ଉପରେ ଏ ଆରୋପ ଲଗାଯାଇଥିଲା ଯେ ସେ ଦୁଇ ରେକାତ୍ ନମାଜ ଲମ୍ବା କରୁଛନ୍ତି ଓ ବାକି ଦୁଇ ରେକାତ ଶିଘ୍ର ପଢ଼ାଉଛନ୍ତି ବୋଲି । ସେ କହିଲେ, ମୁଁ ତାଙ୍କୁ ରସୁଲୁଲ୍ଲାଃ ସ:ଆ:ସଙ୍କ ନମାଜ ପଢ଼ାଇବାର ଶୈଳୀ ପରି ହିଁ ନମାଜ ପଢ଼ାଉଛି । ***(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଅଜାନ୍....... ମୁଦ୍ରଣ କାଦିଆନ୍ ୨୦୦୬)***

❊ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବି କତାବାଃ ର:ଅ ନିଜ ବାପାଙ୍କଠାରୁ ରିଓ୍ୱାୟତ୍ କରୁଛନ୍ତି ଯେ ନବୀ ସ:ଆ:ସ ଜୋହର୍ ନମାଜ୍‌ର ପ୍ରଥମ ଦୁଇ ରେକାତରେ ସୁରଃ ଫାତିହା ଏବଂ ଆଉ ଦୁଇଟି ସୁରଃ ପାଠ କରୁଥିଲେ । ପ୍ରଥମ ରେକାତ୍‌ରେ (କିରାତ୍) ଲମ୍ବା କରୁଥିଲେ ଓ ଦ୍ୱିତୀୟ ରେକାତ୍‌ରେ ଛୋଟ ସୁରଃ ପଢୁଥିଲେ । ବେଳେବେଳେ କୌଣସି ଏକ ଆୟତ ଆମକୁ ମଧ୍ୟ ଶୁଣାଇ ଦେଉଥିଲେ । ଅସର୍ ନମାଜ୍‌ରେ ମଧ୍ୟ ସୁରଃ ଫାତିହା ଏବଂ ଦୁଇଟି ସୁରଃ ମଧ୍ୟ ପାଠ କରୁଥିଲେ । (ପ୍ରଥମ ରେକାତ୍ ରେ କିରାତ୍ ଲମ୍ବା କରୁଥିଲେ) । ଆପଣ ସ:ଆ:ସ ଫଜର୍ ନମାଜ ର ପ୍ରଥମ ରେକାତ୍‌ରେ ମଧ୍ୟ (କିରାତ୍) ଲମ୍ବା କରୁଥିଲେ ଓ ଦ୍ୱିତୀୟ ରେକାତ୍‌କୁ ଛୋଟ କରୁଥିଲେ । ***(ସହୀ ବୁକାରୀ, ଖଣ୍ଡ-୨, କିତାବୁଲ୍ ଅଜାନ୍, ଅଲ୍‌କିର୍‌ଅତୁ ଫିଲ୍ ଜୋହର୍....... ୨୦୦୬)***

ଆସିଲା । ଆପଣ ସ:ଆ:ସ କହିଲେ ତୁମେମାନେ କାହିଁକି ତାଙ୍କୁ ଦୁଃଖ ପହଂଚାଉଛ । ଯେତେବେଳେ ତୁମେମାନେ ଇସ୍‌ଲାମ୍‌ର ମୁକାବିଲା କରୁଥିଲ ସେତେବେଳେ ସେ ମୋ ଉପରେ ଇମାନ୍ (ବିଶ୍ୱାସ) ଆଣିଥିଲେ ଓ ମୋତେ ସାହାଯ୍ୟ ସହଯୋଗ କରିଥିଲେ । ହଜ୍‌ରତ୍ ଉମର ଏବେ କ୍ଷମାପ୍ରାର୍ଥନା କରୁଥିଲେ ଯେ ହଜ୍‌ରତ୍ ଅବୁବକର ର:ଅଙ୍କୁ ଏ ଖିଆଲ ଆସିଲା ଯେ କାଳେ ହଜ୍‌ରତ୍ ଉମର୍ ର:ଅ ମୋ ସମ୍ବନ୍ଧରେ ଏମିତି କିଛି ନ କହି ଦିଅନ୍ତୁ ଯଦ୍ୱାରା ରସୁଲେ କରିମ୍ ସ:ଆ:ସ ମୋଠାରୁ ନାରାଜ୍ ହୋଇଯିବେ ତେଣୁ ସେ ମଧ୍ୟ ଧାଇଁ ଆସିଲେ ଯେ ମୁଁ ଯାଇ ପ୍ରକୃତ ଘଟଣା ବତାଇ ଦିଏ କି ମୋର କିଛି ଦୋଷ ନାହିଁ ବରଂ ଉମର ର:ଅଙ୍କର ଦୋଷ ଥିଲା । କିନ୍ତୁ ଯେଉଁକ୍ଷଣି ସେ ଦରଜା ଭିତରକୁ ପ୍ରବେଶ କଲେ, ଦେଖିବାକୁ ପାଇଲେ ଯେ ହଜ୍‌ରତ୍ ଉମର୍ ର:ଅ ପଶ୍ଚାତାପ କରି କ୍ଷମା ମାଗୁଛନ୍ତି ଓ ରସୁଲେ କରିମ୍ ସ:ଆ:ସ ତାଙ୍କ ଉପରେ ନାରାଜ ହେଉଛନ୍ତି, ସେହି କ୍ଷଣି ଆଣ୍ଠେଇପଡ଼ି ବସିପଡ଼ିଲେ ଓ ନିବେଦନ କଲେ ଯେ ହେ ଅଲ୍ଲାଃଙ୍କ ରସୁଲ ! ମୋ ମାଆ ବାପା ଆପଣଙ୍କ ଉପରେ ଉତ୍ସର୍ଗୀ ବାସ୍ତବିକ ଭୁଲ ମୋର ଥିଲା, ଉମରଙ୍କର କିଛି ଭୁଲ ନାହିଁ । ଏହିପରି ସେ ହଜ୍‌ରତ୍ ଉମର୍‌ଙ୍କଠାରୁ ରସୁଲେ କରିମ୍ ସ:ଆ:ସଙ୍କ କ୍ରୋଧକୁ ଦୂର କରିବାପାଇଁ ଚେଷ୍ଟା କଲେ । ପୂଣ୍ୟକର୍ମରେ ଜଣେ ଅନ୍ୟଜଣଙ୍କଠାରୁ ଆଗକୁ ବଢ଼ିଯିବାର ଏହା ଥିଲା ସେମାନଙ୍କର କର୍ମ । ଅର୍ଥାତ ହଜ୍‌ରତ୍ ଉମର୍‌ଙ୍କର ଭୁଲ ଥିଲା କିନ୍ତୁ ହଜ୍‌ରତ୍ ଅବୁବକର କ୍ଷମା ମାଗୁଛନ୍ତି, ଫଳତଃ ହଜ୍‌ରତ୍ ଉମର୍ ର:ଅଙ୍କ ଉପରେ ରସୁଲେ୍ କରିମ୍ ସ:ଆ:ସ ନାରାଜ ନ ହୁଅନ୍ତୁ ।

ବାସ୍ତବରେ ଇସ୍‌ଲାମ୍ ଓ ଅନ୍ୟ ଧର୍ମଗୁଡ଼ିକ ମଧ୍ୟରେ ଯେଉଁଠି ବହୁତ ସ୍ୱତନ୍ତ୍ରତା ରହିଛି ଯାହା ତାହାର ଶ୍ରେଷ୍ଠତାକୁ ସ୍ପଷ୍ଟ ରୂପେ ପ୍ରମାଣିତ କରୁଛି ସେଠାରେ ଗୋଟିଏ ବହୁତ ବଡ଼ ଫରକ ଏହା ମଧ୍ୟ ରହିଛି ଯେ ଅନ୍ୟ ଧର୍ମଗୁଡ଼ିକ କେବଳ ପୂଣ୍ୟ ଆଡ଼କୁ ଡ଼ାକିଥାନ୍ତି କିନ୍ତୁ ଇସ୍‌ଲାମ୍ ପୂଣ୍ୟକର୍ମରେ ଆଗକୁ ବଳିଯିବା ପାଇଁ ଡ଼ାକିଥାଏ ।"

***(ତଫ୍‌ସିର୍ କବିର୍, ଖଣ୍ଡ-୨, ପୃ-୨୫୪-୨୫୫....... ୨୦୧୦)***

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ସୌଦା ଏବଂ ହିନ୍ଦ ଜନ୍ମଗ୍ରହଣ କରିଥିଲେ । ତାଙ୍କ ତୃତୀୟ ପତ୍ନୀ ହଜ୍‌ରତ୍ ରୁବାବ ବିନ୍‌ତେ ଉନୈଫ୍‌ଙ୍କ ଔରଷରୁ ମୁସେବ୍, ହମ୍‌ଜା ଏବଂ ରମ୍‌ଲା ଜନ୍ମଗ୍ରହଣ କରିଥିଲେ । ତଥା ହଜ୍‌ରତ୍ ଜୁବୈର ର:ଅଙ୍କ ଚତୁର୍ଥ ପତ୍ନୀ ହଜ୍‌ରତ୍ ଜୈନବ୍ ଉମ୍ମେ ଜାଫର୍ ବିନ୍‌ତେ ମର୍‌ସଦ୍‌ଙ୍କଠାରୁ ଉବୈଦା ଓ ଜାଫର୍ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପଂଚମ ପତ୍ନୀ ହଜ୍‌ରତ୍ ଉମ୍ମେ କୁଲ୍‌ସୁମ୍ ବିନ୍‌ତେ ଉକ୍‌ବାଙ୍କ ଔରଷରୁ ଜୈନବ୍ ଜନ୍ମଗ୍ରହଣ କରିଥିଲେ । ଏହିପରି ହଜ୍‌ରତ୍ ହିଲାଲ୍ ବିନ୍‌ତେ କୈସ୍‌ଙ୍କଠାରୁ ଖଦିଜତୁଲ୍ ସୁବ୍‌ରା ଜନ୍ମଗ୍ରହଣ କରିଥିଲେ ଏବଂ ହଜ୍‌ରତ୍ ଆତ୍‌କା ମଧ୍ୟ ତାଙ୍କର ପତ୍ନୀ ଥିଲେ । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୭୪,୮୩............ ବେରୁତ ୧୯୯୦)***

ଏଠାରେ ହଜ୍‌ରତ୍ ଜୁବୈର ର:ଅଙ୍କ ଜୀବନୀ ଚର୍ଚ୍ଚା ଶେଷ ହେଲା । ବତର୍ମାନ ମୁଁ ନମାଜ ଜୁମା ପରେ କିଛି ମୃତକଙ୍କ ଉତମ ଚରିତ୍ର ଓ ବିଶେଷ ଗୁଣାବଳୀର ଚର୍ଚ୍ଚା କରିବି ଏବଂ ତାଙ୍କ ଯନାଜାଃ ଗାଏବ ମଧ୍ୟ ପାଠ କରିବି ।

ସେମାନଙ୍କ ମଧ୍ୟରେ ପ୍ରଥମେ ହେଲେ ଅଲ୍‌ହାଜ ଇବ୍ରାହିମ ମୁବାଏ ସାହେବ, ନାଏବ ଅମୀର ସୋମ୍ ଗାମ୍ବିଆ ନିବାସୀଙ୍କର ଯିଏ ଚଳିତ ଅଗଷ୍ଟ ମାସ ୧୦ ତାରିଖ ଦିନ ଇହଧାମ ତ୍ୟାଗ କରିଥିଲେ, *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* ସେ ୧୯୪୪ ମସିହା ଜୁନ୍ ମାସ ୪ ତାରିଖରେ ବାଞ୍ଜୁଲ୍‌ଠାରେ ଜନ୍ମଗ୍ରହଣ କରିଥିଲେ । ପୂର୍ବତନ ଅମୀର ଶ୍ରୀମାନ ଚୌଧୁରୀ ସରିଫ୍ ସାହେବଙ୍କ ସମୟକାଳରେ ୧୯୬୧ ୧୯୬୨ ମସିହାରେ ସେ ବୟତ କରି ଅହେମଦୀୟତରେ ସାମିଲ ହୋଇଥିଲେ । ପାଂଚବେଳା ନମାଜ ପାଠ କରିବା ସହିତ ନିୟମିତ ଭାବରେ ତହ୍‌ଯୁଦ୍ ପାଠକାରୀ ଥିଲେ । ଅଲ୍ଲାଃଙ୍କ କୃପାରୁ ମୁସି ମଧ୍ୟ ଥିଲେ, ଅର୍ଥଦାନ କରିବାରେ ସର୍ବପ୍ରଥମେ ଆଗରେ ରହୁଥିଲେ । ତାଙ୍କ ପୁତ୍ର କୁହନ୍ତି ମୃତ୍ୟୁର କିଛି ସମୟ ପୂର୍ବରୁ ମଧ୍ୟ ମୋର ପିତା ତହ୍‌ଯୁଦ୍ ନମାଜ ପାଠ କରିଥିଲେ । ତା'ପରେ ପିଇବା ପାଇଁ ପାନୀୟ ମାଗିଲେ ସେଥିଅନ୍ତେ ନିଜ ସୃଷ୍ଟିକର୍ତାଙ୍କ ସମୀପରେ ହାଜର ହୋଇଗଲେ । ସେ ପବିତ୍ର କୋରାନ୍‌ର ପ୍ରେମୀ ଥିଲେ ଏବଂ ନିୟମିତ ଭାବରେ ପବିତ୍ର କୋରାନ୍‌ର ଆବୃତି କରୁଥିଲେ । ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ନାଏବ ଅମୀର ଭାବରେ ଯମାତ୍‌ର ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଏଥିସହିତ ଅଫ୍‌ସର ଜଲ୍‌ନା ନ୍ୟାସନାଲ ସେକ୍ରେଟାରୀ, ଉମୁରେ ଖାରିଜା ଓ ସଦର ମଜ୍‌ଲିସ୍ ଅନ୍‌ସାରୁଲା ଗାମ୍ବିଆରୂପେ ସେବା କରିବାର ମଧ୍ୟ ସୌଭାଗ୍ୟ ଲାଭ କରିଛନ୍ତି । ସେ ମସ୍‌ରୁର୍ ସେକେଣ୍ଡାରୀ ସ୍କୁଲ୍‌ର ବୋର୍ଡ଼ ମେମ୍ବର ମଧ୍ୟ ଥିଲେ ।

ସେ ଜଣେ Qualified Teacher ଥିଲେ, ଦେଶର ବିଭିନ୍ନ ଅଂଚଳରେ ଜଣେ ଶିକ୍ଷକ ଭାବରେ ଶିକ୍ଷାଦାନ କରିଛନ୍ତି । ନିଜ ଫିଲ୍‌ଡ଼ରେ ଉଚ୍ଚ ଶିକ୍ଷା ଓ ମାଷ୍ଟର କରିବାପାଇଁ ସେ ଆମେରିକା ଯାଇଥିଲେ ସେଠାରୁ ଫେରି ସ୍ୱଦେଶ ଓ ଜାତରି ସେବାରେ ସେ ନିଜକୁ ନିୟୋଜିତ କରିଦେଇଥିଲେ । ଗାମ୍ବିୟାର ଏକ ସୁପ୍ରସିଦ୍ଧ ସଂସ୍ଥା Management Devlopment Institute ର ସଂସ୍ଥାପକ ସଦସ୍ୟମାନଙ୍କ ମଧ୍ୟରୁ ସେ ଅନ୍ୟତମ ଥିଲେ । ସେହି ସଂସ୍ଥାଟି ଗାମ୍ବିୟାରେ Social Servant ଓ ଅନ୍ୟାନ୍ୟ ଉଚ୍ଚ ଶିକ୍ଷା ପ୍ରଦାନ କରିଥାଏ । ସେଠାକାର ଅନେକ ଉଚ୍ଚ ପଦସ୍ଥ ଅଧିକାରୀ ସେହି ସଂସ୍ଥାରୁ ଶିକ୍ଷା ହାସଲ କରିଥାନ୍ତି । ମୃତକଜଣକ ତାହେର୍ ଅହମଦୀୟା ମୁସ୍‌ଲିମ୍ ସିନିୟର୍ ସ୍କୁଲ୍‌ର ପ୍ରିନ୍ସିପାଲ୍ ଓ ନୁସ୍ରତ ସେକେଣ୍ଡାରୀ ସ୍କୁଲ୍‌ର ହେଡ଼ମାଷ୍ଟର ମଧ୍ୟ ରହିଛନ୍ତି । ଅନେକ ଦେଶିୟ ଓ ଅଣଦେଶିୟ ବ୍ୟକ୍ତିଙ୍କୁ ଶିକ୍ଷା ପ୍ରଦାନ କରିଛନ୍ତି । ଲୋକେ ଆପଣଙ୍କୁ My Teacher କହି ସମ୍ବୋଧନ କରନ୍ତି । ସେ ନିଜ ପଛରେ ଦୁଇଜଣ ପତ୍ନୀ ବ୍ୟତିତ ୭ଜଣ ପୁତ୍ର ଓ ଦୁଇଜଣ କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି । ତାଙ୍କର ଜଣେ ପତ୍ନୀ ଆକିବା ସାହିବା ସଦର ଲଜ୍‌ନା ଗାମ୍ବିୟା ଅଛନ୍ତି ଏବଂ ତାଙ୍କର ଜଣେ ପୁତ୍ର ଓ୍ୱାକିଫେ ଜିନ୍ଦେଗୀ ରୂପେ ଯମାତ୍‌ର ସେବା କରୁଛନ୍ତି । ଏହିପରି ଜଣେ ପୁତ୍ର ସଦର ଖୁଦାମ୍ ଭାବରେ ମଧ୍ୟ ସେବା ସମ୍ପାଦନ କରିଛନ୍ତି । ଆମେରିକାରେ ଦୁଇଜଣ ପୁତ୍ର ଅଛନ୍ତି ଏବଂ ଏଠାରେ ୟୁକେରେ ଜଣେ କନ୍ୟା ରହୁଛନ୍ତି । ଅଲ୍ଲାଃ ତାଲା ମୃତକଙ୍କ ସହ ସଦୟ ହୁଅନ୍ତୁ, ତାଙ୍କ ସହ କ୍ଷମା ଆଚରଣ କରନ୍ତୁ ଏବଂ ତାଙ୍କ ଅଭିଳାଷ ଅନୁଯାୟୀ ତାଙ୍କ ପିଲାମାନଙ୍କୁ ସର୍ବଦା ଧର୍ମ ସହ ସଂଶ୍ଲିଷ୍ଟ ରଖନ୍ତୁ ।

ଅମୀର ସାହେବ ଗାମ୍ବିୟା ଲେଖିଛନ୍ତି, ଏହି ଅଧମ ମଧ୍ୟ କ୍ରାବ୍ ଆଇଲାଣ୍ଡ ମିଡ଼ିଲ୍ ସ୍କୁଲ୍ (Crab Island Midle School)ରେ ତାଙ୍କର ଛାତ୍ର ରହିସାରିଛି । ଏଠାକାର ସେ ସମସ୍ତ ଅହେମଦୀ ଛାତ୍ରଙ୍କ ସହ ମିଶି ଗୁରୁବାର ଦିନ ଇସ୍‌ଲାମୀୟତର କ୍ଲାସ ନିଅନ୍ତି ଏବଂ ପିଲାମାନଙ୍କୁ ଇସ୍‌ଲାମ୍ ଧର୍ମ ପ୍ରସଙ୍ଗରେ ଅବଗତ ଓ ଜ୍ଞାନ ବିତରଣ କରନ୍ତି । ସେ ଯମାତ୍‌ର କର୍ମକର୍ତା ଓ ବ୍ୟବସ୍ଥା ପ୍ରତି ସର୍ବଦା ସମ୍ମାନ ପ୍ରଦର୍ଶନ କରିଥାନ୍ତି । ଅମୀର ସାହେବ୍ କହିଲେ ସେ ମୋର ଶିକ୍ଷକ ଥିବା ସତ୍ତ୍ୱେ ମଧ୍ୟ ମୁଁ ଜଣେ ଅମୀର ହୋଇଥିବାରୁ ସେ ସର୍ବଦା ମୋର ଓ ଅନ୍ୟ କର୍ମକର୍ତାଙ୍କର ଆଜ୍ଞାପାଳନ କରନ୍ତି, ସେ ଅତ୍ୟନ୍ତ ପରିଶ୍ରମି, ନିଷ୍ଠାବାନ ଓ ପ୍ରଶସ୍ଥ ହୃଦୟର ଅଧିକାରି ଥିଲେ, ଖିଲାଫତ୍‌ର ବିଶ୍ୱସ୍ଥ ଓ ଆଜ୍ଞାକାରୀ ସର୍ବଦା ଖିଲାଫତ ସହ ସ୍ନେହ ଓ ପ୍ରେମର ସମ୍ପର୍କରେ ଅନ୍ୟମାନଙ୍କ ତୁଳନାରେ ଆଗକୁ ବଢ଼ିବାକୁ ଚେଷ୍ଟା କରୁଥିଲେ । ଧାର୍ମିକ ଜ୍ଞାନ ମଧ୍ୟ ବେଶ୍ ଅଧିକ ରହିଥିଲା । ସର୍ବଦା ପ୍ରମାଣର ସହ ବାର୍ତା କରନ୍ତି, କଥାବାର୍ତା ହୁଅନ୍ତି, ତର୍କ କରନ୍ତି, ଆଧୁନିକ ଉପକରଣ ଓ ବିଭିନ୍ନ ମାଧମରେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ବାର୍ତା ଲୋକମାନଙ୍କ ନିକଟରେ ପହଂଚାଇବାକୁ ଚେଷ୍ଟା କରୁଥିଲେ ।

ଦ୍ୱିତୀୟ ଯନାଜାଃ ଶ୍ରୀମାନ ନଇମ୍ ଅହ୍‌ମଦ୍ ଖାନ୍ ସାହେବ ପିତା ଅବ୍‌ଦୁଲ୍ଲ ଜଲିଲ୍ ଖାନ୍ ସାହେବ ନାଏବ ଅମୀର କରାଚିଙ୍କର ଅଟେ । ତାଙ୍କର ଦେହାନ୍ତ ତିନିମାସ ପୂର୍ବେ ଅପ୍ରେଲ ମାସର ଅନ୍ତିମ ପ୍ରଯ୍ୟାୟରେ ଘଟିଥିଲା, *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ତାଙ୍କର ବଂଶରେ ସର୍ବପ୍ରଥମେ ଶ୍ରୀମାନ ଅଖ୍‌ତର ଅଲୀ ସାହେବଙ୍କ ମାଧମରେ ଅହେମଦୀୟତ ଆସିଥିଲା ଯେ, ହଜ୍‌ରତ୍ ମୌଲବୀ ହସନ୍‌ଅଲୀ ସାହେବ ଭାଗଲ୍‌ପୁରି ସାହାବି ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ମାଧମରେ ବୟତ କରିଥିଲେ । ମୌଲବୀ ଅଖ୍‌ତର ଅଲୀ ସାହେବ ସମ୍ପର୍କରେ ତାଙ୍କ ମାତାଙ୍କ ମାମୁଁ ଓ ପିତାଙ୍କ ଫୁପା ଥିଲେ । ନଇମ୍ ସାହେବ ମାଟ୍ରିକ ପରୀକ୍ଷା ପାଟନା ବିହାରରୁ ପାଶ୍ କରିବାପରେ ୧୯୪୮ ମସିହାରେ ଦେଶ ବିଭାଜନ ଯୋଗୁଁ ଲାହୋର୍‌ରେ ବସତି ସ୍ଥାପନ କରିଥିଲେ । ଦୟାଲ୍ ସିଙ୍ଘଂ କଲେଜ୍‌ରୁ ଇଂଟର କରିବାପରେ ଟିଆଇ କଲେଜ୍ ଲାହୋର୍‌ରେ ଏମ୍.ଏସ୍‌ସ ପାଶ୍ କରିଥିଲେ । ପୁନଶ୍ଚ ଉଚ୍ଚ ଶିକ୍ଷା ହାସଲ କରିବାପାଇଁ ୧୯୫୯ ମସିହାରେ ଲଣ୍ଡନ ଚାଲିଯାଇଥିଲେ । ଏଠାରୁ କରାଚୀ ଫେରି ଗ୍ୟାସ କମ୍ପାନୀରେ ନିଜର କର୍ମଜୀବନ ଆରମ୍ଭ କରିଥିଲେ । ୧୯୯୩ ମସିହାରେ ସିନିୟର ଜେନେରାଲ୍ ମ୍ୟାନେଜର ପଦବୀରୁ ଅବସର ନେଇଥିଲେ ।

ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା କରାଚିରେ ନାଏବ୍ ନାଜିମ୍ ସନ୍‌ଅତ୍ ଓ ତିଜାରତ୍ ଭାବରେ ସେବା ସମ୍ପାଦନ କରିବାର କାର୍ଯ୍ୟ ଆରମ୍ଭ କରିଥିଲେ । ସେଥି ଅନ୍ତେ ନାଏବ୍ କାଏବ୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା କରାଚୀ ତା'ପରେ ୧୯୬୬ ରେ ନାଏବ୍ ମଜ୍‌ଲିସ୍ କରାଚୀ ଭାବରେ ମନୋନୀତ ହୋଇଥିଲେ ଏବଂ ଚାରିବର୍ଷ ପର୍ଯ୍ୟନ୍ତ ଏହି ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ପୁନଶ୍ଚ ମରଟନ୍ ରୋଡ଼ କରାଚି ଅନ୍‌ସାରୁଲ୍ଲାଃର ଜଇମ୍ ଆଲା ଓ ତା'ପରେ

*ଅବଶିଷ୍ଟାଂଶ ପୃଷ୍ଠା- ୮ ରେ ଦେଖନ୍ତୁ...*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ଆମ ଯମାତ୍ ହେଉଛି ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ପେଶଗୋଇ (ଭବିଷ୍ୟବାଣୀ) ମୁତାବକ ଓ ଅଲ୍ଲାଃଙ୍କ ପ୍ରତିଶୃତି ମୁତାବକ ଶେଷ ଯୁଗରେ ଆପଣ ସ:ଆ:ସଙ୍କ ସଚ୍ଚା ଦାସଙ୍କ ଜରିଆରେ ପ୍ରତିଷ୍ଠା କରାଯାଇଥିବା ଯମାତ ।**

**''ଏ ପୃଥିବୀ ପୃଷ୍ଠରେ ବସବାସ କରୁଥିବା ସବୁ ମୁସଲମାନମାନଙ୍କୁ ଗୋଟିଏ ଧର୍ମରେ ଏକତ୍ରିତ କର''**

**ହଜ୍‌ରତ୍ ଅଲୀ ର:ଅ ଏବଂ ହଜ୍‌ରତ୍ ହୁସୈନ୍ ର:ଅଙ୍କ ସହିତ ମୋର ଏକ ସୂକ୍ଷ୍ମ ସମ୍ବନ୍ଧ ରହିଛି । ସେହି ସମ୍ବନ୍ଧର ବାସ୍ତବିକତାକୁ ପୂର୍ବ ଓ ପଶ୍ଚିମର ପାଳନକର୍ତାଙ୍କ ବ୍ୟତିତ ଅନ୍ୟ କେହି ଜାଣନ୍ତି ନାହିଁ । ମୁଁ ହଜ୍‌ରତ୍ ଅଲୀ ଓ ତାଙ୍କର ଦୁଇଜଣ ପୁତ୍ରଙ୍କୁ ବହୁତ ଭଲପାଏ । ଯିଏ ସେମାନଙ୍କ ସହିତ ଶତୃତା କରେ ମୁଁ ତା ସହିତ ଶତୃତା କରିଥାଏ ।**

**ମସିହ ମଉଦ୍ ଏବଂ ଏହି ନ୍ୟାୟବନ୍ତ ଯମାତ୍ ସମସ୍ତ ବିଭେଦତାକୁ ଶେଷ କରିବାପାଇଁ ପ୍ରତିଷ୍ଠା ହୋଇଅଛି ।**

**ଯଦି କିଛି ଇସ୍‌ଲାମ୍‌ର ସେବା ଏ ଯୁଗରେ ହୋଇପାରେ, ଇସ୍‌ଲାମ୍‌ର ସୁରକ୍ଷା ପାଇଁ ଯଦି ଇଚ୍ଛା ଅଛି, ତେବେ ପୁଣି ଏହି ଅଲ୍ଲାଃଙ୍କ ଶୁରବୀରଙ୍କ ସହିତ ଯୋଡ଼ି ହୋଇ ହୋଇପାରେ, ଯାହାକୁ ଅଲ୍ଲାଃ ତାଲା ଏହି କାର୍ଯ୍ୟ ପାଇଁ ପଠାଇଛନ୍ତି ।**

**ଆମର ସଫଳତା ଏବେ ଏଥିର ନିହିତ ରହିଛି ଯେ ଆମେ ଏ ଯୁଗର ଇମାମ୍ ଏବଂ ମସିହ୍ ମଉଦ୍ ଆ:ସଙ୍କ ବୟତ (ଦୀକ୍ଷା)ରେ ଆସିଯିବା**

**ଅଲ୍ଲାଃ ତାଲା ଏହା ନିର୍ଦ୍ଧାରିତ କରିଛନ୍ତି ଯେ ଏଥର ପ୍ରକାଶ୍ୟ ବିଜୟ ମଧ୍ୟ ଇନ୍‌ଶାଅଲ୍ଲାଃ ତାଲା ହୁସୈନୀ ଗୁଣସମ୍ପନ୍ନ ଲୋକମାନଙ୍କର ହେବ ଓ ଶତୃ ଅସଫଳ ହେବେ ।**

**ମସିହ ମଉଦ୍ ଏବଂ ନ୍ୟାୟବନ୍ତଙ୍କ ଯମାତ ମତଭେଦକୁ ଶେଷ କରିବାପାଇଁ ପ୍ରତିଷ୍ଠା ହୋଇଛି । ଆମକୁ ବିରୋଧ, ଆମ ଉପରେ ମୋକଦ୍ଦମା, ଅତ୍ୟାଚାର ଓ ଗାଳିଗୁଲଜ କରାଯିବା ସତ୍ୱେ ମଧ୍ୟ ଆମ ତରଫରୁ ପ୍ରତ୍ୟେକଙ୍କୁ ଶାନ୍ତି, ସୌହାର୍ଦ୍ଧ୍ୟ ଏବଂ ଦୁଆ (ଅର୍ଥାତ ମଙ୍ଗଳକାମନା)ର ବାର୍ତା ମିଳିଥାଏ ।**

**ହକମ୍ ଓ୍ୱ ଅଦଲ୍ (ନ୍ୟାୟବନ୍ତ) ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଲେଖନୀ ଓ ନୀତିବାଣୀର ଅଲୋକରେ ନବୀ ସ:ଆ:ସଙ୍କ ଅହ୍‌ଲେ ବୟତ ଏବଂ ଖୁଲଫାଏ ରାଶେଦୀନ୍ ର:ଅଙ୍କ ଶ୍ରେଷ୍ଠତାର ଚର୍ଚ୍ଚା । ମୋହରମ୍ ମାସର ଦିନଗୁଡ଼ିକରେ ଦରୁଦ୍ ଶରିଫ୍ ପାଠ ଓ ଅନ୍ୟାନ୍ୟ ଦୁଆ (ପ୍ରାର୍ଥନା) ପାଠ କରିବା ପାଇଁ ପ୍ରେରଣା ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୨୮ ଅଗଷ୍ଟ ୨୦୨୦ ଅନୁଯାୟୀ ୨୮ ଜହୁର୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ସାମ୍ପ୍ରତିକ ଯୁଗରେ ଅଲ୍ଲାଃ ତାଲା ନିଜ ଅଙ୍ଗୀକାର ଅନୁଯାୟୀ ନବୀ ଶ୍ରେଷ୍ଠ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଦାସତ୍ୱରେ ଯୁଗାବତାର ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ନ୍ୟାୟ ବିଚାରକ କରି ପ୍ରେରଣ କରିଛନ୍ତି । ସେ ଇସ୍‌ଲାମୀୟ ଶିକ୍ଷାର ଆଧାରରେ ସମସ୍ତ ମୁସଲମାନମାନଙ୍କୁ ଏକତ୍ରିତ କରିବା ବିଧିର ଧାର୍ଯ୍ୟ ବିଧାନ ଥିଲା ଯିଏ ଆସି ବିଭିନ୍ନ ଗୋଷ୍ଠୀର ଭିନ୍ନ ଭିନ୍ନ ମତ ଓ ବ୍ୟାଖ୍ୟା ତଥା ମତାନ୍ତରକୁ ଦୁର କରି ଗୋଟିଏ ସମ୍ପ୍ରଦାୟ କରିଦେବେ । ଅତଏବ ଆଜି ଆମେ ଦେଖୁଅଛେ ଯେ, ମୁସଲମାନମାନଙ୍କ ମଧ୍ୟରୁ ସେହିମାନେ ଯେ ଇସ୍‌ଲାମ୍‌ରେ ମୁଣ୍ଡ ଟେକିଥିବା ମତ ପାର୍ଥକ୍ୟ ଉପରେ ଗଭୀର ଅନୁଧ୍ୟାନ କଲେ ଏବଂ ସେହି ପୀଡ଼ାକୁ ଅନୁଭବ କଲେ ସେମାନେ ନିଜ ବୁଦ୍ଧି, ଜ୍ଞାନ ଓ ଦୁଆ ମାଧ୍ୟମରେ ସାହାଯ୍ୟ ଲୋଡ଼ିଲେ, ତଥା ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଯମାତ୍‌ରେ ସାମିଲ ହୋଇଗଲେ । ଏହି ପ୍ରକ୍ରିୟା ଦିନକୁ ଦିନ ତୀବ୍ରବେଗରେ ବଢ଼ିଚାଲିଛି ଏବଂ ପ୍ରତିବର୍ଷ ଲକ୍ଷାଧିକ ଲୋକ ଯମାତ୍ ଅହେମଦୀୟାରେ ସାମିଲ ହୋଇଚାଲିଛନ୍ତି ସୁତରାଂ ଯମାତ୍ ଅହେମଦୀୟା କୌଣସି ଗୋଟିଏ ଗୋଷ୍ଠୀ ଅବା ଆସ୍ଥାରେ ଭିନ୍ନତା ଅବା ଭିନ୍ନ ମତବାଦ ଓ ବ୍ୟାଖ୍ୟାରେ ପ୍ରତିଷ୍ଠିତ ଯମାତ୍ ନୁହେଁ ବରଂ ଏହା ହଜୁର ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଓ ପ୍ରଭୁଙ୍କ ଅଙ୍ଗୀକାର ଅନୁଯାୟୀ ଶେଷ ଯୁଗରେ ହଜୁର ସ:ଆ:ସଙ୍କ ସଚ୍ଚୋଟତା ମାଧ୍ୟମରେ ପ୍ରତିଷ୍ଠିତ ଯମାତ୍ ଅଟେ । ଯେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ବୟତ କରି ସେହି ମତପ୍ରାର୍ଥକ୍ୟ ଯାହାକି ସିହା ଓ ସୁନ୍ନିଙ୍କ ମଧ୍ୟରେ ରହିଛି ଅବା ଅନ୍ୟ କୌଣସି ଗୋଷ୍ଠୀ ଓ ମାନ୍ୟକାରୀ ମଧ୍ୟରେ ରହିଛି ତାହାକୁ ଦୁର କରି ଗୋଟିଏ ସମ୍ପ୍ରଦାୟ କରିବା ଧାର୍ଯ୍ୟ ଥିଲା । ମୁସଲମାନମାନଙ୍କୁ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ସହ ପରିଚିତ କରି ଗୋଟିଏ ସମ୍ପ୍ରଦାୟ କରିବାର ଅଛି । ଏଥିପାଇଁ ହିଁ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କର ଆବିର୍ଭାବ ହୋଇଥିଲା ଏବଂ ଏଥିସକାଶେ ହିଁ ଅଲ୍ଲାଃ ତାଲାଙ୍କ ଆଦେଶ ଅନୁଯାୟୀ ଯମାତ୍‌ର ସ୍ଥାପନ କରାଗଲା । ଏହି କାର୍ଯ୍ୟ ସମ୍ପାଦନ କରିବାପାଇଁ ପ୍ରଭୁ ଆପଣଙ୍କୁ ଦୈବି ବାଣୀ ପ୍ରଦାନ କରିଥିଲେ । ଅର୍ଥାତ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ କି ସେ ସମସ୍ତ ମୁସଲମାନମାନଙ୍କୁ ଗୋଟିଏ ଧର୍ମରେ ଏକତ୍ରିତ କରନ୍ତୁ ।

*(ତଜ୍‌କରାଃ ପୃ-୪୯୦ ଚତୁର୍ଥ ସଙ୍କଳନ)*

ସୁତରାଂ ଏହି ଦାୟିତ୍ୱ ଆପଣଙ୍କ ଅନ୍ତେ ଆପଣଙ୍କ ଉତରାଧିକାରୀ ଅର୍ଥାତ ଖିଲାଫତ୍ ସହ ଯୋଡ଼ି ରହି ତାହାର ବୟତ କରି ଯମାତ୍ ସମ୍ପାଦନ କରୁଅଛି ଏବଂ ଗତ ୧୩୦ ବର୍ଷ ହେଲା ପ୍ରଭୁଙ୍କ କୃପାରୁ ଆମେ କରିଆସୁଅଛେ ଅବା ଖିଲାଫତର ବ୍ୟବସ୍ଥା ଯେବେଠାରୁ ଆରମ୍ଭ ହେଲାଣି, ଅର୍ଥାତ ୧୧୨ ବର୍ଷ ହେଲା କରିଆସୁଅଛେ । ମୁସଲମାନମାନଙ୍କୁ କେବଳ କୁର୍‌ଆନ୍, ସୁନ୍ନତ, ହଦିସ୍ ଓ ଯୁଗାବତାରାଙ୍କ ବୌଦ୍ଧିକ ଜ୍ଞାନଭିର୍ତିକ ବ୍ୟାଖ୍ୟା ଦ୍ୱାରା ଅବଗତ କରାଯାଉନାହିଁ ବରଂ ଅଣ ମୁସଲମାନମାନଙ୍କୁ ମଧ୍ୟ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସହ ଅବଗତ କରାଇ ସେମାନଙ୍କୁ ଇସ୍‌ଲାମ୍‌ରେ ଅନ୍ତର୍ଭୁକ୍ତ କରିବାପାଇଁ ପ୍ରୟାସ ଜାରି ରହିଅଛି । ଅତଏବ ନ୍ୟାୟବନ୍ତ ତଥା ଯୁଗାବତାର ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଏହି ଯମାତ୍ ବିବିଧତା ଓ ମତାନ୍ତରକୁ ଦୁର କରିବାପାଇଁ ସ୍ଥାପନ କରାଯାଇଛି ଏବଂ ବିରୋଧିମାନଙ୍କ ସମସ୍ତ ଷଡ଼ଯନ୍ତ୍ର, ମୋକଦ୍ଦମା ଓ ଗାଳିଗୁଲଜ ସତ୍ୱେ ଆମେ ଶାନ୍ତି ଓ ସଦଭାବନାର ବାର୍ତା ପ୍ରଦାନ କରିଚାଲିଅଛୁ । ସୁନିଶ୍ଚିତ ଭାବରେ ଆମେ ସତ୍ୟ ଓ ସତ୍‌ଧର୍ମ ପ୍ରଚାର ପ୍ରସାର କରିବାରେ ନିବୃତ ରହିବୁନାହିଁ ବା ଅଟକି ଯିବୁନାହିଁ ବରଂ ଏହି ମାର୍ଗରେ ଆମେ ପ୍ରାଣ ବଳୀ ମଧ୍ୟ ଦେଇଚାଲିବୁ ଓ ଏବେ ମଧ୍ୟ ଦେଇଚାଲିଅଛୁ ଏହା ସତ୍ୱେ

ମଧ୍ୟ ନା ଆମେ କେବେ ଗାଳିଗୁଲଜ ଓ ଝଗଡ଼ା କରୁଅଛୁ ନା ଆସନ୍ତାରେ କରିବୁ । ଐଶିଗୋଷ୍ଠୀର ବିରୁଦ୍ଧାଚରଣ ହେବା ତ ସ୍ୱଭାବିକ ସେମାନଙ୍କୁ ଅତ୍ୟାଚାର ମଧ୍ୟ ସହ୍ୟ କରିବାକୁ ପଡ଼ିଥାଏ କିନ୍ତୁ ଶେଷରେ ପ୍ରଭୁ ସେହିମାନଙ୍କୁ ହିଁ ବିଜୟ ମଣ୍ଡିତ କରିଥାନ୍ତି ଆମେ ଦୁଆ ଓ ପ୍ରୟାସ କରିଚାଲିଥିବୁ ଏବଂ ଯୁଗାବତାରଙ୍କ ବାର୍ତ୍ତା ପ୍ରତ୍ୟେକ ଦେଶ ଓ ପ୍ରତ୍ୟେକ ଜାତିର ଲୋକମାନଙ୍କ ନିକଟରେ ପହଂଚାଇ ଚାଲିଥିବୁ । କିନ୍ତୁ ସାଧାରଣ ମୁସଲମାନ ବୁଦ୍ଧିଜୀବୀ ଓ ସତ୍ୟାନୁସନ୍ଧିଙ୍କୁ ତଥା ବିଭ୍ରାଟ ବିଶୃଙ୍ଖଳା ଦୂର କରିବାକୁ ଚାହୁଁଥିବା ସମ୍ମାନୀୟ ବ୍ୟକ୍ତିମାନଙ୍କୁ ମୁଁ କହିବାକୁ ଚାହେଁ ଯେ ସେମାନେ ଏହାର ଅନୁଧ୍ୟାନ କରିବା ଉଚିତ । ଶହସ୍ରବର୍ଷ ହେଲା ଅର୍ଥାତ ଇସ୍‌ଲାମ୍‌ର ପ୍ରାରମ୍ଭର କିଛିବର୍ଷ ଛାଡ଼ିଦେଲେ ମୁସଲମାନମାନଙ୍କ ମଧ୍ୟରେ ମତାନ୍ତର ଚାଲିଆସିଅଛି ଏବଂ ଏହି ବିଷ ସେମାନଙ୍କ ଏକତା ଓ ଅଖଣ୍ଡତା ଦୁର୍ବଳ କରିଚାଲିଅଛି ଆଜିକାଲି ଆମେ ମହ୍‌ରମ୍ ମାସରେ ଅତିକ୍ରମ କରୁଅଛେ, ଯାହାକି ଇସ୍‌ଲାମୀୟ ବର୍ଷର ପ୍ରଥମ ମାସ ଅଟେ । ଇଂରାଜୀ କ୍ୟାଲେଣ୍ଡରର ମାସ ଆରମ୍ଭ ହେଲେ ଆମେ ପରସ୍ପରକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥାଉ କିନ୍ତୁ ଦୁର୍ଭଗ୍ୟ ବସତଃ ଇସ୍‌ଲାମୀୟ ନୁତନ ବର୍ଷର ଆରମ୍ଭ ହେବା କ୍ଷଣି କେତେକ ଦେଶରେ ଗୋଷ୍ଠୀ ବିଦ୍ରୋହ, ହତ୍ୟା, ବର୍ବରତା ଓ ରକ୍ତପାତରେ ହୋଇଥାଏ । ସେହି ଧର୍ମ ଯେ, ଶାନ୍ତି, ସୁରକ୍ଷା ଓ ସଦ୍‌ଭାବନାର ସର୍ବୋତମ ଶିକ୍ଷା ପ୍ରଦାନକାରି ଧର୍ମ କାହିଁକି ତାହାର ଅନୁଗାମୀ ବର୍ଷର ପ୍ରାରମ୍ଭରେ ପରସ୍ପରର ରକ୍ତପାତ ଓ ବିଭ୍ରାଟ ଓ ବିଶୃଙ୍ଖଳା ସୃଷ୍ଟି କରିବାରେ ନିମଜ୍ଜିତ ରହୁଛନ୍ତି ? ଆମକୁ ଏଥିସଂକ୍ରାନ୍ତରେ ଚିନ୍ତା କରିବା ଉଚିତ ନିଜ ଆଚରଣକୁ ବଦଳାଇବା ଉଚିତ ଆମକୁ ଦେଖିବା ଦରକାର ଯେ, କିଭଳି ଆମେ ମୁସଲମାନମାନଙ୍କୁ ଗୋଟିଏ ଗୋଷ୍ଠୀରେ ଏକତ୍ରିତ କରି ଏହି ବିଭ୍ରାଟ ଓ ସନ୍ତ୍ରାସବାଦର ମୁଳପ୍ପାଟନ କରିବା । ଆମ୍ଭ ପ୍ରୀୟ ନବୀ ଶିରୋମଣୀ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଯେଉଁଠି ଇସ୍‌ଲାମ୍‌ର ପ୍ରାରମ୍ଭିକ ଉନ୍ନତି ପରେ ଏକ ଫଏଜ୍ ଏଓ୍ୱଜ୍ ଅର୍ଥାତ ଆଧାତ୍ମିକ ରହିତ ଯୁଗର ଆଗମନ ହେବାର ସୁସମ୍ବାଦ ଦେଇଥିଲେ । ସେଠାରେ ଅବତାରତ୍ୱ ଧାରାରେ ଖିଲାଫତ ପ୍ରଚଳନ ହେବାର ମଧ୍ୟ ସୁସମାଚାର ପ୍ରଦାନ କରିଥିଲେ । ସେହି ମାମଲା ଯେଉଁଥିପାଇଁ ମୁସଲମାନମାନଙ୍କ ମଧ୍ୟରେ ମତପାର୍ଥକ୍ୟର ଅଭୁଦୟ ହୋଇଥିଲା ସେହି ମାମଲା ଶେଷ ଯୁଗରେ ଖିଲାଫତର ପ୍ରଚଳନ ଦ୍ୱାରା ସେମାନଙ୍କୁ ଗୋଟିଏ ଗୋଷ୍ଠୀ ଓ ଗୋଟିଏ ସମ୍ପ୍ରଦାୟ କରିବାର କାରଣ ସାଜିବ । ମୁସଲମାନମାନଙ୍କ ଉନ୍ନତି ଏକତ୍ୱର ଏକ ଉଜ୍ଜଳମୟ ନିଦର୍ଶନ ପାଲଟିଯିବ । ଯେତେବେଳେ ପବିତ୍ର କୋରାନ୍ ଓ ହଦିସର ଏହି ଚିହ୍ନମାନ ପ୍ରକଟିତ ହେଉଅଛି ବା ହୋଇଗଲାଣି ତେବେ କାହିଁକି ବା ଆମେ ସେହି ନ୍ୟାୟ ବିଚାରକ ଯୁଗାବତାରଙ୍କର ପଡ଼ତାଲ କରିବାନାହିଁ । ସେ ସିହା, ସୁନ୍ନି ଓ ବିଭିଦ ଗୋଷ୍ଠୀର ମତଭେଦକୁ ଦୂର କରି ଆମକୁ ଏକ୍ କରିଦେବେ । ଏହି ଅନ୍ଧ ଓ ନାମକୁ ମାତ୍ର ବିଦ୍ୱାନ ବୋଲାଉଥିବା ମୁସଲମାନ ପଣ୍ଡିତମାନଙ୍କ ଆଜ୍ଞାପାଳନ କରିବାରୁ ନିବୃତ ରୁହ ଯିଏ ସ୍ୱୟମ ଗଭୀର ଜଳପ୍ରପାତରେ ବୁଡ଼ି ରହିବା ସହିତ ଗୋଟିଏ ବଡ଼ ଦଳକୁ ବୁଡ଼େଇବାକୁ ଚେଷ୍ଟା କରୁଛନ୍ତି । ଦେଖ ଯେତେବେଳେ ସେହି ନିଦର୍ଶନମାନ ପୂରଣ ହୋଇଚାଲିଛି ତେବେ ଆମକୁ ଦେଖିବାକୁ ହେବ ଯେ, ସେ ଆଗମନକାରୀ କେଉଁଠି ଅଛନ୍ତି, ସେ କିଏ ଯେ ଇସ୍‌ଲାମ୍‌ର ପୂର୍ନବିନ୍ୟାସ ନିମନ୍ତେ ପ୍ରଭୁଙ୍କ ନିକଟରୁ ଆସିବେ ଆମେ ଅହେମଦୀଗଣ କହିଥାଉ କି ସେ ହେଉଛନ୍ତି ହଜ୍‌ରତ୍ ମିର୍ଜା ଗୁଲାମ୍ ଅହ୍‌ମଦ୍ ସାହେବ, ଯାହାଙ୍କୁ ଅଲ୍ଲାଃ ତାଲା ଏହି ଦାୟିତ୍ୱଭାର ପ୍ରଦାନ କରିଛନ୍ତି । ଯାହାଙ୍କ ମାଧ୍ୟମରେ ଅଲ୍ଲାଃ ଇସ୍‌ଲାମ୍‌ର ପୂନଃସ୍ଥାପନ କରି ସମସ୍ତ କଳହ ଓ ବିଭ୍ରାଟକୁ ଦୂର କରି ଶାନ୍ତି ଓ ସୁରକ୍ଷାର ବାତାବରଣ ସୃଷ୍ଟି କରିବେ । ସୁତରାଂ ଯଦି ଆମ ମଧ୍ୟରେ ବୁଦ୍ଧି ଓ ବିବେକ ଅଛି ତେବେ ଆମେ ମୋହ୍‌ରମ୍‌କୁ କେବଳ ଏକ ମର୍ମାହତ ବେଳାପ କରିବା ଅବା ଈର୍ଷା ଓ ଘୃଣାଭାବକୁ ମନରୁ ଦୂର କରିବା ମାସ ଭାବରେ ଅତିବାହିତ କରିବାର ନାହିଁ ବରଂ ପରସ୍ପର ସହ ସ୍ନେହ, ପ୍ରେମ ଓ ଭାତୃଭାବର ମାସ କରି ଏବଂ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାର ଅନୁସରଣ କରି ତଥା ସେହି ଯୁଗାବତାରଙ୍କ ପଦାଙ୍କ ଅନୁସରଣ କରି ଯିଏ ନ୍ୟାୟ ବିଚାରକ ହୋଇ ଆସିଛନ୍ତି, ତାହାଙ୍କ ଉପଦେଶାବଳୀ ଉପରେ ପରିଚାଳିତ ହେବା । ତାହେଲେ ଆମେ ଅନ୍ୟମାନଙ୍କୁ ନିଜ ପଛରେ ଅନୁସରଣ କରାଇପାରିବା । ହଜ୍‌ରତ୍ ମସିହ ମଉଦ୍ ଆ:ସ ଗୋଟିଏ ସ୍ଥାନରେ ଜଣେ ବିଦ୍ୱାନକୁ ବୁଝାଇ କୁହନ୍ତି ମୋର ପଦମର୍ଯ୍ୟାଦା ଜଣେ ସାଧାରଣ ମୌଲବୀ ପରି ନୁହେଁ ବରଂ ମୋର ପଦମର୍ଯ୍ୟାଦା ଅବତାରତ୍ୱର ପଦମର୍ଯ୍ୟାଦ ଅଟେ । ମତେ ଯଦି ଜଣେ ଐଶିପୁରୁଷ ରୂପେ ସ୍ୱୀକାର କରିବେ ତେବେ ସମସ୍ତ ଝଗଡ଼ା ଓ କଳହ ବିଦ୍ୱେଷଭାବ ମୁସଲମାନମାନଙ୍କ ମଧ୍ୟରେ ରହିଛି ତାହାସବୁ ସଙ୍ଗେ ସଙ୍ଗେ ଅର୍ଥାତ ନିମିଷକେ ଉଭାନ ହୋଇଯିବ । ସେ ପବିତ୍ର କୋରାନ୍‌ର ଯେଉଁ ବ୍ୟାଖ୍ୟା କରିବେ ତାହା ହିଁ ସଠିକ୍ ହେବ ଏବଂ ଯେଉଁ ହଦିସ୍‌କୁ ସେ ନିର୍ଭୁଲ ବୋଲି କହିବେ ତାହା ହିଁ ଠିକ୍ ହେବ । ନଚେତ ଆଜି ପର୍ଯ୍ୟନ୍ତ ସିହା, ସୁନ୍ନି ଝଗଡ଼ାର ସମାଧାନ ହୋଇପାରିନାହିଁ । ସିହାମାନେ ପ୍ରଥମ ତିନି ଖଲିଫାଙ୍କୁ ସ୍ୱୀକାର କରୁନାହାନ୍ତି ସେମାନଙ୍କ ସମ୍ବନ୍ଧରେ ଅପଭାଷା ପ୍ରୟୋଗ କରୁଛନ୍ତି ଆଉ କେତେକ କୁହନ୍ତି ହଜ୍‌ରତ୍ ଅଲୀ ଖିଲାଫତର ଆସନ ପ୍ରତି ଆଶକ୍ତି ରଖିଥିଲେ କି ତାହା ତାଙ୍କୁ ପ୍ରାପ୍ତ ହେବ କିନ୍ତୁ ହଜ୍‌ରତ୍ ଅବୁବକର ର:ଅ ଏଥିରେ ବାଧକ ସାଜିଲେ । ଆପଣ ଆ:ସ କୁହନ୍ତି କିନ୍ତୁ ମୁଁ କହୁଅଛି କି ଯେ ପର୍ଯ୍ୟନ୍ତ ଏମାନେ ନିଜର ଏହି ଆଚରଣ ପରିହାର କରି ମୋ ସହିତ ସଂଶ୍ଲିଷ୍ଟ ହୋଇନାହାନ୍ତି ଏବଂ ଆମ ଦୃଷ୍ଟିକୋଣରୁ ଦେଖିନାହାନ୍ତି ସେ ପର୍ଯ୍ୟନ୍ତ କଦାପି ସତ୍ୟ ଓ ସତ୍‌ପଥକୁ ପ୍ରାପ୍ତ କରିପାରିବେ ନାହିଁ । ଯଦି ସେମାନଙ୍କୁ ବିଶ୍ୱାସ ନାହିଁ ତେବେ ଏତିକି ତ ସ୍ମରଣ କରିବା ଉଚିତ ଯେ ଶେଷରେ ଆମକୁ ଏହି ଧରାପୃଷ୍ଠରୁ ଦିନେ ନା ଦିନେ ବାହୁଡ଼ି ଯିବାକୁ ହେବ ଏବଂ ମୃତ୍ୟୁ ଅନ୍ତେ ମଧ୍ୟ ପବିତ୍ର ଜୀବନରୁ କଦାପି ମୁକ୍ତି ଲାଭ କରିପାରିବେ ନାହିଁ । ଗାଳି, ମନ୍ଦ ଓ ଅଭାଷାକୁ ଯେତେବେଳେ ଜଣେ ସୃଜନ ବ୍ୟକ୍ତି ପସନ୍ଦ କରେ ନାହିଁ ତେବେ ପରମେଶ୍ୱରଙ୍କ ନିକଟରେ ତାହା କିଭଳି ଉପାସନା ସାବ୍ୟସ୍ତ ହେବ । ଯେପରି କି ସିଆ ଓ ସୁନ୍ନିମାନେ ପରସ୍ପର ପ୍ରତି ଆଚରଣ କରୁଛନ୍ତି । ଏହିପରି ମନ୍ଦ କର୍ମ, ଅନ୍ୟାୟ ଓ ଅତ୍ୟାଚାର କରୁଥିବା ବ୍ୟକ୍ତି ପ୍ରଭୁଙ୍କ ଶରଣେ ଉପାସନାର ମାନ୍ୟତା କିଭଳି ପାଇପାରିବ ।

ଏଥିପାଇଁ ମୁଁ କହୁଅଛି ମୋ ନିକଟକୁ ଆସ ଏବଂ ମୋ ହିତବାଣୀ ପ୍ରତି କାନ ଦିଅ ଯଦ୍ୱାରା ତୁମକୁ ସତ୍ୟତା ଦୃଶ୍ୟମାନ ହେବ । ମୁଁ ତ ସବୁକିଛି ପରିତ୍ୟାଗ କରିବାକୁ ଚାହୁଁଛି, ଦେଖ ନିଷ୍ଠାର ସହ କ୍ଷମା ଯାଚନା କର କାରଣ ଏତଦ୍‌ଦ୍ୱାରା ତୁମେ ବିଶ୍ୱାସକାରୀ ପାଲଟିଯିବ ସେ କପଟପଣର ବସ୍ତ୍ର ପରିଧାନ କରି ଭ୍ରମ ବିଶ୍ୱାସର ଗେରୁଆ ବସ୍ତ୍ର ଧାରଣ କରିଛି ତାହାକୁ ସ୍ୱଶରୀରରୁ ବର୍ଜନ କର ତେବେ ଯାଇ ବିଶ୍ୱାସକାରୀ ହୋଇଯିବ । ପୁନଶ୍ଚ ଯେଉଁ ଇମାମ୍‌ଙ୍କର ତୁମେ ଅପେକ୍ଷାର ଥିଲ ସେ ହେଉଛି ମୁଁ ତେଣୁ ତାହାର ପ୍ରମାଣ ମୋ ଠାରୁ ନିଅ ।

*(ମଲ୍‌ଫୁଜାତ୍ ଖଣ୍ଡ-୨, ପୃ-୧୪୦-୧୪୧)*

ସୁତରାଂ ଏହା ହେଉଛି ସେହି ବାସ୍ତବତା ଯଦ୍ୱାରା ଧର୍ମର ସଠିକ୍ ଜ୍ଞାନ ପ୍ରାପ୍ତି ହେବ । ପାରସ୍ପରିକ କଳହ ଓ ଗର୍ବ ଅହଙ୍କାରକୁ ସମାପ୍ତ କର ତା'ପରେ ଯାଇ ପ୍ରଭୁଙ୍କ ଶରଣେ ପ୍ରାର୍ଥନା କର, କ୍ଷମା ଜାଚନା କର ଏବଂ ଏହା ସେତେବେଳୁ ଯାଇ ସମ୍ଭବ ହେବ ଯେତେବେଳେ ନିଜ ହୃଦୟରୁ ସମସ୍ତ ପ୍ରକାର ମଳିନତାକୁ ପରିଷ୍କାର କରି ପ୍ରଭୁଙ୍କ ନିକଟରେ ଆନତ ହେବ । ତେବେ ଯାଇ ପ୍ରଭୁ ତୁମକୁ ସତ୍‌ମାର୍ଗ ପ୍ରଦର୍ଶନ କରିବେ । ହଜ୍‌ରତ୍ ମସିହ ମଉଦ୍ ଆ:ସ ଖୁଲଫାଏ ରାଶେଦୀନ୍ (ଅର୍ଥାତ ଇସ୍‌ଲାମ୍‌ର ପ୍ରାରମ୍ଭିକ ଚାରିଜଣ ଖଲିଫା)ଙ୍କ ସ୍ତର ଓ ପଦମର୍ଯ୍ୟାଦା ବର୍ଣ୍ଣନା କରି ଗୋଟିଏ ସ୍ଥାନରେ କୁହନ୍ତି ।

"ମୁଁ ଜାଣେ ଯେ କୌଣସି ବ୍ୟକ୍ତି ସେ ପର୍ଯ୍ୟନ୍ତ ବିଶ୍ୱାସକାରୀ ଓ ମୁସଲମାନ ହୋଇପାରିବ ନାହିଁ, ଯେ ପର୍ଯ୍ୟନ୍ତ ଅବୁବକର, ଉମର, ଉସ୍‌ମାନ ଓ ହଜ୍‌ରତ୍ ଅଲୀଙ୍କ ପରି ରଙ୍ଗ ନିଜ ଭିତରେ ଉତ୍ପନ କରିବାକୁ ପ୍ରୟାସ ନ କରିଛି । ସେମାନେ ସଂସାର ପ୍ରେମୀ ନଥିଲେ ବରଂ ସେମାନେ ନିଜ ଜୀବନ ପ୍ରଭୁଙ୍କ ମାର୍ଗରେ ଅର୍ପଣ କରିଦେଇଥିଲେ ।

*(ମଲ୍‌ଫୁଜାତ୍ ଖଣ୍ଡ-୮, ପୃ-୨୬୦-୨୬୧)*

ଯେତେବେଳେ ଏହି ଚାରିଜଣଙ୍କୁ ନିଜର ଆଦର୍ଶ ମଣିବ ସେତେବେଳେ କଣ ଗୋଷ୍ଠୀ ସଂଘର୍ଷର ଓ ଯୁକ୍ତିତର୍କର କିଛି ଅଂଶ ବାକି ରହିପାରିବ ? ନାଁ ସୁତରାଂ ଯମାତ୍ ଅହେମଦୀୟାର ଏହି ଆସ୍ଥା ରହିଛି ଯେ ଏମାନେ ସମସ୍ତେ ହେଉଛନ୍ତି ଆମପାଇଁ ଆଦର୍ଶ ଏପରି ଅବସ୍ଥାରେ ଯମାତ୍ ଅହେମଦୀୟା ଏକ ମୁସଲମାନ ଗୋଷ୍ଠୀ ହୋଇ ରହିଯାଇନଥାଏ ବରଂ ସେ ସମସ୍ତ ଗୋଷ୍ଠୀ ମଧ୍ୟରେ ଥିବା ବିଭିଦତାର ମୁଳପ୍ପାଟନ କରି ସେମାନଙ୍କୁ ଏକତାର ସୂତ୍ରରେ ଏକାଠି କରୁଥିବା ଯମାତ୍ ପାଲଟି ଯାଇଥାଏ । ଇସ୍‌ଲାମ୍‌ର ଚାରି ଖଲିଫାଙ୍କ ସ୍ତର ଓ ଉଚ୍ଚ ଆସନ ସମ୍ବନ୍ଧରେ ହଜ୍‌ରତ୍ ମସିହ ମଉଦ୍ ଆ:ସ ବେଶ୍ ବିସ୍ତାର ଭାବରେ ବିଭିନ୍ନ ସ୍ଥାନରେ ବର୍ଣ୍ଣନା କରିଛନ୍ତି । ତାହା ପ୍ରତ୍ୟେକଙ୍କୁ ଅର୍ଥାତ ନବାଗତ ଯୁବକ ଓ ନୂତନ ପିଢ଼ୀକୁ ଅବଗତ କରିବାପାଇଁ ଉଦ୍ଦିଷ୍ଟ ଯେ ସେମାନେ ଜାଣନ୍ତୁ କି ଆମ ଯମାତ୍‌ର ପ୍ରଥା କଣ ସେଥିମଧ୍ୟରୁ କିଛି ମୁଁ ଏଠାରେ ଉପସ୍ଥାପନ କରିଦେଉଛି ।

ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତିଁ: ଚଳିତ ଯୁଗରେ ମଧ୍ୟ ମୁସ୍‌ଲେମା ଅଛନ୍ତି ଯେପରି ଅବୁବକରଙ୍କ ଖିଲାଫତ୍‌ର ପ୍ରାରମ୍ଭରେ ମୁସ୍‌ଲେମା ଲୋକମାନଙ୍କୁ ଭ୍ରମିତ କରି ଏକତ୍ରିତ କରିଥିଲା । ଭୁଲ୍ ବ୍ୟାଖ୍ୟା କରି ଅନୁଚିତ କାର୍ଯ୍ୟକୁ ବୈଧ୍ୟ କରି ଲୋକମାନଙ୍କ ପ୍ରବର୍ତାଇ ଥିଲା ଏବଂ ନିଜ ସହ ସାମିଲ କରିଦେଇଥିଲା । ଏଭଳି ଉତ୍କଟ ପରିସ୍ଥିତିରେ ହଜ୍‌ରତ୍ ଅବୁବକର ର:ଅ ଖିଲାଫତର ଦାୟିତ୍ୱ ଭାର ବହନ କରିଥିଲେ କଣ କେହି ଏହା କଳନା କରିପାରିବ ଯେ ତାଙ୍କୁ କିଭଳି ସମସ୍ୟାର ସମ୍ମୁଖିନ ହେବାକୁ ପଡ଼ିଥିବ । ଯଦି ତାହା ତାହାଙ୍କ ଅର୍ଥାତ ଅବୁବକର ର:ଅଙ୍କ ହୃଦୟ ହଜୁର ସ:ଆ:ସଙ୍କ ରଙ୍ଗରେ ରଙ୍ଗୀନ ହୋଇନଥାନ୍ତା ତେବେ ତାହା ଅସମ୍ଭାଳ ଓ ବିବ୍ରତ ହୋଇପଡ଼ିଥାନ୍ତା । କିନ୍ତୁ ସିଦ୍ଧିକ୍ ଅର୍ଥାତ ଅବୁବକର ନବୀ ସ:ଆ:ସଙ୍କ ପ୍ରତିବିମ୍ବ ଥିଲା ହଜୁର ସ:ଆ:ସଙ୍କ ଚରିତ୍ରର ପ୍ରଭାବ ତାଙ୍କ ଉପରେ ଗଭୀର ଭାବରେ ପଡ଼ିଥିଲା । ସେହି ହୃଦୟ ବିଶ୍ୱାସର ପ୍ରକାଶରେ ପରିପୂର୍ଣ୍ଣ ଥିଲା । ସେଥିପାଇଁ ତ ସେ ଅଦମ୍ୟ ସାହାସ ଓ ବିରତ୍ୱ ପ୍ରଦର୍ଶନ କଲେ । ଯାହାର ଦୃଷ୍ଟାନ୍ତ ଅନ୍ୟ କୌଣସି ଠାରେ ଆମକୁ ଦେଖିବାକୁ ମିଳୁନାହିଁ । ତାଙ୍କ ଜୀବନ ଇସ୍‌ଲାମ୍‌ରେ ଅର୍ଥାତ ହଜ୍‌ରତ ଅବୁବକର ର:ଅଙ୍କ ଜୀବନ ଇସ୍‌ଲାମ୍‌ରେ ଲୀନ ହୋଇ ରହିଥିଲା । ଏହା ଏଭଳି ସିଦ୍ଧ ମାମଲା ଥିଲା ଯେ ଏଥି ସକ୍ରାନ୍ତରେ କୌଣସି ତର୍କରେ ପଡ଼ିବାର ଆବଶ୍ୟକତା ହିଁ ନାହିଁ । ସେ ସମୟର ଇତିହାସକୁ ଅଧ୍ୟୟନ କରିନିଅ ଏବଂ ଦେଖିନିଅ ଇସ୍‌ଲାମ୍‌ର କିଭଳି ସେବା ହଜ୍‌ରତ୍ ଅବୁବକର ର:ଅ ସମ୍ପାଦନ କରିଥିଲେ । ମୁଁ ସତ କହୁଅଛି ହଜ୍‌ରତ୍ ଅବୁବକର ଇସ୍‌ଲାମ୍ ପାଇଁ ଦ୍ୱିତୀୟ ଆଦମ୍ ଥିଲେ ମୋର ବିଶ୍ୱାସ ଯେ, ହଜୁର ସ:ଆ:ସଙ୍କ ପରେ ଅବୁବକରଙ୍କ ଅସ୍ତିତ୍ୱ ନଥିଲେ ଇସ୍‌ଲାମ୍ ବାକି ରହିନାଥାନ୍ତା ଅର୍ଥାତ ଶତୃର ଆକ୍ରମଣରୁ ରକ୍ଷା କରିବା ଓ ଶରିୟତକୁ ସୁରକ୍ଷା ରଖିବା ନିମନ୍ତେ ସେତେବେଳେ ଅଲ୍ଲାଃ ତାଲା ହଜ୍‌ରତ୍ ଅବୁବକର ର:ଅଙ୍କୁ ଛିଡ଼ା କରିଥିଲେ । ସେ ଇସ୍‌ଲାମ୍‌ର ବାସ୍ତବିକ ରୂପ ଓ ହଜୁର ସ:ଆ:ସଙ୍କ ବିଶେଷ ପ୍ରଶିକ୍ଷଣ ଓ ସର୍ମ୍ପକ ଯୋଗୁଁ ଶତୃର ଆକ୍ରମଣକୁ ଶିଥିଳ ଓ ଦୁର୍ବଳ କରିଦେଇଥିଲେ । ଆପଣ କୁହନ୍ତି ହଜ୍‌ରତ୍ ଅବୁବକର ର:ଅଙ୍କର ଅପାର ଦୟା ଯେ ସେ ଇସ୍‌ଲାମ୍‌କୁ ପୁନଃ ପ୍ରତିଷ୍ଠା କଲେ ନିଜ ବିଶ୍ୱାସର ଶକ୍ତି ମାଧ୍ୟମରେ ବିଦ୍ରୋହୀମାନଙ୍କୁ ଦଣ୍ଡିତ କଲେ ଏବଂ ଶାନ୍ତି ପ୍ରତିଷ୍ଠା ଏହିପରି କଲେ ଯେପରି ପ୍ରଭୁଙ୍କର ଅଙ୍ଗୀକାର ଥିଲା କି ମୁଁ ସତ୍ୟବାଦୀ ଖଲିଫାଙ୍କୁ ଛିଡ଼ା କରିବି, ଉକ୍ତ ଭବିଷ୍ୟବାଣୀ ହଜ୍‌ରତ୍ ଅବୁବକର ର:ଅଙ୍କ ଦ୍ୱାରା ପୂରଣ କଲେ ଏବଂ ଆକାଶ ଓ ପୃଥିବୀ ବ୍ୟବହାରିକ କ୍ଷେତ୍ରରେ ପ୍ରମାଣ ଦେଲେ ଅତଃ ଏହା ସିଦ୍ଧିକ ଅବୁବକରଙ୍କ ସଜ୍ଞା । ଏଥିରେ ସତ୍ୟତା ଏତେ ମାତ୍ରାରେ ପହଂଚିଯାଇଥିଲା ଯେତେମାତ୍ରାରେ ହେବା ଉଚିତ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୮୦-୩୮୧)*

ପୁନଃ ହଜ୍‌ରତ୍ ଉମର୍ ର:ଅଙ୍କ ଗୁଣଗାରିମା ଓ ଉଚ୍ଚ ଆସନର ଚର୍ଚ୍ଚା କରି ହଜ୍‌ରତ୍ ମସିହ ମଉଦ୍ ଆ:ସ ଗୋଟିଏ ସ୍ଥାନରେ କୁହନ୍ତି, ହଜ୍‌ରତ୍ ଉମର୍ ର:ଅଙ୍କ ଉଚ୍ଚ ଆସନ ସମ୍ବନ୍ଧରେ ଜାଣିଛ ଯେ, ସାହାବାଙ୍କ ମଧ୍ୟରେ କିଭଳି ତାଙ୍କର ପଦମର୍ଯ୍ୟଦା ଉଚ୍ଚସ୍ତରରେ ଅଧିଷ୍ଠିତ ଥିଲା । ଏପରି କି କେତେକ ସମୟରେ ତାଙ୍କ ରାୟ ମୁତବାକ ପବିତ୍ର କୋରାନ୍‌ରେ ନିତୀଶିକ୍ଷା ଅବତୀର୍ଣ୍ଣ ହୋଇଥିଲା । ତାଙ୍କ ପ୍ରସଙ୍ଗରେ ଏହି ହଦିସ୍ ରହିଛି କି ଶୈତାନ୍ ଉମର୍‌ଙ୍କ ଛାଇ ଦେଖିଲେ

ପଳାୟନ କରୁଥିଲା । ଦ୍ୱିତୀୟ ହଦିସ୍ ରହିଛି କି ଯଦି ମୋ ଅର୍ଥାତ ମୁହମ୍ମଦ୍ ସ:ଆ:ସଙ୍କ ପରେ କେହି ନବି ହୋଇଥାଆନ୍ତେ ତେବେ ହଜ୍‌ରତ୍ ଉମର୍ ର:ଅ ହୋଇଥାଆନ୍ତେ । ତୃତୀୟ ହଦିସ୍ ଏହିପରି ରହିଛି ଯେ, ପୂର୍ବ ଧର୍ମରେ ମହ୍‌ଦିସ୍ ଆସିଛନ୍ତି କିନ୍ତୁ ଏହି ଧର୍ମରେ ଅର୍ଥାତ ଇସ୍‌ଲାମ୍‌ରେ ଯଦି କିଏ ମହଦିସ୍ ଅଛନ୍ତି ତେବେ ସେ ହେଉଛନ୍ତି ହଜ୍‌ରତ୍ ଉମର୍ ର:ଅ" ।

*(ଅଜାଲାଏ ଅଓହାମ୍, ରୁ ଖ-୩, ପୃ-୨୧୯)*

ଆଉ ଏକ ସ୍ଥାନରେ ହଜ୍‌ରତ୍ ମସିହ ମଉଦ୍ ଆ:ସ ହଜ୍‌ରତ୍ ଅବୁବକର ର:ଅ, ହଜ୍‌ରତ୍ ଉମର୍ ର:ଅ ଓ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଏକତ୍ର ଚର୍ଚ୍ଚା କରି ଉଲ୍ଲେଖ କରନ୍ତି ମୋ ପ୍ରଭୁ ମୋ ଉପରେ ଏକଥା ପ୍ରକାଶ କରିଛନ୍ତି କି ସିଦ୍ଦିକ୍, ଫାରୁକ ଓ ଉସ୍‌ମାନ ର:ଅ ପୂଣ୍ୟବନ୍ତ ଓ ବିଶ୍ୱାସକାରୀ ଥିଲେ ଏବଂ ସେହି ଲୋକମାନଙ୍କ ମଧ୍ୟରେ ଥିଲେ ଯାହାଙ୍କୁ ପ୍ରଭୁ ଚୟନ କରିନେଇଥିଲେ ଓ ଯେଉଁମାନେ ପ୍ରଭୁଙ୍କ ବିଶେଷ ପୁରସ୍କାର ଦ୍ୱାରା ପୁରସ୍କୃତ ହୋଇଥିଲେ ଏବଂ ଅଧିକାଂଶ ଦିବ୍ୟଦର୍ଶୀ ତାଙ୍କ ସୁଗୁଣର ସାକ୍ଷ୍ୟ ଦେଇଛନ୍ତି । ସେମାନେ ଐଶ୍ୱର୍ଯ୍ୟମୟ ପରମେଶ୍ୱରଙ୍କ ଖାତିର୍ ନିଜ ମାତୃଭୁମିକୁ ଛାଡ଼ିଲେ ପ୍ରତ୍ୟେକ ଭୟଙ୍କର ଯୁଦ୍ଧରେ ସାମିଲ ହେଲେ । ଗ୍ରୀଷ୍ମଋତୁର ଉତପ୍ତ ମଧ୍ୟାହ୍ନ ତାପ ଓ ପ୍ରବଳ ଶୀତଜାଡ଼ ରାତ୍ରିର ହାଡ଼ଭଙ୍ଗା ଶୀତର ଭ୍ରୁକ୍ଷେପ ନ କରି ବରଂ ବଳିଷ୍ଠ ଯୁବକଙ୍କ ପରି ଧର୍ମମାର୍ଗରେ ପ୍ରେମୀଙ୍କ ପରି ପଡ଼ିରହିଥିଲେ ଏବଂ ଆପଣା ଓ ପର କାହା ପ୍ରତି ତିଳେମାତ୍ର ନଜର ନ କରି ଅଲ୍ଲାଃ ପରମ୍‌ବ୍ରହ୍ମଙ୍କ ଖାତିର ସବୁକିଛି ତ୍ୟାଗ କରିଦେଇଥିଲେ । ସେମାନଙ୍କ ଆଚର, ବ୍ୟବହାରରେ ସୁଗନ୍ଧ ଓ ମହକ ଭରି ରହିଥିଲା । ଏ ସବୁ କିଛି ତାଙ୍କ ଉଚ୍ଚ ସ୍ତର, ପଦମର୍ଯ୍ୟାଦା ଓ ପୂଣ୍ୟକର୍ମର ଉଦ୍ୟାନ ପ୍ରତି ଧ୍ୟାନ କେନ୍ଦ୍ରିତ କରୁଅଛି । ତାଙ୍କ ପୂଣ୍ୟକର୍ମର ଶୀତଳ, ଶାନ୍ତ ଓ ମୃଦୁପବନ ମଳୟ ପବନ ସେମାନଙ୍କ ଗୁପ୍ତ ବିଷୟର ସୁଚନା ଦେଉଅଛି ଏବଂ ସେମାନଙ୍କ ପ୍ରକାଶର ଉତ୍ସ ଆମମାନଙ୍କ ସମ୍ମୁଖରେ ସ୍ପଷ୍ଟରୂପେ ପରିପ୍ରକାଶ ହେଉଅଛି" ।

*(ସିରତୁଲ୍ ଖିଲାଫା ଉର୍ଦ୍ଦୁ ଅନୁବାଦ ପୃ-୨୫-୨୬, ରୁ-ଖ-୮, ପୃ-୩୨୬)*

ଏ ସବୁ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପୁସ୍ତକ ଶିରତୁଲ୍ ଖିଲାଫତର ଅଂଶ ବିଶେଷ ଯାହା କି ଏକ ଆରବୀ ପୁସ୍ତକ ଯଦିଚ ବର୍ତମାନ ତାହାର ଅନୁବାଦ କରିବା ସେତେଟା ସ୍ୱୀକାର ଯୋଗ୍ୟ ହୋଇପାରିବ ନାହିଁ । କିନ୍ତୁ ଯେତେବେଳେ ରିପିଟ ହେବ ସେତେବେଳେ ମୁଳପୁସ୍ତକରୁ ତାହା ସଂଗ୍ରହ କରି ଅନୁବାଦ କରିଦେବେ ।

ହଜ୍‌ରତ୍ ଅଲୀ ର:ଅଙ୍କ ଖ୍ୟାତି, ପ୍ରଶଂସା ଓ ଆପଣଙ୍କ ଉଚ୍ଚସ୍ତରର ଚର୍ଚ୍ଚା କରି ହଜ୍‌ରତ୍ ମସିଦ୍ ମଉଦ ଆ:ସ କୁହନ୍ତି: ହଜ୍‌ରତ୍ ଅଲୀ ର:ଅ ପବିତ୍ର ସ୍ୱଭାବର ବ୍ୟକ୍ତିତ୍ୱ ଥିଲେ ଏବଂ ସେହି ଲୋକମାନଙ୍କ ମଧ୍ୟରୁ ଥିଲେ ଯେଉଁମାନେ ପରମ ଦୟାଳୁ କୃପାଳୁ ପ୍ରଭୁଙ୍କ ନିକଟରେ ଅଧିକ ପ୍ରୀୟ ହୋଇଥାନ୍ତି । ହଜ୍‌ରତ୍ ଅଲୀ ନିଜ ଗୋଷ୍ଠୀ ମଧ୍ୟରେ ବିଶେଷ ସ୍ଥାନ ଅଧିକାର କରିଥିବା ବ୍ୟକ୍ତିତ୍ୱ ଥିଲେ ତଥା ଯୁଗର ସର୍ଦ୍ଦାରମାନଙ୍କ ସର୍ଦ୍ଦାର ଥିଲେ । ଆପଣ ପରାକର୍ମୀ ଈଶ୍ୱରଙ୍କ ସିଂହ, ଦୟାଳୁ ଈଶ୍ୱରଙ୍କ ବୀରବର, ଦାନୀ ଓ ପବିତ୍ର ଆତ୍ମା ଥିଲେ । ଆପଣ ଏଭଳି ଅନ୍ୟନ୍ୟ ଓ ସାହାସି ଥିଲେ ଯିଏ ଯୁଦ୍ଧ କ୍ଷେତ୍ରରେ ନିଜ ସ୍ଥାନରେ ଅଟଳ ଓ ଅବିଚଳ ରହୁଥିଲେ । ଏପରି କି ଏକାକି ଆପଣଙ୍କ ବିରୋଧରେ ଗୋଟିଏ ପୂର୍ଣ୍ଣ ସୈନ୍ୟଦଳ ଦଣ୍ଡାୟମାନ ରହିଥାଉ ନା କାହିଁକି ଆପଣ ଅବିଚଳ ରହୁଥିଲେ । ଆପଣ ନିଜ ସମ୍ପୁର୍ଣ୍ଣ ଜୀବନ ଅଭାବ ଓ ଅନାଟନରେ ଅତିବାହିତ କରିଛନ୍ତି । କିନ୍ତୁ ମାନବଜାତିର ଉନ୍ନତି ପାଇଁ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରିଦେଇଥିଲେ । ଆପଣ ଅନାଥ, ପଡ଼ୋଶୀ, ଦୀନହୀନ ଓ ଦରିଦ୍ରମାନଙ୍କ ଦେଖାଶୁଣା କରିବାରେ ସର୍ବଦା ପ୍ରଥମେ ହାଜର ହେଉଥିଲେ ଓ ତତ୍ପର ରହୁଥିଲେ । ଯୁଦ୍ଧର ନିଜ ବିରତ୍ୱର ଭିନ୍ନ ଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ, ଖଡ୍ଗ ଓ ତୀରରେ ଅଭୁଦପୂର୍ଣ୍ଣ କର୍ତବ୍ୟ ଦେଖାଇ ନିଜ ସାହାସର ପ୍ରମାଣ ଦେଇଥିଲେ । ଏଥି ସହିତ ଆପଣ ଅତ୍ୟନ୍ତ ମିଷ୍ଟଭାଷୀ ଓ ଉଚ୍ଚକୋଟୀର ବକ୍ତା ଥିଲେ । ଆପଣଙ୍କ ଶବ୍ଦମାନ ହୃଦୟର ଗହନରେ ପ୍ରବେଶ କରୁଥିଲା ଏବଂ ମନମସ୍ତିଷ୍କ ଉଜ୍ଜଳ ଓ ନିର୍ମଳ ହୋଇଯାଉଥିଲା । ଯେଉଁ ଲୋକମାନେ ଆପଣଙ୍କର ଏହି ପଦବାଚ୍ୟ ଓ ଅଭିଭାଷଣକୁ ଶୁଣୁଥିଲେ ସେମାନଙ୍କ ମୁଖମଣ୍ଡଳ ଚମକି ଉଠୁଥିଲା ଯିଏ ଆପଣଙ୍କ ମୁକାବିଲାରେ ଆସୁଥିଲା ସିଏ ପରାଜୟ ବରଣ କରି ଓ କ୍ଷମାଭିକ୍ଷା କରି ଫେରୁଥିଲା । ଆପଣ ଅନେକ ସୁଗୁଣ ଓ ସୁନାମର ଅଧିକାରି ଥିଲେ ଯିଏ ଆପଣଙ୍କ ଉଚ୍ଚ ପଦମର୍ଯ୍ୟାଦାର ଅସ୍ୱୀକାର କରୁଛି ସେ ଅସଭ୍ୟତାର ମାର୍ଗ ଅବଲମ୍ବନ କରୁଅଛି" ।

*(ସିରତୁଲ୍ ଖିଲାଫା ଉର୍ଦ୍ଦୁ ଅନୁବାଦ ପୃ-୧୦୮-୧୧୦, ରୁ-ଖ-୮, ପୃ-୩୫୮)*

ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଉଚ୍ଚ ସ୍ତର ଓ ଖିଲାଫତ ସମ୍ବନ୍ଧରେ ଅଧିକନ୍ତୁ କୁହନ୍ତି, "ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ଯେ, ହଜ୍‌ରତ୍ ଅଲୀ ସତ୍ୟାନୁଶେଶଙ୍କ ଆଶାର ପୀଠସ୍ଥଳୀ ଥିଲେ ଏବଂ ଦାନିମାନଙ୍କ ଆଦର୍ଶ ଈଶ୍ୱର ଭକ୍ତଙ୍କ ଦୃଷ୍ଟାନ୍ତ ଏବଂ ନିଜ ସମୟର ଲୋକମାନଙ୍କ ମଧ୍ୟରେ ସର୍ବୋତମ ବ୍ୟକ୍ତିତ୍ୱ ଥିଲେ । ଦେଶର ଉଜ୍ଜଳ ଭବିଷ୍ୟତ ପାଇଁ ପ୍ରଭୁଙ୍କ ପ୍ରକାଶ ଥିଲେ, କିନ୍ତୁ ଆପଣଙ୍କ ଖିଲାଫତ କାଳ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ନଥିଲା ବରଂ ବିଭ୍ରାଟ ଓ ବିଶୃଙ୍ଖଳାପୂର୍ଣ୍ଣ ଥିଲା । ଜନସାଧାରଣ ହଜ୍‌ରତ୍ ଅଲୀ ର:ଅ ଓ ଇବ୍‌ନେ ଅବୁସୁଫିୟାନଙ୍କ ମଧ୍ୟରେ କିଏ ଖିଲାଫତର ହକ୍‌ଦାର ଅଟେ ଭିନ୍ନ ମତ ପୋଷଣ କରିଥିଲେ ଏବଂ ଉଭୟଙ୍କ ପ୍ରତି ନଜର ଲଗାଇ ବସିରହିଥିଲେ ଆଉ କେତେକ ତ ଏ ଦୁହିଁଙ୍କୁ ଆକାଶର ଫର୍‌କଦ୍ ନାମକୁ ଦୁଇଟି ତାରା ସଦୃଶ ମଣିନେଇଥିଲେ ଏବଂ ଉଭୟଙ୍କ ସ୍ତରରେ ସମାନତା ବା ସମତୁଲ ମନେ କରୁଥିଲେ । କିନ୍ତୁ ସତ୍ୟ ଏହି କି ଯେ, ହଜ୍‌ରତ୍ ଅଲୀ ର:ଅଙ୍କ ସହିତ ପ୍ରଭୁଙ୍କ ସାହାଯ୍ୟ ଓ ସହଯୋଗର ହାତ ରହିଥିଲା । ଯେ କେହି ଆପଣଙ୍କ ସମୟକାଳରେ ଆପଣଙ୍କ ବିରୁଦ୍ଧରେ ଯୁଦ୍ଧରେ ଭାଗ ନେଲା ସେ ବିଦ୍ରୋହୀ ଓ ଅମାନ୍ୟକାରୀ ଥିଲେ ।

*(ସିର୍‌ରୁଲ୍ ଖିଲାଫା ଉର୍ଦ୍ଦୁ ଅନୁବାଦ ପୃ-୯୫-୯୬)*

ପୁନଶ୍ଚ ଚାରି ଖଲିଫା ଯେଭଳି ଇସ୍‌ଲାମ୍ ଓ କୁର୍‌ଆନ୍‌ର ସୁରକ୍ଷା କରିଥିଲେ ଓ କର୍ତବ୍ୟ ସମ୍ପାଦନ କରିଥିଲେ । ତାହାର ଚର୍ଚ୍ଚା କରି ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି: ଏହି ଆସ୍ଥା ଜରୁରୀ ଯେ, ସତ୍ୟବାଦୀ ହଜ୍‌ରତ୍ ଅବୁବକର, ହଜ୍‌ରତ୍ ଉମର୍ ଫାରୁକ ର:ଅ, ହଜ୍‌ରତ୍ ଉସ୍‌ମାନ ଏବଂ ହଜ୍‌ରତ୍ ଅଲୀ ମୁର୍ତେଜା ସଭିଏଁ ଇସ୍‌ଲାମ୍ ଧର୍ମର ବିଶ୍ୱସ୍ତ ଥିଲେ । ଅବୁବକର ଯିଏ ଇସ୍‌ଲାମ୍‌ର ଦ୍ୱିତୀୟ ଆଦମ୍ ଥିଲେ, ସେହିପରି ହଜ୍‌ରତ୍ ଉମର୍ ଓ ହଜ୍‌ରତ୍ ଉସ୍‌ମାନ ଯଦି ସତ୍ୟବାଦୀ ଓ ବିଶ୍ୱସ୍ତ ହୋଇନଥାନ୍ତେ ତେବେ ଆଜି ଆମ ନିକଟରେ ପବିତ୍ର କୋରାନ୍‌ର କୌଣସି ଗୋଟିଏ ପଂକ୍ତିକୁ ମଧ୍ୟ ପରମେଶ୍ୱରଙ୍କ ଅବତୀର୍ଣ୍ଣ ବାଣୀ କହିବା କଷ୍ଟକର ହୋଇଥାଆନ୍ତା ।

*(ମକ୍‌ତୁବାତେ ଅହମଦ୍ ଖଣ୍ଡ-୨, ପୃ-୧୫୧, ମକ୍‌ତୁବ୍ ନଂ-୨ ବନାମ ହଜ୍‌ରତ୍ ନୱାବ୍ ମୁହମ୍ମଦ ଅଲୀ ଖାନ୍ ସାହେବ)*

ହଜୁର ସ:ଆ:ସ ଉକ୍ତ ଚାରି ଖଲିଫାଙ୍କ ସକ୍ରାନ୍ତରେ ଆହୁରି କୁହନ୍ତି, ମୁଁ ଅଲ୍ଲାଃ ତାଲାଙ୍କ ଶପଥ କରି କହୁଛି ସେମାନେ ଏପରି ଲୋକ ଥିଲେ ଯେଉଁମାନେ ବ୍ରହ୍ମାଣ୍ଡର ସୁଭେଚ୍ଛୁ ହଜୁର ସ:ଆ:ସଙ୍କୁ ସାହାଯ୍ୟ କରିବା ସକାଶେ ଯୁଦ୍ଧ ଭୁମିରେ ଅବିଚଳ ରହିଥିଲେ ଏବଂ ଅଲ୍ଲାଃ ତାଲାଙ୍କ ପାଇଁ ସେମାନେ ନିଜର ପିତା ଓ ପୁତ୍ରଙ୍କୁ ମଧ୍ୟ ତ୍ୟାଗ କରିଦେଇଥିଲେ ଏବଂ ସେମାନଙ୍କୁ ତୀକ୍ଷ୍ଣ ଖଡ୍ଗ ଦ୍ୱାରା ଖଣ୍ଡବିଖଣ୍ଡିତ କରିଦେଇଥିଲେ । ସେମାନେ ନିଜର ପ୍ରୀୟଜନଙ୍କ ସହିତ ଯୁଦ୍ଧ କରିଥିଲେ ଏବଂ ସେମାନଙ୍କ ସ୍କନ୍ଧଚ୍ୟୁତ କରିଥିଲେ । ଅଲ୍ଲାଃ ତାଲାଙ୍କ ମାର୍ଗରେ ସେମାନେ ନିଜର ଧନଜୀବନ ଉତ୍ସର୍ଗ କରିଦେଇଥିଲେ । ଏହା ସତ୍ତ୍ୱେ ବି ସେମାନେ ନିଜର କର୍ମ ଓ ସ୍ୱଳ୍ପ ପୂଣ୍ୟ ଯୋଗୁଁ କାନ୍ଦୁଥିଲେ ଓ ଅନୁତପ୍ତ ଥିଲେ । ସେମାନଙ୍କ ମନରେ କୌଣସି ଗର୍ବ ଭାବନା ନଥିଲା ଯେ ଆମେମାନେ କୌଣସି ପୂଣ୍ୟକର୍ମ କରିଅଛୁ । ସେମାନଙ୍କ ଆଖି ପୂର୍ଣ୍ଣ ନିଦର ସ୍ୱାଦ ଚାଖିନଥିଲା କିନ୍ତୁ ନିଦ୍ରାହିନତା ଓ ବିଶ୍ରାମ ହିନତା ଅନୁଯାୟୀ ଯାହାକି ମନୁଷ୍ୟ ଶରୀରର ଅଧିକାର, ସେମାନେ ପୁରସ୍କାରର ଅଭିଳାଷି ନଥିଲେ । ଅତଃ ତୁମେମାନେ କିପରି ଏହା ଭାବିପାରୁଛ ଯେ, ସେମାନେ ଅତ୍ୟାଚାରି ଥିଲେ । ଅନ୍ୟର ଧର୍ମକୁ ଅନୈତିକ ଭାବରେ ହାତେଇ ନେଇଥିଲେ, ନ୍ୟାୟ କରୁନଥିଲେ, ନାରୀମାନଙ୍କୁ ନିର୍ଯ୍ୟାତନା ଦେଉଥିଲେ ଯେବେକି ପ୍ରମାଣିତ ହୋଇଯାଇଛି ଯେ, ସେମାନେ ଆତ୍ମିକ ଅଭିଳାଷାରୁ ବାହାରି ଆସିଥିଲେ । ସେମାନେ ସର୍ବଦା ଅଲ୍ଲାଃ ତାଲାଙ୍କ ଆଗରେ ନତମସ୍ତର ରହୁଥିଲେ ଏବଂ ସେମାନେ ଅଲ୍ଲାଃ ତାଲାଙ୍କ ପାଇଁ ପ୍ରାଣ ଆହୁତି ପ୍ରଦାନକାରୀ ବ୍ୟକ୍ତି ଥିଲେ ।

*(ସିରତୁଲ୍ ଖିଲାଫା ଉର୍ଦ୍ଦୁ ଅନୁବାଦ ପୃ-୩୨ ଖଣ୍ଡ-୮, ପୃ-୨୩୮)*

ସୁତରାଂ ଏହା ହିଁ ହେଉଛି ସେହି ଚାରିଜଣ ଖଲିଫାଙ୍କ ପଦମର୍ଯ୍ୟାଦା ଯାହାଙ୍କ ସହିତ ହଜ୍‌ରତ୍ ମସିହ ମଉଦ୍ ଆ:ସ ଆମମାନଙ୍କୁ ଅବଗତ କରାଇଛନ୍ତି । ସୁତରାଂ ଯେତେବେଳେ ପ୍ରତ୍ୟେକ ମୁସଲମାନ ଏହି ଚାରିଜଣ ଖଲିଫାଙ୍କୁ ସମ୍ମାନ ଜଣାଇବ ସେତେବେଳେ ସେ ଜଣେ ପ୍ରକୃତ ମୁସଲମାନ ପଦବାଚ୍ୟ ହୋଇପାରିବ ଏବଂ ପାରସ୍ପରିକ ମତଭେଦକୁ ସମାପ୍ତ କରି ଗୋଟିଏ ଜାତିର ଅଭିନ୍ନ ଅଙ୍ଗ ବୋଲାଇବ ଅନ୍ୟଥା ଆମମାନଙ୍କର ପାରସ୍ପାରିକ ମତଭେଦ ଇସ୍‌ଲାମ୍‌ର କୌଣସି ଉପକାର ସାଧିତ କରିପାରିବ ନାହିଁ । ଆଜିକାଲି ଆମେମାନେ ଏହା ହିଁ ଅବଲୋକନ କରୁଅଛେ ଯେ, ଆମର ଏହି ମତଭେଦ ଇସ୍‌ଲାମ୍‌କୁ କିଛି ଲାଭ ପହଂଚାଇ ନାହିଁ ବରଂ ପ୍ରକୃତ ପକ୍ଷରେ କହିବାକୁ ଗଲେ, ଇସ୍‌ଲାମ୍‌ର ଶତୃମାନେ ହିଁ ଏହାର ପ୍ରକୃତ ଫାଇଦା ଉଠାଉଛି । ସୁତରାଂ ଯଦି ଆମେ ଇସ୍‌ଲାମ୍‌ର କୌଣସି ପ୍ରକାର ସେବା କରିପାରିବା କିମ୍ବା ଇସ୍‌ଲାମ୍‌ର ସୁରକ୍ଷା ପ୍ରତି ମନରେ ଅଭିଳାଷା ପୋଷଣ କରୁଛେ ତେବେ ଅଲ୍ଲାଃ ତାଲାଙ୍କର ସେହି ସାହାସି ବ୍ୟକ୍ତିଙ୍କ ସହିତ ସଂଶ୍ଲିଷ୍ଟ ହେବା ଦ୍ୱାରା ଏହା ସମ୍ଭବପର ହୋଇପାରିବ ଯାହାଙ୍କୁ ଅଲ୍ଲାଃ ତାଲା ଉକ୍ତ କାର୍ଯ୍ୟ ନିମନ୍ତେ ନିୟୋଜିତ କରି ପ୍ରେରଣ କରିଛନ୍ତି ।

ଯେପରି ମୁଁ କହିଲି ଆମେମାନେ ଆଜିକାଲି ମୋହ୍‌ରମ୍ ମାସ ଦେଇ ଅତିକ୍ରମ କରୁଛେ କାଲି ଅବା ପରଦିନ ମୋହରମ୍ ମାସର ଦଶ ତାରିଖ ହେବ । ଠିକ୍ ଏହି ଦିନ ହଜ୍‌ରତ୍ ଇମାମ୍ ହୁସୈନ ର:ଅଙ୍କୁ ଶହୀଦ କରିଦିଆଯାଇଥିଲା । ଏହି ସୁତ୍ରରୁ ସିହା ସମ୍ପ୍ରଦାୟରେ ନିଜର ଭାବବେଗ ମଧ୍ୟ ପରିପ୍ରକାଶ କରିଥାଆନ୍ତି । ନିଃସନ୍ଦେହରେ କହିବାକୁ ଗଲେ ଏହା ଏକ ବିଭତ୍ସ ଓ ନୃସଂଶିୟନିୟ ଘଟଣା ଥିଲା ଯେଭଳି ଭାବରେ ହଜ୍‌ରତ୍ ହୁସୈନ୍ ର:ଅଙ୍କୁ ଶହୀଦ କରାଯାଇଥିଲା । ସୁତରାଂ ଯେତେବେଳେ ସିହା ସମ୍ପ୍ରଦାୟ ଲୋକମାନେ ନିଜର ଭାବବେଗକୁ ପରିପ୍ରକାଶ କରନ୍ତି କିମ୍ବା ସାଧାରଣ ପରିସ୍ଥିତିରେ ଆମ ସମ୍ବନ୍ଧରେ ମଧ୍ୟ ସିହା ସମ୍ପ୍ରଦାୟର ଯେଉଁ ଭାବବେଗ ହଜ୍‌ରତ୍ ହୁସୈନ ଓ ହଜ୍‌ରତ୍ ଅଲୀ ର:ଅଙ୍କ ପ୍ରତି ରହିଛି ତେବେ ଏ ସମ୍ପର୍କରେ ଏହା ମଧ୍ୟ ମନେ ରଖିବା ଉଚିତ ଯେ, ପ୍ରଥମତଃ ଆମମାନଙ୍କ ମଧ୍ୟରେ କିମ୍ବା ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସକ୍ରାନ୍ତରେ ହଜ୍‌ରତ୍ ମସିହ ମଉଦ୍ ଆ:ସ କିମ୍ବା ତାଙ୍କର ଯମାତ୍ ମଧ୍ୟ ହଜୁର ସ:ଆ:ସଙ୍କ ବଂଶର ପଦମର୍ଯ୍ୟାଦାକୁ ଚିହ୍ନିପାରି ନାହାନ୍ତି ବୋଲି କିନ୍ତୁ ଯମାତ୍ ଅହେମଦୀୟା ଉକ୍ତ ଭ୍ରମକୁ ସର୍ବଦା ଦୁରିଭୁତ କରିବାପାଇଁ ଚେଷ୍ଟା ଓ ଉଦ୍ୟମ କରିଆସିଛନ୍ତି ।

ହଜ୍‌ରତ୍ ମସିହ ମଉଦ୍ ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କ ସମ୍ପର୍କରେ ଯାହା ମତବ୍ୟକ୍ତ କରିଛନ୍ତି ତାହା ବର୍ତମାନ ମୁଁ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପନ କଲି । ଏତଦ୍‌ଦ୍ୱାରା ଏହା ପ୍ରମାଣିତ ହେଉଅଛି ଯେ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦୃଷ୍ଟିରେ ହଜ୍‌ରତ୍ ଅଲୀ ର:ଅଙ୍କ ମର୍ଯ୍ୟାଦା କିପରି ଉଚ୍ଚା ରହିଥିଲା । କିନ୍ତୁ ଏଥିସହ ଆମେମାନେ ଏହା ମଧ୍ୟ ବିଶ୍ୱାସ ରଖୁଛୁ ଯେ, ଅନ୍ୟ ତିନିଜଣ ଖଲିଫାମାନେ ମଧ୍ୟ ସତ୍ୟପ୍ରିୟ ଥିଲେ । ସେ ଯାହା ହେଉ ନା କାହିଁକି ମୁଁ ଉକ୍ତ ପ୍ରସଙ୍ଗ କ୍ରମେ କେତେକ କଥା ଆଲୋଚନା କରିବି । ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଆଲୈଖ୍ୟ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଅନୁଯାୟୀ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କର ବଂଶଧରଙ୍କର କଣ ମର୍ଯ୍ୟାଦା ରହିଥିଲା ଏବଂ ଏ ସଂକ୍ରାନ୍ତରେ ହଜୁର ଆ:ସ ଆମମାନଙ୍କୁ କି ଶିକ୍ଷା ଦେଇଛନ୍ତି ।

ହଜ୍‌ରତ୍ ମସିହ ମଉଦ୍ ଆ:ସ ନିଜର ପୁସ୍ତକ ସିର୍‌ରୁଲ୍ ଖିଲାଫାଃ ହଜ୍‌ରତ୍ ଅଲୀ ର:ଅ ଓ ହଜୁର ସ:ଆ:ସଙ୍କ ବଂଶଧରଙ୍କ ସମ୍ପର୍କରେ ନବୁଓ୍ୱତ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ହଜ୍‌ରତ୍ ଅଲୀ ର:ଅଙ୍କ ସମ୍ପର୍କରେ ହଜୁର ଆ:ସ କୁହନ୍ତି, ହଜ୍‌ରତ୍ ଅଲୀ ର:ଅ ଅସହାୟଙ୍କୁ ସାହାଯ୍ୟ କରିବାଲାଗି ଲୋକମାନଙ୍କୁ ଉତ୍ସାହିତ କରୁଥିଲେ ଏବଂ ଧନୀ ବ୍ୟକ୍ତିମାନଙ୍କୁ ଅଭାବ ଓ ଅନାଟନ ଲୋକମାନଙ୍କୁ ଖାଦ୍ୟ ଖୁଆଇବା ପାଇଁ ମଧ୍ୟ ଆଦେଶ ଦେଉଥିଲେ, ପ୍ରୋତ୍ସାହିତ କରୁଥିଲେ । ସେ ଅଲ୍ଲାଃ ତାଲାଙ୍କ ନିକଟବର୍ତୀ ଭକ୍ତମାନଙ୍କ ମଧ୍ୟରୁ ଜଣେ ଥିଲେ ଏବଂ ଏଥିସହ ସେ କୁର୍‌ଆନ୍‌ର ସକଳ ବ୍ରହ୍ମଜ୍ଞାନ ପ୍ରାପ୍ତକାରୀ ପ୍ରାଥମିକ ସାହାବାମାନଙ୍କ ମଧ୍ୟରୁ ଜଣେ ଥିଲେ । ହଜ୍‌ରତ୍ ଅଲୀ ର:ଅ କୁର୍‌ଆନ୍ କରିମ୍‌ର ଅଭୁତପୂର୍ବ ଗୁଢ଼ତତ୍ୱଜ୍ଞାନ ହାସଲକାରୀ ବ୍ୟକ୍ତିତ୍ୱ ଥିଲେ । ହଜୁର ଆ:ସ କହିଲେ ଯେ, ମୁଁ ଚେଇଁଥିବା ଅବସ୍ଥାରେ ହଜ୍‌ରତ୍ ଅଲୀ ର:ଅଙ୍କ ସହିତ ସାକ୍ଷାତ କଲି ନା କି ନିଦ୍ରାବସ୍ଥାରେ ପୁନଶ୍ଚ ସେହି ଅବସ୍ଥାରେ ଅର୍ଥାତ ସେହି ଚେଇଁଥିବା ଅବସ୍ଥାରେ ମୋ ନିକଟକୁ ହଜ୍‌ରତ୍ ଅଲୀ ର:ଅ ଆସିଲେ ଏବଂ ସର୍ବଜ୍ଞ ଈଶ୍ୱରଙ୍କ ପବିତ୍ର ପୁସ୍ତକ କୋରାନ୍ ସରିଫ୍‌ର ବ୍ୟାଖ୍ୟା ମତେ ପ୍ରଦାନ କଲେ । ତଥା କହିଲେ ଏ ହେଉଛି ମୋର ତଫ୍‌ସିର୍ ଯାହାକୁ ମୁଁ ଆପଣଙ୍କୁ ପ୍ରଦାନ କରୁଛି ସୁତରାଂ ଆପଣଙ୍କୁ ଏହି ପୁରଷ୍କାର ଲାଗି ମୁଁ ଶୁଭେଚ୍ଛା ଜଣାଉଛି । ଫଳସ୍ୱରୁପ ମୁଁ ସେହି ତଫ୍‌ସିର୍‌କୁ ପାଇବା ପାଇଁ ହାତ ଆଗକୁ କଲି ତାହାକୁ ସାଦରେ ଗ୍ରହଣ କରିନେଲି ଏବଂ ମୁଁ ପ୍ରଦାନକର୍ତାଙ୍କୁ କୃତଜ୍ଞତା ଜ୍ଞାପନ କଲି ଅର୍ଥାତ ଈଶ୍ୱରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କଲି । ମୁଁ ହଜ୍‌ରତ୍ ଅଲୀ ର:ଅଙ୍କୁ ଲୋକମାନଙ୍କ ମଧ୍ୟରେ ଉପଯୁକ୍ତ ଓ ଉତମ ଚରିତ୍ରବାନ ଓ କୋମଳ ସ୍ୱଭାବ ଜାଜ୍ୱଲ୍ୟମାନ ପ୍ରଜ୍ଞାବାନ ପ୍ରକାଶବାନ ବ୍ୟକ୍ତିରୂପେ ପାଇଲି ଏବଂ ମୁଁ ଏହି ଶପଥ କରି କହୁଛି ଯେ, ହଜ୍‌ରତ୍ ଅଲୀ ର:ଅ ମତେ ସ୍ମିତହାସ୍ୟ ଦେଲେ ଓ ସ୍ନେହ ତଥା ଆଦରେ ସାକ୍ଷାତ କଲେ ଓ ମୋ ମନରେ ସେତେବେଳେ ଉକ୍ତ କଥାଟି ଉଦ୍ରେଗ ହେଲା କି ହଜ୍‌ରତ୍ ଅଲୀ ର:ଅ ମୋର ଆସ୍ଥା ସହିତ ଭଲ ଭାବରେ ଅବଗତ ଏବଂ ସେ ଏହା ମଧ୍ୟ ଜାଣନ୍ତି ଯେ, ମୁଁ ନିଜ ଆସ୍ଥା ଓ ବିଚାର ତଥା ପ୍ରଥାପରମ୍ପରାରେ ସିଆ ସମ୍ପ୍ରଦାୟ ସହିତ ମତାନ୍ତର ରଖୁଛି, କିନ୍ତୁ ଏହା ସତ୍ୱେ ମଧ୍ୟ ସେ କୌଣସି ପ୍ରକାର ଅପ୍ରତିକର ମନୋଭାବ ବ୍ୟକ୍ତ କଲେନାହିଁ । ନା ହିଁ ମୋର ଉପେକ୍ଷା କଲେ କି ମୋ ଉପରେ ସେ ଖୁନ୍ଧ ଅଛନ୍ତି ବରଂ ସେ ମତେ ସାକ୍ଷାତ କଲେ ଓ ଜଣେ ନୈଷ୍ଠିକ ସ୍ନେହମୟୀ ପରି ମୋତେ ଆଦର କଲେ ଏବଂ ସେ ସତ୍ୟ ହୃଦୟ ରଖୁଥିବା ବ୍ୟକ୍ତିମାନଙ୍କ ପରି ମୋ ପ୍ରତି ସ୍ନେହଭାବ ପ୍ରଦର୍ଶନ କଲେ ସେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କ ସହିତ ହଜ୍‌ରତ୍ ହୁସୈନ୍ ଓ ଖାତ୍‌ମୁନ୍ ନବିଇନ୍ ହଜୁର ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ମଧ୍ୟ ସାମିଲ ଥିଲେ । ସେମାନଙ୍କ ସହିତ ଜଣେ ସୌନ୍ଦର୍ଯ୍ୟମୟୀ ସଦାଚାରୀ ମହାତ୍ମା, ପୂଣ୍ୟବନ୍ତ, ପୂଜ୍ୟ, ମର୍ଯ୍ୟାଦାବନ୍ତ, ବାହ୍ୟ ଓ ଆଭ୍ୟନ୍ତରିଣ ଦିବ୍ୟାଲୋକରେ ପରିପୂର୍ଣ୍ଣ ସାକ୍ଷାତ ପବିତ୍ର ଯୁବ ମହିଳା ବିରାଜମାନ ଥିଲେ । ଯାହାଙ୍କୁ ମୁଁ ଦୁଃଖିତ ଅବସ୍ଥାରେ ଦେଖିବାକୁ ପାଇଲି । କିନ୍ତୁ ସେ ତାହାକୁ ଲୁଚାଇ ବସିଥିଲେ ଏବଂ ମୋ ମନରେ ଏହା ଉଦ୍ରେଗ କରାଗଲା ଯେ, ସେ ମହିଳା ଜଣକ ହେଉଛନ୍ତି ହଜ୍‌ରତ୍ ଫାତିମାତୁଲ୍ ଜୋହରା ର:ଅ, ସେ ମୋ ନିକଟକୁ ଆସିଲେ ଏବଂ ମୁଁ ସେତେବେଳେ ବିଶ୍ରାମ ଅବସ୍ଥାରେ ଥିଲି । ଅତଃ ସେ ଆସି ମୋ ନିକଟରେ ବସିପଡ଼ିଲେ ମୋର ମୁଣ୍ଡକୁ ନିଜ କୋଳ ଉପରେ ରଖିଦେଲେ ତଥା ମୋ ପ୍ରତି ମମତାମୟୀ ମାଆ ପରି ବାତ୍ସଲ୍ୟତାର ସ୍ନେହ ପ୍ରଦର୍ଶନ କଲେ । ମୁଁ ଏହା ଅବଲୋକନ କଲି ଯେ, ସେ ମୋର କୌଣସି ଦୁଃଖ ଯୋଗୁଁ ଦୁଃଖିତ ଏବଂ ଅପ୍ରସନ୍ନ ଅଛନ୍ତି । ପିଲାମାନଙ୍କ ଦୁଃଖ କଷ୍ଟ ସମୟରେ ଯେପରି ଜଣେ ମାଆ ଅଧିର ଓ ଅସ୍ତବ୍ୟସ୍ତ ହୋଇଯାଇଥାଏ ସେହିପରି ହଜ୍‌ରତ୍ ଫାତିମାତୁଲ୍ ଜୋହ୍‌ରା ମମତାମୟୀ ଓ ସ୍ନେହମୟୀ ମାତୃତ୍ୱ ପରି ଅଶାନ୍ତ, ଅଧିର ଓ ଚିନ୍ତିତ ଥିଲେ ।

ଏହି ଘଟଣାକୁ ଶୁଣି ନିଛମନା ମୌଲବୀମାନେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଉପରେ ଏହି ଆପତି କରିଥାନ୍ତି ଯେ, ନୌଜୁବିଲ୍ଲା ହଜ୍‌ରତ୍ ମସିହ ମଉଦ୍ ଆ:ସ ଉଲ୍ଲେଖ କରିଛନ୍ତି ଯେ, ହଜ୍‌ରତ୍ ଫାତିମାତୁଲ୍ ଜୋହ୍‌ରା ର:ଅ ମୋର ମୁଣ୍ଡକୁ ନିଜ ଜଙ୍ଘ ଉପରେ ରଖିଦେଇଥିଲେ ନୌଜୁବିଲ୍ଲାଃ । ଏହା ତ ଜଣେ ମାଆର ତା’ ଛୁଆ ପ୍ରତି ମମତା ଓ ବାତ୍ସଲ୍ୟର ପରିପ୍ରକାଶ ତା’ରି ହିଁ ଚର୍ଚ୍ଚା ଚାଲିଛି ଅର୍ଥାତ ତା’ର ହିଁ ଚର୍ଚ୍ଚା ହଜ୍‌ରତ୍ ମସିହ ମଉଦ୍ ଆ:ସ କରିଛନ୍ତି । କିନ୍ତୁ ସେହି ନିବୃଦ୍ଧିଆ ମନମସ୍ତିଷ୍କରେ ଅଶୁଦ୍ଧ ଓ ଅପବିତ୍ର ରଖିଥିବା ମୌଲବୀମାନଙ୍କର ଏଥିରେ ମଧ୍ୟ ଆପତି ଅଭିଯୋଗ ରହିଛି ଯେ ସେମାନେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପ୍ରତି ଏଭଳି କଥା କହିଛନ୍ତି ଏବଂ ସାଧାରଣ ମୁସଲମାନମାନେ ଏମାନଙ୍କର କଥା ଶୁଣି ଏହା ଭାବନ୍ତି ଯେ, ହଜ୍‌ରତ୍ ମସିହ ମଉଦ୍ ଆ:ସ ହଜ୍‌ରତ୍ ଫାତିମାତୁଲ୍ ଜୋହ୍‌ରା ର:ଅଙ୍କର ନୌଜୁବିଲ୍ଲାଃ ମର୍ଯ୍ୟାଦା କ୍ଷୁଣ୍ଣ କରିଛନ୍ତି । କିନ୍ତୁ ବାସ୍ତବିକ ଉକ୍ତ ବିବାଦର ଅଧିକ ସ୍ପଷ୍ଟିକରଣ ମଧ୍ୟ ହୋଇଯିବ ଯେ, ଜଣେ ମାଆ ତା’ ଛୁଆ ପ୍ରତି କିପରି ମମତା ପରିପ୍ରକାଶ କରୁଛନ୍ତି ।

ସେ ଯାହା ହେଉ ନା କାହିଁକି ହଜୁର ଆ:ସ କୁହନ୍ତି ଯେ, ମତେ ଏହା କୁହାଗଲା ଯେ, ଧର୍ମ ସଂକ୍ରାନ୍ତରେ ହଜ୍‌ତର୍ ଫାତିମାତୁଲ୍ ଜୋହ୍‌ରାଙ୍କର ନିକଟରେ ମୋର ମର୍ଯ୍ୟାଦା ଜଣେ ପୁତ୍ର ପରି ଏବଂ ମୋ ମନରେ ଏହି ଚିନ୍ତାଧାରା ଉଦ୍ରେଗ ହେଲା ଯେ ହଜ୍‌ରତ୍ ଫାତିମାତୁଲ୍ ଜୋହ୍‌ରା ର:ଅ ଦୁଃଖିତ ହେବାର କାରଣ ଏହି କି ଯେ ଏବଂ ଏଥିପ୍ରତି ଇଙ୍ଗିତ କରାଗଲା ଯେ, ଯାହାକୁ ମୁଁ ନିଜ ମୁସଲମାନ ଭାଇ ମୋ ମାତୃଭୁମି ବାସୀଙ୍କ ଉପରେ ଶତୃଙ୍କ ସହିତ ଅତ୍ୟାଚାର ହେଉଥିବାର ଦେଖିବି । ଉକ୍ତ କଥା ଯୋଗୁଁ ହଜ୍‌ତର୍ ଫାତିମାତୁଲ୍ ଜୋହ୍‌ରା ର:ଅ ଅତ୍ୟନ୍ତ ଦୁଃଖିତ ଥିଲେ ଯେ, ମୋ ପୁତ୍ରକୁ ଏହି ପ୍ରକାର ଅତ୍ୟାଚାର ଓ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ । ପୁନଶ୍ଚ ହଜ୍‌ରତ୍ ହସନ୍ ଓ ହୁସୈନ୍ ର:ଅ ଉଭୟ ମୋ ନିକଟକୁ ଆସିଲେ ଏବଂ ମୋ ଭାଇଙ୍କ ପରି ମୋ ସହିତ ସ୍ନେହଭାବ ପ୍ରଦର୍ଶନ କରିବାକୁ ଲାଗିଲେ ଏବଂ ସହାନୁଭୂତି ବ୍ୟକ୍ତ କରି ମୋ ସହିତ ସାକ୍ଷାତ କଲେ । ଏହି କଶ୍‌ଫ୍ ଜାଗ୍ରତ ଅବସ୍ଥାରେ କଶ୍‌ଫ୍ ମଧ୍ୟରୁ ଗୋଟିଏ, ଯାହାକୁ ଅନେକ ବର୍ଷ ବିତିଗଲାଣି ଏବଂ ମୋତେ ହଜ୍‌ରତ୍ ଅଲୀ ର:ଅ ଓ ହଜ୍‌ରତ୍ ହୁସୈନ୍ ର:ଅଙ୍କ ସହିତ ଏକ ସମାନତା ସମ୍ପର୍କ ରହିଛି ଓ ସେହି ସମାନତାର ସମ୍ପର୍କର ବାସ୍ତବତାକୁ ପୂର୍ବ ଓ ପଶ୍ଚିମ ଦିଗର ପାଳନକର୍ତାଙ୍କ ବ୍ୟତିତ ଅନ୍ୟ କୌଣସି ବ୍ୟକ୍ତି ଜାଣେ ନାହିଁ ଏବଂ ମୁଁ ହଜ୍‌ରତ୍ ଅଲୀ ଓ ତାଙ୍କର ଦୁଇ ପୁତ୍ରଙ୍କୁ ଭଲ ପାଏ ଯିଏ ତାଙ୍କ ସହିତ ଶତୃତା ରଖିବ ମୁଁ ତା ସହିତ ଶତୃତା ରଖିବି । ଏ ସବୁ ସତ୍ୱେ ମୁଁ ସେହି ଅତ୍ୟାଚାରୀଙ୍କ ମଧ୍ୟରୁ ନୁହେଁ ଏବଂ ମୋ ପାଇଁ ଏହା ସମ୍ଭବପର ନୁହେଁ ଯେ ମୁଁ ତହିଁରୁ ବିମୁଖତା ପ୍ରଦର୍ଶନ କରେ ଯାହାକୁ ଅଲ୍ଲାଃ ତାଲା ମୋ ଉପରେ ସ୍ପଷ୍ଟ କରିଛନ୍ତି ଏବଂ ମୁଁ ସୀମା ଲଙ୍ଘନକାରୀଙ୍କ ମଧ୍ୟରୁ ନୁହେଁ । ***(ସିରୁଲ୍ ଖଲାଫା ଉର୍ଦ୍ଦୁ ଅନୁବାଦ ୧୧୦-୧୧୨)*** ଏହା ଥିଲା ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କର ଉକ୍ତି ଯାହ ହଜୁର ଉଲ୍ଲେଖ କରିଛନ୍ତି ।

ପୁନଶ୍ଚ ଏକ ସ୍ଥାନରେ ହଜୁର କୁହନ୍ତି, ମୁଁ ନିଜର କସିଦା ଆରବୀ କବିତାରେ ଯାହାକୁ ମୁଁ ହଜ୍‌ରତ୍ ଇମାମ୍ ହୁସୈନ୍ ର:ଅଙ୍କ ସମ୍ପର୍କରେ ଉଲ୍ଲେଖ କରିଛି କିମ୍ବା ହଜ୍‌ରତ୍ ଈଶା ଆ:ସଙ୍କ ସମ୍ପର୍କରେ ବର୍ଣ୍ଣନା କରିଛି ତାହା ମନୁଷ୍ୟକୃତ କାର୍ଯ୍ୟାନୁଷ୍ଠାନ ନୁହେଁ ବରଂ ତାହା ଅଲ୍ଲାଃ ତାଲାଙ୍କ ତରଫରୁ ମତେ ଅବଗତ କରାଯାଇଛି । ସେହି ମନୁଷ୍ୟ ହେଉଛି ଦୁଷ୍ଟାତାତ୍ମା ଯିଏ ନିଜର ଆତ୍ମା ମାଧ୍ୟମରେ ପୂର୍ଣ୍ଣ ଓ ସତ୍ୟପ୍ରୀୟଙ୍କୁ ଅପମାନଜନକ ଭାଷାରେ ମନ ପକାଇଥାଏ । ମୁଁ ଏହା ବିଶ୍ୱାସ ରଖୁଛି ଯେ କୌଣସି ବ୍ୟକ୍ତି ହୁସୈନ୍ ର:ଅଙ୍କ ପରି ଅଥବା ହଜ୍‌ରତ୍ ଈଶା ଆ:ସଙ୍କ ପରି ସଦାଚାରୀ ଓ ସତ୍ୟନିଷ୍ଠ ବ୍ୟକ୍ତିଙ୍କ ଆଗରେ ଦୁଃସାହାସିକ ଅପମାନଜନକ ଭାଷା ପ୍ରୟୋଗ କରେ, ଅଲ୍ଲାଃ ତାଲା ଯେପରି କୁହନ୍ତି: **ମନ୍ ଆଦା ଓ୍ୱଲିୟନ୍ ଲି,** ତା ମୁତାବକ ସେ ଗୋଟିଏ ରାତି ଜୀବିତ ରହିପାରିବ ନାହିଁ ଅଲ୍ଲାଃ ତାଲାଙ୍କ କଠୋର ଶାସ୍ତି ତାକୁ କବଳିତ କରିବ ସୁତରାଂ ସେହି ବ୍ୟକ୍ତି ହେଉଛି ଶୋଭାନ୍ୱିତ କଲ୍ୟାଣକାରୀ ଭାଗ୍ୟବାନ ଯିଏ ଆକାଶ ଅର୍ଥାତ ଅଲ୍ଲାଃ ତାଲାଙ୍କ ଭେଦକୁ ହୃଦୟଙ୍ଗମ କରେ ଏବଂ ଅଲ୍ଲାଃ ତାଲାଙ୍କ ଗୁଢ଼ରହସ୍ୟ ଉପରେ ବିଚାର ବିମର୍ସ କରେ, ଅନୁଧ୍ୟାନ କରେ ।

***(ଏଜାଦ୍ ଅହ୍‌ମଦି......ରୁ, ଖଣ୍ଡ-୧୯, ପୃ- ୧୪୯)***

ହଜ୍‌ରତ୍ ମସିହ ମଉଦ୍ ଆ:ସ ଉପରୋକ୍ତ ହଦିସ୍‌ରେ ଯେଉଁ ସନ୍ଦର୍ଭ ସ୍ଥାପନ କରିଛନ୍ତି ତହିଁ ହଜ୍‌ରତ୍ ମସିହ ମଉଦ୍ ଆ:ସ ଏହା ଯଥାର୍ଥ ନେଇଛନ୍ତି ଯେ, ଯେଉଁ ବ୍ୟକ୍ତି ମୋର ପ୍ରୀୟ ଓ ପୂଜ୍ୟଙ୍କ ସହିତ ଶତୃତା ପ୍ରଦର୍ଶନ କରେ ଯେପରି କି କୁହାଗଲା: **ମନ୍ ଆଦାଲି ଓ୍ୱଲିୟନ୍ ଫକଦ୍ ଆଜନ୍‌ତୁହୁ ବିଲ୍‌ହର୍‌ବ** ***(ସହି ବୁଖାରୀ...... ହଦିସ ନଂ- ୬୫୦୨)*** ଅର୍ଥାତ ଯିଏବି ମୋ ସନ୍ଥମାନଙ୍କ ସହିତ ଶତୃତା ପ୍ରଦର୍ଶନ କରିବ ମୁଁ ତା ସହିତ ଯୁଦ୍ଧ ଘୋଷଣା କରୁଅଛି । ଯେତେବେଳେ ଜଣେ ବ୍ୟକ୍ତି କୌଣସି ବ୍ୟକ୍ତି ପ୍ରତି ପ୍ରେମଭାବ ପ୍ରଦର୍ଶନ କରେ ଏବଂ ଏହି ପ୍ରେମଭାବ ବ୍ୟକ୍ତିଗତ ସଭାରେ ପ୍ରଦର୍ଶିତ ହୁଏ ଯେଉଁଠି ଅନ୍ୟ କେହି ନଥାନ୍ତି । ତେବେ ସେ ପରିପ୍ରେକ୍ଷୀରେ ସେହି ବ୍ୟକ୍ତିର ପ୍ରଦର୍ଶିତ ପ୍ରେମଭାବ ତା ମନର ସ୍ୱର ହୋଇଥାଏ । ଅନ୍ୟ ଅର୍ଥରେ କହିବାକୁ ଗଲେ ଜଣେ ପବିତ୍ର ବ୍ୟକ୍ତି ଯାହାକୁ ଅଲ୍ଲାଃ ତାଲା ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ତା’ର ପ୍ରତ୍ୟେକ ଶବ୍ଦ ତାହା ଅନ୍ତରର ସ୍ୱର ହୋଇଥାଏ କିନ୍ତୁ ଆପତିକାରୀଙ୍କୁ ଏହା ଜାଣିରଖିବା ଉଚିତ ଯେ, ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କର ଏହି ପ୍ରେମ ପ୍ରକାଶ ବାହିକ୍ୟ ମଧରେ ଘର ପର୍ଯ୍ୟନ୍ତ ସିମିତ ନଥିଲା ବରଂ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କର ଏହି ପ୍ରକାଶ୍ୟ ପ୍ରେମଭାବର ପ୍ରଦର୍ଶନ ଇମାମ୍ ହୁସୈନ୍ ଓ ଇମାମ୍ ହସନ୍ ଓ ହଜୁର ସ:ଆ:ସଙ୍କର ବଂଶଧର ବିଷୟରେ ନିଜ ପାରିବାରିକ ସଭାରେ ମଧ୍ୟ ପିଲାମାନଙ୍କୁ ଏକତ୍ରିତ କରି ବସାଇ ହଜୁର ଉକ୍ତ ଭାବବେଗର ପରିପ୍ରକାଶ କରୁଥିଲେ ।

ହଜ୍‌ରତ୍ ମିର୍ଜା ବଶିର ସାହେବ୍ ବର୍ଣ୍ଣନା କରନ୍ତି କି ହଜ୍‌ରତ୍ ମସିହ ମଉଦ୍ ଆ:ସ ରସୁଲୁଲ୍ଲାଃ ସ:ଆ:ସଙ୍କୁ ପ୍ରେମ କରିବା ଯୋଗୁଁ ତାଙ୍କ ବଂଶ ଓ ସନ୍ତାନମାନଙ୍କ ସହିତ ତଥା ସାହାବାମାନଙ୍କ ସହିତ ଅସୀମ ପ୍ରେମର ପରିପ୍ରକାଶ କରିଛନ୍ତି । ସୁତରାଂ ଏକଦା ଯେତେବେଳେ ମୋହ୍‌ରମ୍ ମାସ ଥିଲା । ହଜ୍‌ରତ୍ ମସିହ ମଉଦ୍ ଆ:ସ ନିଜ ଉଦ୍ୟାନରେ ଏକ ଖଟ ଉପରେ ବିଶ୍ରାମ କରୁଥିଲେ, ହଜୁର ମୋର ଭଗୀନି ମୁବାରକ୍ ବେଗମ୍ ସାହିବା ର:ଅଙ୍କୁ ଓ ମୋର ଭାଇ ସ୍ୱର୍ଗତ ମୁବାରକ୍ ଅହ୍‌ମଦ୍ ଯିଏକି ସମସ୍ତ ଭାଇଭଉଣୀମାନଙ୍କ ମଧ୍ୟରେ କନିଷ୍ଠ ଥିଲା, ତାଙ୍କୁ ନିଜ ନିକଟକୁ ଡ଼ାକିଲେ ଏବଂ କହିଲେ, ଆସ ମୁଁ ତୁମମାନଙ୍କୁ ସେହି ମୋହ୍‌ରମ୍ ମାସ ପ୍ରସଙ୍ଗରେ ଗପଟିଏ ଶୁଣାଇବି ସୁତରାଂ ହଜ୍‌ରତ୍ ମସିହ ମଉଦ୍ ଆ:ସ ଅତ୍ୟନ୍ତ ବେଦନାର ସହିତ ହଜ୍‌ରତ୍ ଇମାମ୍ ହୁସୈନ୍ ଓ ହସନ୍ ର:ଅଙ୍କ ସାହାଦତ୍‌ର ଘଟଣା ବର୍ଣ୍ଣନା କଲେ, ଯେତେବେଳେ ହଜ୍‌ରତ୍ ମସିହ ମଉଦ୍ ଆ:ସ ଏହି ଘଟଣା ବର୍ଣ୍ଣନା କରୁଥିଲେ ସେତେବେଳେ ତାଙ୍କ ଆଖିରୁ ଲୁହ ଧାରା ବହି ଚାଲିଥିଲା ଏବଂ ହଜୁର ନିଜ ଆଙ୍ଗୁଠିରେ ତାହାକୁ ପୋଛୁଥିଲେ । ଉକ୍ତ ଦୁଃଖଦ ଘଟଣାକୁ ବର୍ଣ୍ଣନା କରୁସାରିବା ପରେ ହଜୁର ଆ:ସ ଅତ୍ୟନ୍ତ ଭାବବିହ୍ୱଳ ହୋଇ କହିଲେ, “ଅପବିତ୍ର ୟଜିଦ୍ ହିଁ ଆମ ପ୍ରୀୟତମ ନବୀଙ୍କ ନାତିଙ୍କର ଉପରେ ଅତ୍ୟାଚାର କରିଥିଲା । କିନ୍ତୁ ଅଲ୍ଲାଃ ତାଲା ମଧ୍ୟ ସେହି ଅତ୍ୟାଚାରୀମାନଙ୍କୁ ଖୁବ୍ ଶିଘ୍ର ନିଜ କଠୋର ଦଣ୍ଡରେ ଦଣ୍ଡିତ କରିଥିଲେ” ଅର୍ଥାତ ଶାସ୍ତି ଦେଇଥିଲେ । ସେତେବେଳେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଉପରେ ଏକ ରକମର ଭିନ୍ନ ଅବସ୍ଥା ଆଚ୍ଛାଦିତ ଥିଲା ଏବଂ ନିଜର ମୁନିବଙ୍କ ଆତ୍ମିୟର ସାହାଦତ୍‌କୁ ମନେ ପକାଇ ହଜୁର ଆ:ସ ମନ ଅତ୍ୟନ୍ତ ଭାରାକ୍ରାନ୍ତ ଓ ବ୍ୟଗ୍ର ହୋଇ ଉଠିଥିଲା ଏବଂ ତାହା କେବଳ ହଜୁର

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

‘‘ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।’’ *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family,*
*Jamat Ahmadiyya, Kerang (Odisha)*

ସ:ଆ:ସଙ୍କ ପ୍ରେମଯୋଗୁଁ ହିଁ ଥିଲା ।

***(ସିରତେ ତୟବା....... ପୃ-୩୬-୩୭)***

ଏ ସଂକ୍ରାନ୍ତରେ ସ୍ୱୟମଂ ହଜ୍‌ରତ୍ ନୱାବ୍ ମୁବରକା ବେଗମ୍ ସାହିବା କୁହନ୍ତି, ହଜ୍‌ରତ୍ ମସିହ ମଉଦ୍ ଆ:ସ ଉଦ୍ୟାନରେ ଖଟ ଉପରେ ଶୋଇଥିଲେ । ହଜୁର ହଜ୍‌ରତ୍ ମୁବାରକା ବେଗମ୍ ସାହିବାଙ୍କୁ ଏକ କସ୍‌ଟିଏ ଲେଖି କହିଲେ, ଆସ ମୁଁ ତୁମକୁ ମୋହରମ ମାସର ଗପଟିଏ କହିବି । ପୁନଶ୍ଚ ହଜ୍‌ରତ୍ ମୁବାରକା ବେଗମ୍ ସାହିବା କୁହନ୍ତି ଯେ, ଆମେ ଦୁହେଁ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ନିକଟରେ ବସିଗଲୁ । ଉକ୍ତ ମାସଟି ମୋହ୍‌ରମ୍‌ର ପ୍ରଥମ ସପ୍ତାହ ଥିଲା । ହଜ୍‌ରତ୍ ମସିହ ମଉଦ୍ ଆ:ସ ହଜ୍‌ରତ୍ ଇମାମ୍ ହୁସୈନ୍‌ଙ୍କର ସାହାଦତ୍‌ର ଘଟଣା ଶୁଣାଇବା ଆରମ୍ଭ କଲେ ଏବଂ କହିଲେ, ସେ ଆମ ପ୍ରୀୟ ନବୀଙ୍କ ନାତି ଥିଲେ । କପଟୀମାନେ ତାଙ୍କ ଉପରେ ଅନ୍ୟାୟ ଅତ୍ୟାଚାର କରି ତାଙ୍କୁ ଭୋକିଲା ଓ ସୋଶିଲା ରଖି କର୍ବଲା ନାମକ ଭୁମିରେ ଶହୀଦ କରିଦେଲେ । ହଜ୍‌ରତ୍ ମୁବାରକା ବେଗମ୍ ସାହିବା କୁହନ୍ତି, ସେଦିନ ଆକାଶ ରକ୍ତବର୍ଣ୍ଣ ପାଲଟି ଯାଇଥିଲା । ଉକ୍ତ ଘଟଣାକୁ ଚାଳିଶି ଦିନ ବିତିନଥିଲା କି ହତ୍ୟାକାରୀମାନେ ଅଲ୍ଲାଃ ତାଲାଙ୍କ କୋପର ଶିକାର ହୋଇଥିଲେ । କିଏ ପଙ୍ଗୁ ହୋଇ ମଲା ତ ଆଉ କିଏ କୁଷ୍ଠରୋଗରେ ପିଡ଼ୀତ ହେଲା । ଆଉ କାହା ଉପରେ ଅନ୍ୟ କେଉଁ ପ୍ରକାର ଶାସ୍ତି ଅବତୀର୍ଣ୍ଣ ହେଲା । ହଜ୍‌ରତ୍ ମସିହ ମଉଦ୍ ଆ:ସ ୟଜିଦ୍‌ର ଚର୍ଚ୍ଚା ହେବା ମାତ୍ରେ ୟଜିଦ୍ ପଲିଦ୍ ଅର୍ଥାତ ଘୃଣ୍ୟ ୟଜିଦ୍‌ର ଶବ୍ଦ ପ୍ରୟୋଗ କରୁଥିଲେ । ଦୀର୍ଘ ସମୟ ଧରି ହଜ୍‌ରତ୍ ମସିହ ମଉଦ୍ ଆ:ସ ଉକ୍ତ ଘଟଣା ଶୁଣାଇଲେ । ସେତେବେଳେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କର ଏହି ଅବସ୍ଥା ଅତିବ ମର୍ମାହତ ଓ କରୁଣା ପୂର୍ଣ୍ଣ ରହିଥିଲା, ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଆଖିରୁ ଲୁହ ବହି ଚାଲିଥିଲା । ଯାହାକୁ ସେ ନିଜ ସାହାଦତ୍‌ର ଆଙ୍ଗୁଳିରେ ପୋଛୁଥିଲେ । ଯେତେବେଳେ ଜଣେ ମନୁଷ୍ୟ ଉକ୍ତ ବିର୍ଭତ୍ସ ଓ ବର୍ବରତା ମୁଳକ ହତ୍ୟାକାଣ୍ଡ ବିଷୟରେ ଶୁଣେ ସେତେବେଳେ ତାହାର ଲୋମ ଟାଙ୍କୁରି ଉଠେ ।

***(ତହ୍‌ରିରାତେ ମୁବାରକ୍...... ପୃ-୨୨୨)***

ଯେତେବେଳେ ଶତୃ ତାଙ୍କୁ ପରାସ୍ତ କଲା, ହଜ୍‌ରତ୍ ଇମାମ୍ ହୁସୈନର ର:ଅ ନିଜ ଅଶ୍ୱର ମୁହଁକୁ ଫୁରାତ ନାମକ ନଦୀ ଆଡ଼କୁ ମୋଡ଼ି ଦେଇଥିଲେ । ସେତେବେଳେ ଶତୃମାନେ ତାଙ୍କ ରାସ୍ତା ଅବରୋଧ କରିଥିଲେ ଜଣେ ବ୍ୟକ୍ତି ତାଙ୍କ ଉପରକୁ ତୀର ମାରିଲା ଯାହାକି ତାଙ୍କ ଥୋଡ଼ିରେ ବାଜିଥିଲା ଯଦ୍ୱାରା ତାଙ୍କୁ ଗଭୀର ଆଘାତ ଲାଗିଥିଲା । ପୁନଶ୍ଚ ଆକ୍ରମଣକାରୀମାନେ ଆହୁରି ଅଧିକ ଆକ୍ରମଣଶୀଳ ହୋଇ ଆକ୍ରମଣ କରିଥିଲେ । ଯଦ୍ୱାରା ଘଟଣା ସ୍ଥଳରେ ଇମାମ୍ ହୁସୈନ ର:ଅ ବିରଗତି ପ୍ରାପ୍ତ କରିଥିଲେ । ବର୍ଣ୍ଣନାକାରୀ ବର୍ଣ୍ଣନା କରନ୍ତି ଯେ ସାହାଦତ୍ ପୂର୍ବରୁ ମୁଁ ହଜ୍‌ରତ ଇମାମ୍ ହୁସୈନ ର:ଅଙ୍କୁ ଏହା କହୁଥିବାର ଶୁଣିଲି ଯେ ମୁଁ ତୁମମାନଙ୍କୁ ଈଶ୍ୱରଙ୍କ ଦ୍ୱାହି ଦେଇ କହୁଛି ଯେ ତୁମେମାନେ ମୋ ଉପରେ ଅଲ୍ଲାଃ ତାଲାଙ୍କ ଭକ୍ତମାନଙ୍କୁ ଆଉ ଏଭଳି ଅନ୍ୟାୟ ଅତ୍ୟାଚାର କରି ହତ୍ୟା କରିବନାହିଁ । ମୋ ହତ୍ୟା ପରେ ସେହି ଭକ୍ତର ହତ୍ୟା ଯୋଗୁଁ ଅଲ୍ଲାଃ ତାଲା ସର୍ବାଧିକ ଅପ୍ରସନ୍ନ ହେବେ । ପୁନଶ୍ଚ ହଜ୍‌ରତ୍ ଇମାମ୍ ହୁସୈନ ର:ଅ କହିଲେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ ମୁଁ ଏ ଆଶା କରୁଛି ଯେ ଅଲ୍ଲାଃ ତାଲା ତୁମମାନଙ୍କୁ ତିରସ୍କୃତ କରି ମୋ ଉପରେ ଦୟା ଅବତୀର୍ଣ୍ଣ କରିବେ ତୁମମାନଙ୍କଠାରୁ ଏହିପରି ଭାବରେ ମୋର ପ୍ରତିଶୋଧ ନେବେ ତୁମେମାନେ ଆଶ୍ଚର୍ଯ୍ୟ ଚକିତ ରହିଯିବ । ସେହି ଅତ୍ୟାଚାରିମାନେ ହଜ୍‌ରତ୍ ଇମାମ୍ ହୁସୈନ୍ ଓ ତାଙ୍କର ବଂଶଧର ସହିତ ଯେଉଁ ର୍ଦୁବ୍ୟବହାର କରିଥିଲେ ଏବଂ ହଜ୍‌ରତ୍ ଇମାମ୍ ହୁସୈନ୍ ର:ଅଙ୍କ ନିର୍ମମ ଭାବରେ ଶହୀଦ କରିବାପରେ ଶିବିରରେ ପଶି ସର୍ବସ୍ୱ ଲୁଟି ନେଇଥିଲେ ଏବଂ ମହିଳାମାନଙ୍କ ମୁଣ୍ଡରୁ ଓଢ଼ଣୀ କାଢ଼ି ତାଙ୍କ ସହ ଅସଦାଚରଣ କରିଥିଲେ । ଇମାମ୍ ହୁସୈନ୍ ର:ଅଙ୍କୁ ଶହୀଦ କରିବାପରେ ହତ୍ୟାକାରୀଙ୍କ ସେନାପତି ଏହି ଆଦେଶ ଦେଇଥିଲେ ଯେ, ତାଙ୍କ ମରଶରୀର ଉପରେ ଘୋଡ଼ା ସହିତ ଅତିକ୍ରମ କରାଯାଉ । ଅତଏବ ଦଶଟି ଅଶ୍ୱାରୋହୀଙ୍କୁ ପ୍ରସ୍ତୁତ କରାଯାଇଥିଲା ଏବଂ ସେନାପତି ତାଙ୍କୁ ଆଦେଶ ଦେଇଥିଲେ ତଥା ସେହି ଦଶଜଣ ଅଶ୍ୱାରୋହୀଙ୍କୁ ଆଦେଶ ଦେଇଥିଲେ ଯେ, ହଜ୍‌ରତ୍ ଇମାମ୍ ହୁସୈନ୍ ର:ଅଙ୍କ ମରଶରୀରକୁ ଅଶ୍ୱାରୋହୀଙ୍କ ଖୁର ସାହାଯ୍ୟରେ ଦଳି ଦିଆଯାଉ । ତାଙ୍କ ଅଂଟାର ଅସ୍ଥିକୁ ଓ ପଞ୍ଜରାର ହାଡ଼କୁ ଭାଙ୍ଗି ଚୁରମାର କରିଦିଆଯାଇଥିଲା । ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଇମାମ୍ ହୁସୈନ୍ ର:ଅଙ୍କ ମରଶରୀର ଉପରେ ଶରର ତଥା ତୀରର ୩୩ଟି କ୍ଷତ ଚିହ୍ନ ଓ ଖଡ୍ଗର ୪୩ଟି କ୍ଷତ ଚିହ୍ନ ରହିଥିଲା । ଏ ସବୁ ସତ୍ୱେ ହତ୍ୟାକାରୀମାନେ ଇମାମ୍ ହୁସୈନ୍ ର:ଅଙ୍କ ମୁଣ୍ଡକୁ କାଟି ଗର୍ଭଣ୍ଡର ନିକଟକୁ ପ୍ରେରଣ କରିଥିଲେ ଗର୍ଭନର ସେହି କଟା ମୁଣ୍ଡକୁ କୁଫାରେ ରୋପଣ କରାଇଥିଲା । ***(ତାରିଖେ ତିବ୍‌ରି ଖଣ୍ଡ-୪, ପୃ-୨୫୩-୨୫୭,୨୬୦......... କରାଚି ୨୦୦୩)***

***(ତାରିଖେ ଇସ୍‌ଲାମ୍ ଦ୍ୱିତୀୟ......... କରାଚି ୧୯୯୮)***

ହତ୍ୟାକାରୀମାନେ ହଜ୍‌ରତ୍ ଇମାମ୍ ହୁସୈନ୍ ର:ଅଙ୍କ ସହିତ ଏଭଳି ନୃସଂସନିୟ ବର୍ବରକାଣ୍ଡ କରିଥିଲେ ଯେ, ଜଣେ ଶତୃ ମଧ୍ୟ ଏଭଳି ବର୍ବରତା ନିଜର ପରମଶତୃ ସହ ପ୍ରଦର୍ଶନ କରିବନାହିଁ । ଏହା ଥିଲା ହଜ୍‌ରତ୍ ଇମାମ୍ ହୁସୈନ୍ ର:ଅଙ୍କ ସଂକ୍ରାନ୍ତରେ ସଂକ୍ଷିପ୍ତ ବର୍ଣ୍ଣନା ଯାହାକୁ ହଜ୍‌ରତ୍ ମସିହ ମଉଦ୍ ଆ:ସ ବର୍ଣ୍ଣନା କରିଥିଲେ ଏବଂ ସେତେବେଳେ ତାଙ୍କ ଆଖିରୁ ଲୁହ ଧାର ଅନବରତ ଭାବରେ ଝରି ଚାଲିଥିଲା । ସୁତରାଂ ଶତୃମାନେ ଏହା କିପରି କହିପାରିବେ ଯେ ଆମେମାନେ ନୌଜୁବିଲ୍ଲା ହଜୁର ସ:ଆ:ସଙ୍କ ବଂଶଧର ପ୍ରତି ସ୍ନେହ ଓ ଭଲ ପାଇବା ରଖୁନାହୁଁ କିମ୍ବା ତାଙ୍କ ମହତ୍ୱକୁ ଉପଲବ୍ଧି କରୁନାହୁଁ ତା ନୁହେଁ ବରଂ ଏକ ଅବସରରେ ହଜ୍‌ରତ୍ ମସିହ ମଉଦ୍ ଆ:ସ ନିଜ ଯମାତ୍‌କୁ ଅତ୍ୟନ୍ତ କଡ଼ାକଡ଼ି ଭାବରେ ଉପଦେଶ ଦେଇଥିଲେ ଯେତେବେଳେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ସୁଚନା ମିଳିଲା ଯେ, କୌଣସି ବ୍ୟକ୍ତି ଅର୍ଥାତ ଯମାତ୍‌ର ସଦସ୍ୟ ହଜ୍‌ରତ୍ ଇମାମ୍ ହୁସୈନ୍ ର:ଅଙ୍କ ସମ୍ପର୍କରେ ନକାରାତ୍ମକ ଶବ୍ଦ ପ୍ରୟୋଗ କରିଛି । ସେତେବେଳେ ହଜ୍‌ରତ୍ ମସିହ ମଉଦ୍ ଆ:ସ ସ୍ପଷ୍ଟ ଉକ୍ତିରେ କହିଲେ, କୌଣସି ଜଣେ ବ୍ୟକ୍ତିଙ୍କ ତରଫରୁ ମୁଁ ପୋଷ୍ଟକାର୍ଡ଼ ମାଧ୍ୟମରେ ଜାଣିବାକୁ ପାଇଲି ଯେ, କେତେକ ନିର୍ବୋଧ ବ୍ୟକ୍ତିମାନେ ଯେଉଁମାନେ ସ୍ୱୟମକୁ ମୋ ଯମାତ୍‌ର ବୋଲି ପରିଚୟ ଦେଉଛନ୍ତି ସେମାନେ ଇମାମ୍ ହୁସୈନ୍ ର:ଅଙ୍କ ସମ୍ପର୍କରେ ତୁଣ୍ଡରେ ଏଭଳି ଭାଷା ପ୍ରୟୋଗ କରିଛନ୍ତି ଯାହାକି ଅନୁଚିତ । ନୌଜୁବିଲ୍ଲା ହଜ୍‌ରତ୍ ଇମାମ୍ ହୁସୈନ୍ ର:ଅ ସେ ସମୟର ଖଲିଫା ୟଜିଦ୍‌ଙ୍କର ବୟତ କରିନଥିଲେ । ତେଣୁ ସେ ବିଦ୍ରୋହି ଥିଲେ ଏବଂ ୟଜିଦ୍ ନ୍ୟାୟରେ ଥିଲା । ସୁତରାଂ ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି: **ଲାନତୁଲ୍ଲାହି ଅଲଲ୍ କାଜିବିନ୍** ମୁଁ ଏହା ଆଶା କରୁନାହିଁ ଯେ ମୋର ଯମାତ୍‌ର କୌଣସି ସଦାଚାରି ବ୍ୟକ୍ତି ମୁହଁରୁ ଏପରି ବାକ୍ୟ ବାହାରିଥିବ କିନ୍ତୁ ଏଥିସହ ମୋ ମନରେ ଏହି ଧାରଣା ଯାତ ହେଲା ଯେ, ଅଧିକାଂଶ ସିହା ସମ୍ପ୍ରଦାୟର ଲୋକମାନେ ନିଜର ଘୃଣା, ଅପଶବ୍ଦମୂଳକ ଜପ, ଶ୍ରାପ ଓ କଟାକ୍ଷରେ ମତେ ମଧ୍ୟ ସାମିଲ କରିଥାନ୍ତି । ସୁତରାଂ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନୁହେଁ । ଯେ କୌଣସି ଅସଭ୍ୟ ନିର୍ବୋର୍ଧ ତଥା ବୁଦ୍ଧିହିନମୂଳକ କଥାର ଉତରରେ ଭିତିହୀନ କଥା କହିଦେଇଛି ଯେପରି କି କେତେକ ନିର୍ବୋଧିଆ ମୁସଲମାନମାନେ କୌଣସି ଅସଭ୍ୟ ଖ୍ରୀଷ୍ଟବ୍ୟକ୍ତି ଯିଏ କି ହଜୁର ସ:ଆ:ସଙ୍କ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରେ ତେବେ ସେ ତା'ର ଜବାବ୍‌ରେ ହଜ୍‌ରତ୍ ଯିଶୁଖ୍ରୀଷ୍ଟଙ୍କ ପ୍ରତି ଅପ୍ରିତିକର ଶବ୍ଦ ପ୍ରୟୋଗ କରିଦିଅନ୍ତି । ସେ ଯାହା ହେଉ ନା କାହିଁକି ମୁଁ ଏହି ଇସ୍ତେହାର ମାଧ୍ୟମରେ ନିଜ ଯମାତ୍‌କୁ ସୁଚିତ କରିଦେବାକୁ ଚାହୁଁଛି ଯେ, ଆମେମାନେ ଏହି ବିଶ୍ୱାସ ରଖୁ ଯେ, ୟଜିଦ୍ ଜଣେ ଅସଭ୍ୟ, ସାଂସାରିକ କୀଟ ଓ ଅତ୍ୟାଚାରି ଥିଲା । ଯେଉଁ ଅର୍ଥାନୁଯାୟୀ କୌଣସି ଅବିଶ୍ୱାସକାରୀ ସମ୍ପର୍କରେ ଯେଉଁ ଅବଗୁଣମୁଳକ କଥା କୁହାଯାଏ ସେହି ଅବଗୁଣଗୁଡ଼ିକ ଯଦି ଉକ୍ତ ବିଶ୍ୱାସକାରୀ ମଧ୍ୟରେ ନଥିଲା, ବିଶ୍ୱାସକାରୀ ହେବା କୌଣସି ସହଜ କଥା ନୁହେଁ । ଏପରି ବ୍ୟକ୍ତିମାନଙ୍କ ସମ୍ପର୍କରେ ଅଲ୍ଲାଃ ତାଲା କୁହନ୍ତି: **କାଲତିଲ୍ ଆରାବୁ ଆମନ୍ନା କୁଲ୍ ଲମ୍ ତୁମିନୁ ୱଲାକିନ୍ କୁଲୁ ଅସ୍‌ଲମ୍‌ନା (ହୁଜୁରାତ-୧୫)** ଅର୍ଥାତ ପ୍ରକୃତ ବିଶ୍ୱାସକାରୀମାନେ ହେଉଛନ୍ତି ସେହିମାନେ ଯେଉଁମାନଙ୍କର କର୍ମ ସେମାନଙ୍କର ବିଶ୍ୱାସ ସମ୍ପର୍କରେ ସାକ୍ଷ୍ୟ ପ୍ରଦାନ କରିଥାଏ । ଯେଉଁମାନଙ୍କର ମନରେ ବିଶ୍ୱାସ ଉଲ୍ଲେଖିତ କରାଯାଇଥାଏ । ଏବଂ ଯେଉଁମାନେ ନିଜ ଈଶ୍ୱର ଓ ତାଙ୍କର ପ୍ରସନ୍ନତାକୁ ପ୍ରତ୍ୟେକ ବସ୍ତୁ ଉପରେ ଅଗ୍ରାଧିକାର ଦିଅନ୍ତି ଏବଂ ଧର୍ମନିଷ୍ଠତାର ସୂକ୍ଷ୍ମତିସୂକ୍ଷ୍ମ ତଥା ସଂକୀର୍ଣ୍ଣ ମାର୍ଗକୁ ଅଲ୍ଲାଃ ତାଲାଙ୍କ ସକାଶେ ଅବଲମ୍ବନ କରନ୍ତି ଏବଂ ତାଙ୍କର ପ୍ରେମରେ ନିର୍ମଜିତ ହୋଇଯାଆନ୍ତି ଏବଂ ପ୍ରତ୍ୟେକ ବସ୍ତୁ ଯିଏ ମୂର୍ତୀମାନଙ୍କପରି ଅଲ୍ଲାଃ ତାଲାଙ୍କଠାରୁ ଅଟକାଇ ଦେଇଥାଏ ସେ ଚାରିତ୍ରିକ ଅବସ୍ଥା ହେଉ କି କୁକର୍ମ ହେଉ କିମ୍ବା ଅସାବଧାନତା ଏବଂ ଆଳସ୍ୟ ପରାୟଣ ହେଉ ସେହି ସମସ୍ତ ମାୟାଠାରୁ ସେମାନେ ନିଜକୁ ଦୂରେଇ ରଖିଥାନ୍ତି । କିନ୍ତୁ ହତଭାଗ୍ୟ ୟଜିଦ୍‌କୁ ଏ ସବୁ କଥା କେଉଁଠୁ ପ୍ରାପ୍ତ ହୋଇଥାଆନ୍ତା । ସାଂସାରିକ ମୋହମାୟା ତାହାକୁ ଅନ୍ଧ କରିଦେଇଥିଲା । କିନ୍ତୁ ହଜ୍‌ରତ୍ ଇମାମ୍ ହୁସୈନ୍ ର:ଅଙ୍କ ଅସ୍ତିତ୍ୱ ପବିତ୍ରମୟ ଥିଲା ଏବଂ ନିଃସନ୍ଦେହରେ କହିବାକୁ ଗଲେ, ସେ ସେହି ମନୋନୀତ ଓ ପୂଣ୍ୟଆତ୍ମାଙ୍କ ମଧ୍ୟରୁ ଜଣେ ଥିଲେ, ଯାହାଙ୍କୁ ଅଲ୍ଲାଃ ତାଲା ନିଜ ହସ୍ତରୁ ସ୍ୱଚ୍ଛ କରିଥିଲେ ଏବଂ ନିଜର ପ୍ରେମ ଦ୍ୱାରା ପରିପୂର୍ଣ୍ଣ କରିଥିଲେ । ନିଃସନ୍ଦେହରେ କହିବାକୁ ସେ ବୈକୁଣ୍ଠବାସୀଙ୍କ ମଧ୍ୟରୁ ଜଣେ ଓ ବୈକୁଣ୍ଠବାସୀର ଅଧିପତି ଥିଲେ । ତେଣୁ ତାଙ୍କ ପ୍ରତି ବୈରାଗ୍ୟ ମନଭାବ ପୋଷଣ କରିବା ଦ୍ୱାରା ବିଶ୍ୱାସହାନୀ ହୋଇଥାଏ ଏବଂ ସେହି ଇମାମ୍‌ଙ୍କର ଧର୍ମପରାୟଣତା ଓ ଐଶ୍ୱରିକ ପ୍ରେମ, ଧୈର୍ଯ୍ୟ, ଅବିଚଳତା, ପବିତ୍ରତା ଓ ଭକ୍ତିଭାବ ଆମମାନଙ୍କ ପାଇଁ ଏକ ଆଦର୍ଶ ଏବଂ ଆମେମାନେ ସେହି ନିରୀହଙ୍କୁ ଅନୁସରଣକାରୀ ରୂପେ ବିବେଚିତ ହେବା ଯାହା କିଛି ତାଙ୍କୁ ପ୍ରାପ୍ତ ହୋଇଥିଲା । ସେହି ହୃଦୟର ବିଳୟ ଘଟିଯାଏ ଯିଏ ତାଙ୍କୁ ନିଜର ଶତୃମଣିଥାଏ ଏବଂ ସେହି ବ୍ୟକ୍ତି ସଫଳତା ଲାଭ କରିଥାଏ ଯିଏ ବ୍ୟବହାରିକ ଶୈଳୀରେ ତାଙ୍କ ପ୍ରତି ପ୍ରେମ ଭାବ ପ୍ରଦର୍ଶନ କରିଥାଏ । ସେହି ବ୍ୟକ୍ତି ହଜ୍‌ରତ୍ ଇମାମ୍ ହୁସୈନ୍ ର:ଅଙ୍କ ସମସ୍ତ ବିଶ୍ୱାସ, ଚାରିତ୍ରିକତା, ସାହାସିକତା, ଧର୍ମନିଷ୍ଠତା, ଅବିଚଳତା ଓ ଐଶ୍ୱରିକ ପ୍ରେମର ସମସ୍ତ ପଦାଙ୍କକୁ ପ୍ରତିବିମ୍ବିତ କରି ପୂର୍ଣ୍ଣ ଅନୁସରଣାତ୍ମକ ସହିତ ନିଜ ମଧ୍ୟକୁ ଶୋଷିନିଏ, ଯେପରି ଏକ ସ୍ୱଚ୍ଛ ଆଇନାରେ ଜଣେ ସୁନ୍ଦର ବ୍ୟକ୍ତିର ପ୍ରତିବିମ୍ବ ପ୍ରତିଫଳିତ ହୋଇଥାଏ । ସେହିପରି ଲୋକମାନେ ସଂସାରର ଚକ୍ଷୁରୁ ଗୋପନ ରହିଥାନ୍ତି ସେମାନଙ୍କର ମହତ୍ୱ କିଏ ବା ଅବଲୋକନ କରିପାରିବ କିନ୍ତୁ ସେହି ବ୍ୟକ୍ତି ହିଁ ସେହି ସନ୍ଥାତ୍ମାଙ୍କର ମହତ୍ୱକୁ ଅବଲୋକନ କରିପାରିବ ଯିଏ ଏମାନଙ୍କ ପରି ଉତମ ଆଚରଣ, ଉତମ ଚରିତ୍ରବାନ ଓ ଶିଷ୍ଟାଚାରୀ ହୋଇଥିବ । ସଂସାରର ଚକ୍ଷୁ ତାଙ୍କୁ ଚିହ୍ନିପାରେନା, କାରଣ ଏମାନେ ସଂସାରରୁ ବହୁତ ଦୂରରେ ଅବସ୍ଥିତ କେବଳ ଆଧ୍ୟାତ୍ମିକ ଚକ୍ଷୁଷ୍ମାନ ହିଁ ଏମାନଙ୍କୁ ଚିହ୍ନିପାରିବ । ହଜ୍‌ରତ୍ ହୁସୈନ୍ ର:ଅଙ୍କ ସାହାଦତ୍ ପଛରେ ଏହା ହିଁ କାରଣ ରହିଥିଲା କାରଣ ତାଙ୍କୁ ସଂସାର ପ୍ରେମୀ ଚିହ୍ନି ପାରିନଥିଲେ । ତେଣୁ ଏହି ସଂସାରବାସୀମାନେ କୌଣସି ମନୋନୀତ ସନ୍ଥାତ୍ମାଙ୍କୁ ସେମାନଙ୍କ ଯୁଗରେ ପ୍ରେମ କରିନାହାନ୍ତି । ଅତଃ ହଜ୍‌ରତ୍ ଇମାମ୍ ହୁସୈନ୍ ର:ଅଙ୍କ କ୍ଷେତ୍ରରେ କିପରି ପରିଲକ୍ଷିତ ହେବ ବୋଲି ଆଶା କରାଯାଇପାରିବ । ସୁତରାଂ ଉକ୍ତ ଘଟଣାଟିରେ ବୁଦ୍ଧିହୀନତା ଓ ବିଶ୍ୱାସହୀନତା ମିଶିବା ପୁରି ରହିଛି ଯେ, ହୁସୈନ୍ ର:ଅଙ୍କୁ ଅପମାନିତ, ତିରସ୍କୃତ ଓ ତାଙ୍କର ଅନାଦାର

କରାଯାଉ ଏବଂ ଯେଉଁ ବ୍ୟକ୍ତି ହଜ୍‌ରତ୍ ଇମାମ୍ ହୁସୈନ୍ କିମ୍ବା ଅନ୍ୟ କୌଣସି ଧର୍ମଅଧ୍ୟକ୍ଷ ସନ୍ଥାତ୍ମାଙ୍କର ଅନାଦାର କରେ କିମ୍ବା ତାଙ୍କର ବିରୋଧରେ ଅପଶବ୍ଦ ନିଜ ତୁଣ୍ଡରେ ଧରେ ତେବେ ସେହି ପରିପ୍ରେକ୍ଷିରେ ସେ ନିଜର ବିଶ୍ୱାସକୁ ହରାଇ ବସିବ କାରଣ ଅଲ୍ଲାଃ ତାଲା ସେହି ବ୍ୟକ୍ତିର ଶତ୍ରୁ ପାଲଟି ଯାଇଥାନ୍ତି ଯିଏ ତାଙ୍କ ପ୍ରୀୟ ଓ ମନୋନୀତ ଅବତାରଙ୍କ ପ୍ରତି ଶତୃତା ପ୍ରଦର୍ଶନ କରେ।

*(ମଜ୍‌ମୁଆ ଇସ୍ତେହାରାତ୍ ଖଣ୍ଡ୦୨, ପୃ-୬୫୩-୬୫୪ ଇସ୍ତେହାର ନଂ- ୨୭୦ "ତବ୍‌ଲିଗେ ହକ୍" ମୁଦ୍ରଣ ରବୁଓ୍ୱା)*

ସୁତରାଂ ଏହା କିପରି ସମ୍ଭବ ହୋଇପାରେ ଯେ, ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କର ଏହି ସମସ୍ତ କଥା ଶୁଣିବାପରେ ଏହା କୁହାଯାଇପାରିବ ଯେ, ଆପଣ ହଜୁର ସ:ଆ:ସଙ୍କ ବଂଶଧର ସହିତ ପ୍ରେମ ଓ ଭଲପାଇବା ନଥିଲା। ତେଣୁ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ଯେଉଁ ପ୍ରେମର ଧାରଣା ରହିଥିଲା ତାହା ଅନ୍ୟକୁ କିପରି ପ୍ରାପ୍ତ ହୋଇପାରିବ ତାହା ହିଁ ହଜ୍‌ରତ୍ ମସିହ ମଉଦ୍ ଆ:ସ କହିଛନ୍ତି। କିନ୍ତୁ ସିହା ସମ୍ପ୍ରଦାୟ ଅତିଶୟତି ପର୍ଯ୍ୟନ୍ତ ଯାହା ଚାଲିଯାଇଛନ୍ତି ସେଠାରେ ହଜ୍‌ରତ୍ ମସିହ ମଉଦ୍ ଆ:ସ ସେମାନଙ୍କୁ ବାସ୍ତବତା ସହିତ ମଧ୍ୟ ପରିଚିତ କରାଇଛନ୍ତି ଏବଂ ଯେଉଁଠି ସୁନ୍ନି ସମ୍ପ୍ରଦାୟ ଭୁଲ୍ ପ୍ରମାଣିତ ହୋଇଛନ୍ତି ସେଠାରେ ମଧ୍ୟ ହଜୁର ସେମାନଙ୍କୁ ସଚେତନ କରିଛନ୍ତି। ସେମାନେ ନିଜର ସଂସ୍କାର କରନ୍ତୁ ଏବଂ ଏହା ଜଣେ ହକମ୍, ଅଦଲ୍ ଅର୍ଥାତ ନ୍ୟାୟ ବିଚାରକର କର୍ତବ୍ୟ ତେଣୁ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ପ୍ରସାରିତ କରିବାପାଇଁ ଏବଂ ସଂପ୍ରସାରଣ କରିବାପାଇଁ ଏହି କାର୍ଯ୍ୟ ପାଇଁ ଅଲ୍ଲାଃ ତାଲା ଆପଣଙ୍କୁ ପ୍ରେରଣ କରିଛନ୍ତି କିନ୍ତୁ ଏହା ସେତ୍ୱ ଏହି ଉଭୟ ବୃହତ ଗୋଷ୍ଠୀ ଯମାତ୍ ଅହେମଦୀୟାଙ୍କୁ ମନ୍ଦ ବୋଲି କହୁଛନ୍ତି ଆମେମାନେ ହିଁ ଏମାନଙ୍କ ଅତ୍ୟାଚାରର ଶିକାର ହେଉଅଛୁ କିନ୍ତୁ ଏ ସବୁ ସତ୍ୱେ ଆମେ ଧୈର୍ଯ୍ୟ ଦୃଢ଼ତାର ସହିତ ଏହି କାର୍ଯ୍ୟକୁ ଓ ଏହି କର୍ତବ୍ୟକୁ ସମ୍ପାଦନ କରିଚାଲିଛୁ ଯାହାକି ଆମ ଉପରେ ନ୍ୟସ୍ତ ରହିଛି। ଯେଉଁଥି ପାଇଁ ଆମେମାନେ ହଜ୍‌ରତ୍ ମସିହ ମଉଦ୍ ଆ:ସ ବୟତ କରିଛୁ ଯେ ଆମେମାନେ ଇସ୍‌ଲାମ୍‌ର ପ୍ରକୃତ ବାର୍ତା ଲୋକମାନଙ୍କ ନିକଟରେ ପହଂଚାଇବୁ ଏବଂ ଉକ୍ତ ଆଦର୍ଶକୁ ନିଜ ସମ୍ମୁଖରେ ରଖିବୁ ଯାହାକି ହଜ୍‌ରତ୍ ଇମାମ୍ ହୁସୈନ୍ ର:ଅ ଆମମାନଙ୍କୁ ଦେଇଛନ୍ତି।

ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ନିଜର ଏକ କବିତାରେ କୁହନ୍ତି, **ଓ୍ୱ ତୁମ୍‌କୁ ହୁସୈନ୍ ବନାତେ ହେଁ, ଅର୍ ଆପ୍ ୟଜିଦ୍ ବନ୍‌ତେ ହେଁ, ୟେ କ୍ୟା ହି ସସ୍ତା ସୌଦା ହେ, ଦୁଶ୍‌ମନ୍ କୋ ତୀର ଚଲାନେ ଦୋଁ,** ସୁତରାଂ ଆମମାନଙ୍କର ବଳିଦାନ କେବେହେଲେ ବ୍ୟର୍ଥ ଯିବନାହିଁ ଇନ୍‌ଶାଅଲ୍ଲାଃ ତାଲା। ହଜ୍‌ରତ୍ ମସିହ ମଉଦ୍ ଆ:ସ ଏକ ସ୍ଥାନରେ କୁହନ୍ତି ଯେ ବର୍ତମାନ ମତେ ଯାହା ଫଳାଫଳ ଦୃଶ୍ୟମାନ ହେଉଛି ତାହା ହଜ୍‌ରତ୍ ଇମାମ୍ ହୁସୈନ୍ ର:ଅଙ୍କ ସପକ୍ଷରେ ଜଣାପଡୁଛି କିନ୍ତୁ ଏଥର ସେହି ପୂର୍ବପରି ଫଳାଫଳ ପ୍ରକାଶ ପାଇବନାହିଁ। ଯାହା ଶତ୍ରୁମାନେ ଆଶା କରୁଛନ୍ତି ବରଂ ତାହାର ବିପରୀତ ଘଟିବ କାରଣ ଅଲ୍ଲାଃ ତାଲା ତାହା ହିଁ ଧାର୍ଯ୍ୟ କରିଛନ୍ତି। ଏଥର ହଜ୍‌ରତ୍ ହୁସୈନ୍ ର:ଅଙ୍କ ପରି ସ୍ୱଭାବ ରଖୁଥିବା ବ୍ୟକ୍ତିଙ୍କୁ ହିଁ ବିଜୟ ମଣ୍ଡିତ କରିବେ। ପ୍ରକାଶ୍ୟ ଏବଂ ଅନ୍ତଃ ବିଜୟ ହେବ ଇନ୍‌ଶାଅଲ୍ଲାଃ ତାଲା। ଶତ୍ରୁମାନେ ନିଶ୍ଚୟ ଅସଫଳ ହେବେ ଅତଃ ଆମମାନଙ୍କ ପକ୍ଷେ ଏହା ଉଚିତ ଯେ, ଆମେମାନେ ଆଜିକାଲି ଚଳିତ ମାସରେ ବିଶେଷ କରି ଯେତେବେଳେ ଶତୃତା ଓ ବିରୋଧ ନିଜର ଚରମସୀମାରେ ପହଂଚିଯାଇଛି ପାକିସ୍ତାନରେ ଓ ପୃଥିବୀରେ ଅନ୍ୟସ୍ଥାନମାନଙ୍କରେ ମଧ୍ୟ ଯମାତ୍ ବିରୋଧରେ ଏହିଭଳି ବର୍ବରତା ପ୍ରଦର୍ଶନ କରାଯାଉଛି। ସେତେବେଳେ ଆମମାନଙ୍କୁ ଦୁଆପ୍ରତି ବିଶେଷ ଧ୍ୟାନ ଦେବା ଉଚିତ। ଅଧିକରୁ ଅଧିକ ଦୁରୁସ୍ ସରିଫ୍ ପଢ଼ିବା ଉଚିତ ଏବଂ ଆମେମାନେ ଯେତେ ଅଧିକ ଅଲ୍ଲାଃ ତାଲାଙ୍କ ଆଗରେ ନତମସ୍ତକ ହେବା ସେତେ ଅଧିକ ଅଲ୍ଲାଃ ତାଲା ଆମମାନଙ୍କ ଗୁହାରିକୁ ଶୁଣିବେ ଏବଂ ଆମ୍ଭଙ୍କୁ ବିଜୟ ପ୍ରଦାନ କରିବେ। ଏହି ଦିନମାନଙ୍କରେ ବିଶେଷ କରି ଅନ୍ୟ ମୁସଲମାନ ଭାଇମାନଙ୍କ ପାଇଁ ମଧ୍ୟ ଦୁଆ କରିବା କାରଣ ସେମାନେ ପରସ୍ପରର ସ୍କନ୍ଦଚ୍ୟୁତ କରିବାରେ ବ୍ୟସ୍ତ ଓ ବ୍ୟଗ୍ର ରହୁଛନ୍ତି। ସେମାନେ ଜାଣୁନାହାନ୍ତି ଯେ, ସେମାନେ କଣ କରୁଛନ୍ତି ଏବଂ ଏହି ନାମକୁ ମାତ୍ର ମୌଲବୀମାନଙ୍କ କଥାରେ ଭ୍ରମିତ ହୋଇ ସେମାନେ ଏଭଳି କାଣ୍ଡ କରିବସୁଛନ୍ତି। ଏହି ଦିନମାନଙ୍କରେ ବିଶେଷ ରୂପେ ଯେତେବେଳେ ମୋହରମ୍ ମାସ ଦଶ ତାରିଖ ଦିନ ଆସେ ସେତେବେଳେ କେଉଁଠି ନା କେଉଁଠି ଇମାମ୍ ର ଆଖଡ଼ା ଓ ଶୋଭାଯାତ୍ରାରେ ବିଭିନ୍ନ ସ୍ଥାନରେ ରକ୍ତପାତ ହୋଇଥାଏ ଏବଂ ପୁନଶ୍ଚ ଅନେକ ଲୋକମାନଙ୍କୁ ଧର୍ମ ନାଁରେ ଶହୀଦ କରିଦିଆଯାଇଥାଏ ସୁତରାଂ ଅଲ୍ଲାଃ ତାଲା ଏମାନଙ୍କୁ ସତ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ଚଳିତ ବର୍ଷ ଏଭଳି କୌଣସି ଦୁଃଖ ଦାୟକ ସୁଚନା ନ ମିଳୁ ଯେ ଅମକ ଦେଶରେ ଜଣେ ମୁସଲମାନ ଅନ୍ୟ ମୁସଲମାନଙ୍କୁ ହତ୍ୟା କରିଦେଇଛି ବୋଲି ଅଲ୍ଲାଃ ତାଲା ଉକ୍ତ ବାସ୍ତବତାକୁ ଯଥାଶିଘ୍ର ମୁସଲମାନ ଅବହିତ କରିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ। ଅଲ୍ଲାଃ ତାଲା ମୁସଲମାନମାନଙ୍କ ପାଇଁ ଯେଉଁ ବିଜୟ ନିୟତି ରଖିଛନ୍ତି ତାହା ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ମାଧ୍ୟମରେ ହିଁ ସମ୍ଭବ ହୋଇପାରିବ ଏବଂ ସେମାନେ ଏହା ବୁଝନ୍ତୁ ଯେ, ସେମାନଙ୍କର ସଫଳତା ତହିଁରେ ଅର୍ନ୍ତନିହିତ ଯେ, ସେମାନେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଦୀକ୍ଷା ନିଅନ୍ତୁ ତାଙ୍କ ବୟତରେ ଆସିଯାଆନ୍ତୁ। ଅଲ୍ଲାଃ ତାଲା ସେମାନଙ୍କୁ ଏଥିସକାଶେ ସାମର୍ଥ୍ୟ ପ୍ରଦାନ କରନ୍ତୁ। ଆମିନ୍........

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୨ ର ଅବଶିଷ୍ଟାଂଶ ......*

ନାଜିମ୍ ଅନ୍‌ସାରୁଲ୍ଲାଃ ଜିଲ୍ଲା କରାଚୀ ମଧ୍ୟ ରହିଥିଲେ। ୧୯୯୭ ମସିହା ପର୍ଯ୍ୟନ୍ତ ଏହି ସେବା ସମ୍ପାଦନ କରିଥିଲେ। ୧୯୯୭ ରୁ ୨୦୧୯ ମସିହ ପର୍ଯ୍ୟନ୍ତ ସେକ୍ରେଟାରୀ ଓ୍ୱକ୍‌ଫେ ଜଦିଦ୍ ପଦରେ ମୁତୟନ ରହିଥିଲେ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ନାଏବ ଅମୀର ଯମାତ୍ କରାଚୀ ମଧ୍ୟ ରହିଥିଲେ। ଫଜ୍‌ଲେ ଉମର୍ ଫାଉଣ୍ଡେସନର ଡ଼ାଇରେକ୍ଟର ଭାବରେ ମଧ୍ୟ ସେ ସେବା ସମ୍ପାଦନ କରିଛନ୍ତି। International Assoication of Ahmadiya Architects Engineers ର ପ୍ରଥମ ମଜ୍‌ଲିସ୍ ଆମେଲାରେ ଜଣେ ଅଡ଼ିଟର ଭାବରେ ସେ ସେବା ସମ୍ପାଦନ କରିଥିଲେ। ଅନେକ ବର୍ଷ ପର୍ଯ୍ୟନ୍ତ ସେ କରାଚୀ ଚାପ୍ଟରର ସଦର ଅର୍ଥାତ ଅଧ୍ୟକ୍ଷ ମଧ୍ୟ ରହିଥିଲେ। ୧୯୭୦ ମସିହାରେ ରବଓ୍ୱାର ଅତିଥିଶାଳା ଓ ଜଲ୍‌ସା ସାଲାନାରେ ରୁଟି ତିଆରି କରିବାପାଇଁ ଏକ ଯନ୍ତ୍ର ଲଗାଇବାର ଯୋଜନା ପ୍ରସ୍ତୁତ କରିଥିଲେ ଏବଂ ସେଥିପାଇଁ ପ୍ରସ୍ତାବ ମଧ୍ୟ ଦେଇଥିଲେ। ଯେତେବେଳେ ମେଶିନ୍ ତିଆରି କରିବା କାର୍ଯ୍ୟ ଆରମ୍ଭ ହୋଇଥିଲା ସେତେବେଳେ ସେଥିରେ ସେ ଇଞ୍ଜିନିୟର ଭାବରେ କାର୍ଯ୍ୟ ସମ୍ପାଦନ କରିଥିଲେ।

ତାଙ୍କ କନ୍ୟା ଅମାରା ସାହିବା ଲେଖିଛନ୍ତି, ଆମ ମାତାଙ୍କ ଦେହାନ୍ତ ପରେ ଆମ ପିତା ଜଣେ ଦୟାଳୁ ବାପ ପରି ନୁହେଁ ବରଂ ବେଶ୍ ଯତ୍ନକାରୀ ମାଆ ଓ ସହାନୁଭୁତିପୂର୍ଣ୍ଣ ବନ୍ଧୁପରି ନିଜ କର୍ତବ୍ୟ ତୁଲାଇଥିଲେ। ପ୍ରତି ମୁହୁର୍ତରେ ଖିଲାଫତ୍‌ର ବିଶ୍ୱସ୍ଥ ହେବା, ଧାର୍ମିକ ତଥା ନିୟମିତ ଭାବରେ ନମାଜ ପାଠ କରିବା, ଯମାତ୍ ସହ ସଂଶ୍ଲିଷ୍ଟ ରହିବା ଆଦି ପ୍ରତି ଆମମାନଙ୍କୁ ପ୍ରୋତ୍ସାହିତ କରୁଥିଲେ। ତାଙ୍କ ଯମାତା ଡ଼କ୍ଟର ଗଫାର୍ ସାହେବ କୁହନ୍ତି, ତାଙ୍କ ସହ ମୋର ସମ୍ପର୍କ ଦୀର୍ଘ ୩୦ ବର୍ଷ କାଳର ପୁରାତନ ଇତିମଧ୍ୟରେ ମୁଁ ତାଙ୍କୁ ବେଶ୍ ନିକଟରୁ ଦେଖିଛି। ତାଙ୍କ ନିକଟତା ଓ ସଙ୍ଗତ ମୋ ଜୀବନର କାୟା ପାଲଟି ଦେଇଛି। ତାଙ୍କ ନିତିଦିନିଆ ଜୀବନ ଅତ୍ୟନ୍ତ ପବିତ୍ରମୟ ଓ ସାଧାରଣ ଥିଲା। ଉପାସନାରେ ମଗ୍ନ ନିୟମିତ ରୂପେ ତହ୍‌ଜୁଦ୍ ପାଠ କରିବା ତାଙ୍କର ଅଭ୍ୟାସ ଥିଲା। ଶେଷ ସମୟରେ ଯେତେବେଳେ ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହେଲେ ଏବଂ ଚଳପ୍ରଚଳ କରିପାରୁନଥିଲେ ସେତେବେଳେ ମଧ୍ୟ ନିଜ ନିତି ଦିନିଆ କାର୍ଯ୍ୟକ୍ରମରେ ତିଳେମାତ୍ର ବ୍ୟତିକ୍ରମ ହେବାକୁ ଦେଉନଥିଲେ ଏବଂ ଯେଉଁ ନର୍ସ ତାଙ୍କ ସେବାପାଇଁ ମୁତୟନ ଥିଲେ, ତାଙ୍କୁ କହିଦେଉଥିଲେ କି ମତେ ଅମକ ସମୟରେ ଉଠାଇ ଦେବ ଓ ଉଠାଇ ଚେୟାରରେ ବସାଇ ଦେବ। ତା'ପରେ ସେ ସ୍ୱୟମ ତହଜୁଦ୍ ପାଠ କରିବା ତଥା ଲାପ୍‌ଟପ୍‌ରେ ଧାର୍ମିକ କାର୍ଯ୍ୟ ସମ୍ପାଦନ କରିବାରେ ମଗ୍ନ ରହୁଥିଲେ।

ମୌଲବୀ ନସିମ୍ ତବ୍‌ସୁମ୍ ସାହେବ୍ କୁହନ୍ତି: ସର୍ବଦା ତାଙ୍କ ମୁଖମଣ୍ଡଳରେ ସ୍ମିତହାସ୍ୟ ପ୍ରକାଶ ପାଉଥିଲା ଏବଂ ବ୍ୟାଧିରେ ଆକ୍ରାନ୍ତ ହେବା ସତ୍ୱେ କାର୍ଯ୍ୟାଳୟ ନିଶ୍ଚିତ ଆସୁଥିଲେ। ଓ୍ୱାକିଫେ ଜିନ୍ଦେଗୀ ଅର୍ଥାତ ଉତ୍ସର୍ଗୀ ଓ ଅନ୍ୟମାନଙ୍କ ସହ ସର୍ବଦା ପ୍ରେମଭରା ଆଚରଣ ପ୍ରଦର୍ଶନ କରୁଥିଲେ ତଥା ସମସ୍ତଙ୍କୁ ସମ୍ମାନ ପ୍ରଦର୍ଶନ ମଧ୍ୟ କରୁଥିଲେ, ଅଲ୍ଲାଃ ତାଲା ତାଙ୍କ ସହ ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କ ସ୍ତର ଉନ୍ନିତ କରନ୍ତୁ। ତାଙ୍କ ସନ୍ତାନସନ୍ତତି ମାନଙ୍କୁ ତାଙ୍କ ପୂଣ୍ୟକର୍ମଗୁଡ଼ିକୁ ଅଭ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ। ମାନନୀୟ ଜରତସ୍ତ ମୁନୀର ସାହେବ ନରଓ୍ୱେରୁ ଲେଖିଛନ୍ତି: ମୃତକ ପ୍ରତି ପ୍ରତିମୁହୁର୍ତରେ ଧର୍ମ ସେବାପାଇଁ ପ୍ରସ୍ତୁତ ରହୁଥିଲେ। ଖିଲାଫତ୍ ସହ ପ୍ରେମ, ନିଷ୍ଠା, ଓ ବିଶ୍ୱସ୍ଥତାର ସମ୍ପର୍କ ବେଶ୍ ମଜ୍‌ଭୁତ ଥିଲା। ସେ କୁହନ୍ତି ଯେତେବେଳେ ମୁଁ କାଏଦ୍ ଜିଲ୍ଲା ପଦରେ ମୁତୟନ ଥିଲି ସେତେବେଳେ ସେ ବେଶ୍ ସୁନ୍ଦର ଭାବରେ ମୋର ମାର୍ଗଦର୍ଶନ କରୁଥିଲେ। ସର୍ବଦା ମୁଁ ତାଙ୍କଠାରେ ଏହା ଦେଖିଛି ଯେ ସେ ସମସ୍ତ ଅମୀରମାନଙ୍କର ଆଜ୍ଞାକାରୀ ଓ ସେମାନଙ୍କୁ ସାହାଯ୍ୟ ସହଯୋଗ କରିବା ନିମନ୍ତେ ତତ୍ପର ରହୁଥିଲେ।

ପରବର୍ତୀ ଯନାଜାଃ ଶ୍ରୀମତି ବୁସ୍‌ରା ବେଗମ୍ ସାହିବା ପତ୍ନୀ ଠିକାଦାର ଓ୍ୱଲୀ ମୁହମ୍ମଦ ସାହେବ ଜର୍ମାନୀଙ୍କର ଅଟେ, ଯେ କି ଚଳିତ ଜୁଲାଇ ମାସ ୧୯ ତାରିଖ ଦିନ ୭୪ ବର୍ଷ ବୟସରେ ହୃଦଘାତ ଯୋଗୁଁ ମୃତ୍ୟୁବରଣ କଲେ, *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍*। ତାଙ୍କ ଦଦା (ଜେଜେ) ହଜ୍‌ରତ୍ ମିଆଁ ନାଜ୍ମୁମଦ୍ଦିନ୍ ସାହେବ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କର ସାହାବି ଥିଲେ, ସେ ନିୟମିତ ଭାବରେ ତହ୍‌ଜୁଦ୍ ପାଠକାରୀ ତଥା ଅନ୍ୟାନ୍ୟ ସବୁ ନମାଜଗୁଡ଼ିକୁ ଧାର୍ଯ୍ୟ ସମୟରେ ପାଠ କରୁଥିଲେ। ଅତିଥି ସତ୍କାରୀ, ଅଭାବିମାନଙ୍କ ଆବଶ୍ୟକତା ପୂରଣ କରିବା ତଥା ଦାନଧ୍ୟାନକାରୀ ମହିଳା ଥିଲେ। ଅତ୍ୟନ୍ତ ନିଷ୍ଠାବାନ ଓ ଖିଲାଫତର ପ୍ରେମୀ ଥିଲେ। ବାଲ୍ୟକାଳରୁ ଦୁର୍ବଳ ଦୃଷ୍ଟିଶକ୍ତି ଯୋଗୁଁ ସେ ନିୟମିତ ଭାବରେ ପବିତ୍ର କୋରାନ୍ ଆବୃତି କରିପାରୁନଥିଲେ। କିନ୍ତୁ ବିବାହ ପରେ ନିଜ ପିଲାମାନଙ୍କ ସାହାଯ୍ୟ କ୍ରମେ କିଛି ପାରା ସ୍ମରଣ ମଧ୍ୟ କରିନେଇଥିଲେ। ଏମ୍‌ଟିଏ ରେ ପବିତ୍ର କୋରାନ୍ ଶୁଣିବା ସହିତ, ନିୟମିତ ଭାବରେ ମୋ ଖୁତ୍‌ବା ଶୁଣୁଥିଲେ। ଅଲ୍ଲାଃଙ୍କ କୃପାରୁ ସେ ମୁସୀ ଥିଲେ।

ସେ ନିଜ ପଛରେ ଚାରିଜଣ ପୁତ୍ର ଓ ଦୁଇଜଣ କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି। ତାଙ୍କର ଜଣେ ପୁତ୍ର ସଫିକୁର୍ ରହ୍‌ମାନ ସାହେବ ମୁରବୀ ସିଲ୍‌ସିଲା ଭାବରେ ନିଉଜିଲ୍ୟାଣ୍ଡରେ ମୁତୟନ ଅଛନ୍ତି। ସେ ନିଜ ମାତାଙ୍କ ଅନ୍ତ୍ୟେଷ୍ଟି କ୍ରିୟରେ ଯୋଗ ଦେଇପାରିନଥିଲେ। ଅଲ୍ଲାଃ ତାଲା ତାଙ୍କୁ ସାହାସ ଓ ଧୈର୍ଯ୍ୟ ପ୍ରଦାନ କରନ୍ତୁ। ଆଉ ଜଣେ ପୁତ୍ର ଶ୍ରୀମାନ ଅତିକୁର୍ ରହ୍‌ମାନ ନିଜକୁ ଓ୍ୱକଫ୍ କରି ଆମ ପିଏସ୍ କାର୍ଯ୍ୟାଳୟରେ ରେକର୍ଡ଼ ବିଭାଗରେ ସେବା ସମ୍ପାଦନ କରୁଛନ୍ତି। ଅଲ୍ଲାଃ ତାଲା ମୃତକଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ତାଙ୍କ ସନ୍ତାନମାନଙ୍କୁ ତାଙ୍କ ଦୁଆ ର ଅଧିକାରି କରନ୍ତୁ। ନମାଜ ଜୁମା ପରେ ମୁଁ ଏସମସ୍ତଙ୍କ ନମାଜ ଯନାଜାଃ ଗାଏବ ପାଠ କରିବି ଇନ୍‌ଶାଅଲ୍ଲାଃ ତାଲା।

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି ଯେ ତଲ୍‌ହା ଏବଂ ଜୁବୈର୍ ବୈକୁଣ୍ଠରେ ମୋ ପଡ଼ୋଶୀ ହୋଇ ରହିବେ ।

---

ହଜ୍‌ରତ୍ ଜୁବୈର୍ ର:ଅ ଧର୍ମର ସ୍ତମ୍ଭମାନଙ୍କ ମଧ୍ୟରୁ ଏକ ସ୍ତମ୍ଭ ଅଟନ୍ତି (ହଜ୍‌ରତ୍ ଉମର୍ ର:ଅ)

**କାତିବେ ୱହି (ଅର୍ଥାତ ଐଶିବାଣୀକୁ ଲେଖୁଥିବା ବ୍ୟକ୍ତି), ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ହୱାରି ଏବଂ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ବଦ୍‌ରି ସାହାବି ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅଙ୍କ ଉତମ ଚରିତ୍ର ଓ ସୁଗୁଣର ଚର୍ଚ୍ଚା ।**

ତିନିଜଣ ମର୍‌ହୁମିନ୍ ମୋକରମ୍ ଅଲ୍‌ହାଜ୍ ଇବ୍‌ରାହିମ୍ ମୁବାଏ ସାହେବ୍ (ନାଏବ ଅମୀର ସୋମ୍ ଗାମ୍ବିଆ), ମୋକରମ୍ ନଇମ୍ ଅହ୍‌ମଦ୍ ଖାନ୍ ସାହେବ୍ (ନାଏବ ଅମୀର କରାଚି) ଏବଂ ମୋକରମା ବୁଶ୍‌ରା ବେଗମ୍ ସାହିବା ପତ୍ନୀ ଠିକାଦାର ୱଲି ମୁହମ୍ମଦ୍ ସାହେବ୍ ମର୍‌ହୁମ୍ ଅଫ୍ ଜର୍ମାନୀଙ୍କର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ପାଠ

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୪ ସେପ୍ଟେମ୍ବର ୨୦୨୦ ଅନୁଯାୟୀ ୪ ତବୁକ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କହିଛନ୍ତି: **ଅଲ୍ଲଜିନସ୍ ତଜାବୁ ଲିଲ୍ଲାହି ୱର୍ ରସୁଲି ମିମ୍ ବାଦି ମା ଅସାବହୁମଲ୍ କର୍‌ହୁ । ଲିଲ୍ଲଜିନା ଅହ୍‌ସନୁ ମିନ୍‌ହୁମ୍ ୱତ୍‌ତକଓ ଅଜ୍‌ରୁନ୍ ଅଜିମ୍ (ଆଲେ ଇମ୍‌ରାନ୍: ୧୭୩)** ଅର୍ଥାତ ଯେଉଁ ଲୋକମାନେ ଆଘାତ ପାଇବାପରେ ମଧ୍ୟ ଅଲ୍ଲାଃ ଓ ରସୁଲ୍‌ଙ୍କର ଆଦେଶକୁ ଗ୍ରହଣ କରିଛନ୍ତି ସେମାନଙ୍କ ମଧ୍ୟରୁ ଯେଉଁ ଲୋକମାନେ ଭଲଭାବରେ ନିଜର କର୍ତବ୍ୟ ସମ୍ପାଦନ କରିଛନ୍ତି ଓ ଧର୍ମ ନିଷ୍ଠତା ଅବଲମ୍ବନ କରିଛନ୍ତି ସେମାନଙ୍କ ପାଇଁ ମହାନ୍ ପୁରସ୍କାର ଅଛି ।

ସାହାବାମାନଙ୍କ ଜୀବନୀ ଚର୍ଚ୍ଚା କ୍ରମରେ ହଜ୍‌ରତ୍ ଜୁବୈର୍ ର:ଅଙ୍କ ଚର୍ଚ୍ଚା ଚାଲିଥିଲା । ତାଙ୍କ ଜୀବନୀର ଅବଶିଷ୍ଟାଂଶ ଆଜି ମୁଁ ବର୍ଣ୍ଣନା କରିବି । ଉପରୋକ୍ତ ପଂକ୍ତି ଯାହା ମୁଁ ପାଠ କରିଆସିଲି । ସେଥି ସଂକ୍ରାନ୍ତରେ ହଜ୍‌ରତ୍ ଆଇଶା ର:ଅ ନିଜ ଭଣଜା ଉରୁୱାଙ୍କୁ କହିଲେ, ହେ ମୋର ଭଣଜା ତୁମ ପିତା ହଜ୍‌ରତ୍ ଜୁବୈର୍ ର:ଅ ଓ ହଜ୍‌ରତ୍ ଅବୁବକର ର:ଅଙ୍କ ଚର୍ଚ୍ଚା ଏହି ପଂକ୍ତିରେ ରହିଛି, ୱହଦ୍ ଯୁଦ୍ଧରେ ଯେତେବେଳେ ହଜୁର ସ:ଆ:ସ ଆଘାତ ପାଇଲେ ଏବଂ ଅମାନ୍ୟକାରୀମାନେ ଫେରିଗଲେ ସେତେବେଳେ ହଜୁର ସ:ଆ:ସଙ୍କୁ ଏହି ଭୟ ଅନୁଭବ ହୋଇଥିଲା ଯେ, ଶତ୍ରୁ ଫେରିଆସି ପୂନଃ ଆକ୍ରମଣ କରିନଦିଅନ୍ତୁ । ଏଣୁ ହଜୁର ସ:ଆ:ସ କହିଲେ, ଶତ୍ରୁଙ୍କ ପଛରେ କିଏ ଯିବ ସଙ୍ଗେ ସଙ୍ଗେ ଉପସ୍ଥିତ ସାହାବାଙ୍କ ମଧ୍ୟରୁ ୭୦ ଜଣ ପ୍ରସ୍ତୁତ ହୋଇଗଲେ । ରାୱି କୁହନ୍ତି, ବର୍ଣ୍ଣନାକାରୀ କୁହନ୍ତି ଅବୁବକର ଓ ହଜ୍‌ରତ୍ ଜୁବୈର୍ ର:ଅ ସେମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ଏହା ବୁଖାରୀର ବର୍ଣ୍ଣନା ଅଟେ, ସେତେବେଳେ ଉଭୟ ହଜ୍‌ରତ୍ ଜୁବୈର୍ ର:ଅ ଓ ହଜ୍‌ରତ୍ ଅବୁବକର ର:ଅଙ୍କ ଶରୀର ଆଘାତ ପ୍ରାପ୍ତ ହୋଇଥିଲା ।

***(ସହି ବୁଖାରୀ....... ହଦିସ୍-୨୪୧୮)***

ସହୀ ମୁସ୍‌ଲିମ୍‌ରେ ଏହି ଘଟଣାଟି ଏପରି ଦରଜ୍ ରହିଛି ଯେ, ହୁଶାମ୍ ନିଜ ପିତାଙ୍କ ମାଧ୍ୟମରୁ ବର୍ଣ୍ଣନା କରନ୍ତି ହଜ୍‌ରତ୍ ଆଇଶା ର:ଅ ମତେ କହିଲେ, ତୁମ ପିତା ସେହି ସାହାବାମାନଙ୍କ ମଧ୍ୟରୁ ଜଣେ ଯେ, ଆଘାତିତ ଥିବା ସତ୍ୱେ ଅଲ୍ଲାଃ ଓ ତାଙ୍କ ରସୁଲ୍‌ଙ୍କ ସ୍ୱରରେ ହାଜର ହୋଇଯାଇଥିଲେ । ***(ସହି ମୁସ୍‌ଲିମ୍....... ହଦିସ୍-୨୪୧୮)***

ହଜ୍‌ରତ୍ ଅଲୀ ର:ଅ କୁହନ୍ତି ମୁଁ ହଜୁର ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଲି ଯେ, ତଲ୍‌ହା ଓ ଜୁବୈର୍ ବୈକୁଣ୍ଠବାସୀ ଏବଂ ସେ ବୈକୁଣ୍ଠରେ ମୋ ପଡ଼ୋଶୀ ହେବେ ।

***(ସୁନନେ ତିର୍‌ମିଜ୍........... ହଦିସ୍ ୩୭୪୦)***

ହଜ୍‌ରତ୍ ସଇଦ୍ ବିନ୍ ଜୁବୈର୍ ର:ଅ ବର୍ଣ୍ଣନା କରନ୍ତି କି ହଜ୍‌ରତ୍ ଅବୁବକର, ହଜ୍‌ରତ୍ ଉସ୍‌ମାନ୍, ହଜ୍‌ରତ୍ ଅଲୀ, ହଜ୍‌ରତ୍ ଉମର୍, ହଜ୍‌ରତ୍ ତଲ୍‌ହା, ହଜ୍‌ରତ୍ ଜୁବୈର୍, ହଜ୍‌ରତ୍ ସାଆଦ୍, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ ଏବଂ ହଜ୍‌ରତ୍ ସଇଦ୍ ବିନ୍ ଜୁବୈର ର:ଅଙ୍କ ସ୍ତର ଏଭଳି ଥିଲା ଯେ, ସେମାନେ ସର୍ବଦା ଯୁଦ୍ଧରେ ହଜୁର ସ:ଆ:ସଙ୍କ ସମ୍ମୁଖରେ ରହି ଲଢୁଥିଲେ କିନ୍ତୁ ନମାଜରେ ଆପଣଙ୍କ ପଛରେ ଅର୍ଥାତ ହଜୁର ସ:ଆ:ସଙ୍କ ପଛରେ ଛିଡ଼ା ରହୁଥିଲେ ଅର୍ଥାତ ଛିଡ଼ା ହୋଇ ନମାଜ ପଢୁଥିଲେ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୭୮.......... ବେରୁତ)***

ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଖ୍‌ନସ୍ ର:ଅ ବର୍ଣ୍ଣନା କରନ୍ତି, ଯେ ସେ ମସ୍‌ଜିଦ୍‌ରେ ଥିଲେ କି ଜଣେ ବ୍ୟକ୍ତି ହଜ୍‌ରତ୍ ଅଲୀ ର:ଅଙ୍କ ଚର୍ଚ୍ଚା କରି ତାଙ୍କ ପ୍ରସଙ୍ଗରେ ତିରସ୍କାର ମୁଳକ ଭାଷା ପ୍ରୟୋଗ କରିବାରୁ ହଜ୍‌ରତ ସଇଦ୍ ବିନ୍ ଜୈଦ୍ ଛିଡ଼ା ହୋଇଗଲେ ଏବଂ କହିଲେ ମୁଁ ହଜୁର ସ:ଆ:ସଙ୍କୁ ଏକଥା କହୁଥିବାର ଶୁଣିଛି ଯେ, ଦଶଜଣ ବ୍ୟକ୍ତି ନିଶ୍ଚିତରୂପେ ବୈକୁଣ୍ଠବାସୀ ଏବଂ ସେମାନେ ହେଲେ, ହଜ୍‌ରତ୍ ଅବୁବକର ର:ଅ, ହଜ୍‌ରତ୍ ଉମର୍, ହଜ୍‌ରତ୍ ଉସ୍‌ମାନ୍, ହଜ୍‌ରତ୍ ଅଲୀ, ହଜ୍‌ରତ୍ ତଲ୍‌ହା, ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍, ହଜ୍‌ରତ୍ ସଇଦ୍ ବିନ୍ ମାଲିକ୍, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଏବଂ ଯଦି ମୁଁ ଚାହେଁ ତେବେ ଦଶମ ବ୍ୟକ୍ତିର ନାମ ମଧ୍ୟ ନେଇପାରିବି । ଲୋକେ ପଚାରିଲେ ସେ ଦଶମ ବ୍ୟକ୍ତି ଜଣକ କିଏ ? ଏଥିରେ ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ କିଛି ସମୟ ନୀରବ ରହିଲେ, ଲୋକମାନେ ତାଙ୍କୁ ପୁନଶ୍ଚ ପଚାରିଲେ, ସେ ବ୍ୟକ୍ତି ଜଣକ କିଏ ? ସେ ଉତର ଦେଲେ ସେ ବ୍ୟକ୍ତି ସ୍ୱୟମ ମୁଁ ।

***(ସୁନନେ ଅବି ଦାଉଦ୍..... ହଦିସ୍ ୪୬୯୯)***

ହଜ୍‌ରତ୍ ତଲ୍‌ହାଙ୍କ ଜୀବନୀ ଚର୍ଚ୍ଚାରେ ଏହା ବର୍ଣ୍ଣନା ହୋଇସାରିଛି, ଯମାତ୍ ଅହେମଦୀୟାର ଦ୍ୱିତୀୟ ଖଲିଫା, ଐଶିବାଣୀ ଲେଖାଳୀମାନଙ୍କ ପ୍ରସଙ୍ଗରେ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସଙ୍କ ଉପରେ ଯେଉଁ ଐଶିବାଣୀ ଅବତୀର୍ଣ୍ଣ ହେଉଥିଲା ହଜୁର ସ:ଆ:ସ ତାହାକୁ ସଙ୍ଗେ ସଙ୍ଗେ ଲେଖାଇ ଦେଉଥିଲେ । ଇତିହାସ ପୃଷ୍ଠାରେ ସେମାନଙ୍କ ସଂଖ୍ୟା ଅର୍ଥାତ ସେହି ଲେଖାଳିମାନଙ୍କ ସଂଖ୍ୟା ପନ୍ଦର ଦର୍ଶାଯାଇଛି । ସେମାନେ ହେଲେ, ଜୈଦ୍ ବିନ୍ ସାବିତ୍, ଅବି ବିନ୍ କାଆବ୍, ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍, ଜୁବୈର୍ ବିନ୍ ଅୱାମ୍, ଖାଲିଦ୍ ବିନ୍ ସଇଦ୍, ଅଦାନ୍ ବିନ୍ ସଇଦ୍, ହନ୍‌ଜଲା ବିନ୍ ରବି, ମୁଅଇକିବ୍ ବିନ୍ ଅବି ଫାତିମା, ଅବ୍‌ଦୁଲ୍ଲା ବିନ୍ ଅର୍‌କମ୍, ସରହବିଲ୍ ବିନ୍ ହସ୍‌ନା, ଅବ୍‌ଦୁଲ୍ଲା ବିନ୍ ରୱାହା, ହଜ୍‌ରତ୍ ଅବୁବକର ର:ଅ, ହଜ୍‌ରତ୍ ଉମର୍ ର:ଅ, ହଜ୍‌ରତ୍ ଉସମାନ ର:ଅ ଓ ହଜ୍‌ରତ୍ ଅଲୀ ର:ଅ ପବିତ୍ର କୋରାନ୍‌ର ପଂକ୍ତି ଅବତୀର୍ଣ୍ଣ ହେଲା ମାତ୍ରେ ହଜୁର ସ:ଆ:ସ ସେମାନଙ୍କ ମଧ୍ୟରୁ କାହାରିକୁ ଡ଼ାକି ତାହା ଲେଖାଇ ନେଉଥିଲେ । ***(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୨, ପୃ-୪୨୫-୪୨୬)***

ହଜ୍‌ରତ୍ ଅନସ୍ ବିନ୍ ମାଲି କୁହନ୍ତି, ହଜୁର ସ:ଆ:ସ ଏକ ଯୁଦ୍ଧରେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମଙ୍କୁ କୁଣ୍ଡେଇ ହେବା ଯୋଗୁଁ ରେଷମ ବସ୍ତ୍ର ପରିଧାନ କରିବାକୁ ଅନୁମତି ପ୍ରଦାନ କରିଥିଲେ । ***(ସହି ବୁଖାରୀ....... ହଦିସ୍-୨୯୧୯)***

ହଜୁର ସ:ଆ:ସ ଯେତେବେଳେ ମଦିନାରେ ଘର ନିର୍ମାଣ କରିବାର ସୀମା ନିର୍ଦ୍ଧାରଣ କଲେ, ସେତେବେଳେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ ର:ଅଙ୍କୁ ଏକ ପ୍ରଶସ୍ତ ଜମି ପ୍ରଦାନ କରିଥିଲେ ଏବଂ ତାଙ୍କୁ ଖଜୁରୀର ଏକ ଉଦ୍ୟାନ ମଧ୍ୟ ପ୍ରଦାନ କରିଥିଲେ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୭୬............ ବେରୁତ ୧୯୯୦)***

ଏହି ପରିପ୍ରେକ୍ଷୀରେ ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ର:ଅ କୁହନ୍ତି, ହଜୁର ସ:ଆ:ସ ସରକାରୀ ଜମିଜମା ମଧ୍ୟରୁ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ ର:ଅଙ୍କୁ ଏଭଳି ଏକ ବିସ୍ତୃତ ଅଂଶ ପ୍ରଦାନ କରିଥିଲେ,ଯେ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ ର:ଅଙ୍କ ଘୋଡ଼ା ନିଜର ଶେଷ ନିସ୍ୱାଶ ପର୍ଯ୍ୟନ୍ତ ଦଉଡ଼ିଲେ ସେଠାରେ ପହଂଚିବା ଅର୍ଥାତ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ ର:ଅଙ୍କ ଘୋଡ଼ାକୁ ଦୌଡ଼ା ଯାଇଥିଲା ଏବଂ ସେ ଦଉଡ଼ି ଯେଉଁସ୍ଥଳେ ଅଟକି ଯାଇଥିଲା ସେ ପର୍ଯ୍ୟନ୍ତ ଜମି ହଜୁର ସ:ଆ:ସ ତାଙ୍କୁ ପ୍ରଦାନ କରିଥିଲେ । ଆପଣ କୁହନ୍ତି ଆମ ଦେଶରେ ଘୋଡ଼ା ମାଇଲ ଦୂରତା ପର୍ଯ୍ୟନ୍ତ ଦଉଡ଼ି ଯାଇଥାଏ । ତାହା ତ ପୁଣି ଆରବର ଘୋଡ଼ା ଯାହାକି ବେଶ୍ ଅଧିକ ଓ ତୀବ୍ର ବେଗରେ ଦଉଡ଼ି ଥାଏ । ଯଦି ଚାରି ପାଂଚ ମାଇଲ ଦଉଡ଼ି ଥାଏ ତେବେ ସୁଦ୍ଧା ତାହାର ପରିମାଣ ୨୦ ହଜାର ଏକର ପାଖାପାଖି ହୋଇଥିବ, ଯାହାକି ହଜୁର ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ ର:ଅଙ୍କୁ ପ୍ରଦାନ କରିଥିଲେ । ହଜୁର ସ:ଆ:ସ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ ର:ଅଙ୍କ ଏକ ଉଦ୍ୟାନ ମଧ୍ୟ ଭେଟି ସ୍ୱରୁପ ପ୍ରଦାନ କରିଥିଲେ । ଯାହାକି ଖଜୁରୀ ବୃକ୍ଷ ଦ୍ୱାରା ଆବୃତ ରହିଥିଲା

ଏହା ଇମାମ୍ ଅବୁ ୟୁସୁଫ୍ କିତାବୁଲ୍ ଖରାଜ୍‌ରେ ଲିଖିତ ରହିଛି ।

ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ମଧ୍ୟ ଦର୍ଶାଇଛନ୍ତି ଯେଉଁ ଉଦ୍ୟାନଟି ଗୋଟିଏ ସମୟରେ ୟହୁଦୀ କବିଲା ବନୁ ନଜିର୍‌ଙ୍କ ଅଧିକୃତ ଥିଲା ଯାହାକି ମଦିନାରୁ ସିରିଆ ମାର୍ଗରେ ତିନି ମାଇଲ ଦୁରତାରେ ଅବସ୍ଥିତ ଥିଲା । ଯାହାକି ଏକ ଗ୍ରାମ ଥିଲା ଏବଂ ସେହି ଗ୍ରାମର ନାମ ଜୁର୍‌ଫ୍ ଥିଲା । ଯେତେବେଳେ ଆମେ ପୂର୍ବ ହଦିସ୍ ସହ ଏହାକୁ ମିଳାଇଥାଉ ସେତେବେଳେ ଏଥିରେ ଉପନୀତ ହୋଇଥାଉ ଯେ, ହଜୁର ସ:ଆ:ସ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ ର:ଅଙ୍କୁ ପନ୍ଦର କିମ୍ବା କୋଡିଏ ହଜାର ଏକର ବିଶିଷ୍ଟ ଜମି ପ୍ରଦାନ କରିଥିଲେ । ଯେତେବେଳେ କି ପୂର୍ବରୁ ହିଁ ସେ ଏକ ଗ୍ରାମର ମାଲିକ ଥିଲେ ଅର୍ଥାତ ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ ର:ଅ । ଯେଉଁ ସ୍ଥଳେ ଖଜୁରୀର ଉଦ୍ୟାନ ରହିଥିଲା ।*(ଇସ୍‌ଲାମ୍ ଅଓର୍ ମଲକିୟତ୍ ଜମିନ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୨୧, ପୃ-୪୯୨) (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୨, ପୃ-୧୪୯, ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ)*

ଉରୱା ବିନ୍ ଜୁବୈର୍ ବର୍ଣ୍ଣନା କରନ୍ତି, ମର୍‌ୱା ବିନ୍ ହକମ୍ କୁହନ୍ତି ଯେଉଁ ବର୍ଷ ନକ୍‌ସିର୍ ରୋଗ ବ୍ୟାପିଗଲା ଅର୍ଥାତ ନାକରୁ ରକ୍ତ ବାହାରିବା ରୋଗ ଫୁଟିଲା ତାହାର ଶିକାର ହଜ୍‌ରତ୍ ଉସ୍‌ମାନ୍ ର:ଅ ମଧ୍ୟ ହୋଇଥିଲେ ଏପରିକି ତାହା ତାଙ୍କୁ ହଜ୍ କରିବାରୁ ରୋକି ଦେଇଥିଲା । ସେତେବେଳେ ସେ ୱସିୟତ କରିଥିଲେ, ତାହା ଦେଖି କୁରୈଶ୍‌ର ଜଣେ ବ୍ୟକ୍ତି ତାଙ୍କ ନିକଟକୁ ଆସିଲେ ଏବଂ କହିଲେ ଆପଣ ପରବର୍ତୀ ଖଲିଫାଙ୍କର ମଧ୍ୟ ନାମାଙ୍କନ କରିଦିଅନ୍ତୁ । ସେ ତାଙ୍କୁ କହିଲେ କଣ ଲୋକେମାନେ ଏପରି କହୁଛନ୍ତି ? ସେ ଉତର ଦେଲେ ଆଜ୍ଞା । ଏଥିରେ ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ କାହାକୁ ଖଲିଫା କରିବା ଉଚିତ ହେବ । ଏଥିରେ ସେ ନୀରବ ରହିଲେ ଏତିକିବେଳେ ଆଉ ଜଣେ ବ୍ୟକ୍ତି ତାଙ୍କ ନିକଟକୁ ଆସିଲେ ବର୍ଣ୍ଣନାକାରୀ କୁହନ୍ତି ମୋ ମତରେ ସେ ହାରିସ୍ ଥିଲେ ଏବଂ କହିଲେ ଆପଣ କାହାରିକୁ ଆପଣଙ୍କ ଅନ୍ତେ ଖଲିଫା ହେବାପାଇଁ ଚୟନ କରିଦିଅନ୍ତୁ । ହଜ୍‌ରତ୍ ଉସ୍‌ମାନ୍ ର:ଅ ପଚାରିଲେ କଣ ଲୋକେ ଏପରି କହୁଛନ୍ତି । ସେ ଉତର ଦେଲେ ଆଜ୍ଞା, ହଜ୍‌ରତ୍ ଉସ୍‌ମାନ୍ ର:ଅ ପୁନଶ୍ଚ ପଚାରିଲେ ତେବେ ତୁମେ କୁହ କେଉଁ ବ୍ୟକ୍ତି ଏହି ଆସନ ନିମନ୍ତେ ଉପଯୁକ୍ତ ପାର୍ଥୀ ହେବ, ଏଥିରେ ସେ ନୀରବ ରହିଲେ । ହଜ୍‌ରତ୍ ଉସ୍‌ମାନ୍ ର:ଅ କୁହନ୍ତି ସମ୍ଭବତଃ ତୁମେ ଜୁବୈର ର:ଅଙ୍କୁ ମନୋନୀତ କରିବା ପାଇଁ କହୁଛ । ସେ ଉତର ଦେଲେ ଆଜ୍ଞା । ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ ସେହି ପରାକ୍ରମୀ ପ୍ରଭୁଙ୍କ ରାଣ ଯାହାଙ୍କ ହାତ ମୁଠାରେ ମୋ ଜୀବନ ନାଟିକା ରହିଛି ଯେପର୍ଯ୍ୟନ୍ତ ମୋର ଧାରଣା ରହିଛି ନିଶ୍ଚିତରୂପେ ସେ ହେଉଛନ୍ତି ଏମାନଙ୍କଠାରୁ ଉତମ, ଏବଂ ହଜୁର ସ:ଆ:ସଙ୍କର ମଧ୍ୟ ସେ ପ୍ରୀୟ ଥିଲେ ଅର୍ଥାତ ହଜ୍‌ରତ୍ ଜୁବୈର୍ ର:ଅ ।

*(ସହି ବୁଖାରୀ.... ହଦିସ୍ ୩୭୧୭)*

ଏକଦା ଜଣେ ଅନ୍‌ସାରୀ ସାହାବା ଯେ ବଦର ଯୁଦ୍ଧରେ ସାମିଲ ଥିଲେ ତାଙ୍କ ସମ୍ବନ୍ଧରେ ହଜ୍‌ରତ୍ ଜୁବୈର ର:ଅ କୁହନ୍ତି ଯେ ନିଜ ନିଜ ଫସଲରେ ଜଳସେଚନ କରିବାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଗଲା । ହଜୁର ସ:ଆ:ସ ସେମାନଙ୍କ ମଧ୍ୟରେ ମିମାଂସା କରାଇ ଏହି ନିଷ୍ପତି ଦେଲେ ଯେ ଜୁବୈର୍ ତୁମେ ନିଜ ଜମିରେ ଜଳ ସିଂଚନ କରିବାପରେ ପଡ଼ୋଶୀଙ୍କ ପାଇଁ ଜଳ ଛାଡ଼ିଦିଅ କିନ୍ତୁ ଏକଥା ଉକ୍ତ ଅନ୍‌ସାରୀକୁ ପସନ୍ଦ ଆସିଲା ନାହିଁ । ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଜୁବୈର ଆପଣଙ୍କ ଫୁପୁଙ୍କ ପୁଅଭାଇ ଅର୍ଥାତ ପିଇସି ପୁଅ ଭାଇ ଅଟନ୍ତି ସେଥିଯୋଗୁଁ ଆପଣ ଏପରି ନିଷ୍ପତି ଦେଲେ । ଏଥିରେ ହଜୁର ସ:ଆ:ସଙ୍କ ପବିତ୍ର ମୁଖମଣ୍ଡଳର ରଙ୍ଗ ବଦଳିଗଲା । ଆପଣ ହଜ୍‌ରତ୍ ଜୁବୈର୍ ର:ଅଙ୍କୁ କହିଲେ ବର୍ତମାନ ତୁମେ ନିଜ କ୍ଷେତକୁ ହୁଡ଼ା ପର୍ଯ୍ୟନ୍ତ ଜଳସିଂଚନ କର ଓ ଜଳ ପୂର୍ଣ୍ଣ କର ଓ ତାହାକୁ ଅଟକାଇ ରଖ । ଅର୍ଥାତ ଏହି ଦ୍ୱିତୀୟ ନିଷ୍ପତିରେ ହଜୁର ହଜ୍‌ରତ୍ ଜୁବୈର ର:ଅଙ୍କୁ ତାଙ୍କର ପୂର୍ଣ୍ଣ ଅଧିକାର ପ୍ରଦାନ କରିଥିଲେ । ଯେତେବେଳେ କି ପ୍ରଥମ ନିଷ୍ପତିରେ ଉଭୟଙ୍କ ପାଇଁ ଆବଶ୍ୟକତା ଓ ବ୍ୟାପକତାର ଦିଗ ଅନ୍ତର୍ନିହିତ ଥିଲା । ଯେତେବେଳେ ଅନ୍‌ସାରୀ ଜଣକ ହଜୁର ସ:ଆ:ସଙ୍କ ଏହି ନିଷ୍ପତିରେ ଅମନଯୋଗ ପ୍ରକାଶ କଲେ । ସେତେବେଳେ ହଜୁର ସ:ଆ:ସ ନ୍ୟାୟ ବିଚାର କରି ଏପରି ଆଦେଶ ଦେଇଥିଲେ ।

ହଜ୍‌ରତ୍ ଜୁବୈର୍ ର:ଅ କୁହନ୍ତି କି ପ୍ରଭୁଙ୍କ ରାଣ ! ମୁଁ ମନେ କରୁଛି ନିମ୍ନ ପଂକ୍ତିଟି ଏହି ଘଟଣା ସକାଶେ ଅବତୀର୍ଣ୍ଣ ହୋଇଥିଲା **ଫଲା ୱ ରବ୍‌ବିକା ଲା ୟୁମିନୁନା ହତ୍‌ତା ୟୁହକ୍‌କିମୁକା ଫିମା ଶଜରା ବଇନହୁମ୍ ସୁମ୍ମା ଲାୟଜିଦୁ ଫି ଅନ୍‌ଫୁସିହମ୍ ହରଜମ୍ ମିମ୍ମା କଜଇତା ୱ ୟୁସଲ୍ଲିମୁ ତସ୍‌ଲିମା (ନିସା:୬୬)** ଅର୍ଥାତ ତୁମ୍ଭର ପାଳନକର୍ତାଙ୍କ ରାଣ ! ଯେ ପର୍ଯ୍ୟନ୍ତ ସେମାନେ ସେମାନଙ୍କ ପରସ୍ପର ବିବାଦ ସଂକ୍ରାନ୍ତରେ ତୁମ୍ଭଙ୍କୁ ବିଚାରପତି ନିଯୁକ୍ତ ନ କରନ୍ତି ଓ ତୁମ୍ଭର ନିଷ୍ପତି ସେମାନଙ୍କ ମନରେ କୌଣସି ଖେଦ୍ ନ ରଖନ୍ତି ଓ ସମ୍ପୂର୍ଣ୍ଣ ଭାବରେ ଆଜ୍ଞାପାଳନ ନ କରନ୍ତି ସେ ପର୍ଯ୍ୟନ୍ତ ସେମାନେ ପ୍ରକୃତ ବିଶ୍ୱାସକାରୀ ହେବେ ନାହିଁ । *(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍, ଖ-୧, ପୃ-୪୫୩..... ହଦିସ୍ ୧୪୦୫,........ ରୈତ ୧୯୯୮)*

ହଜ୍‌ରତ୍ ଜୁବୈର୍ ର:ଅ କୁହନ୍ତି: ଯେତେବେଳେ ଏହି ପଂକ୍ତି ଅବତୀର୍ଣ୍ଣ ହେଲା **ସୁମ୍ମା ଇନ୍ନକୁମ୍ ୟୋମଲ୍ ଇନଦ୍ ରବ୍‌ବିକୁମ୍ ତଖ୍‌ତସିମୁନ୍ (ଜୁମର୍:୩୨)** ଅର୍ଥାତ ନିଶ୍ଚିତରୂପେ ତୁମେମାନେ କୟାମତ ଦିନ ନିଜ ପାଳନକର୍ତାଙ୍କ ନିକଟରେ ପରସ୍ପର ସହ ତର୍କ କରିବ ସେତେବେଳେ ସେମାନେ ପଚାରିଲେ, ହେ ଅଲ୍ଲାଃଙ୍କ ରସୁଲ୍ ଏହାର ତାତ୍ପର୍ଯ୍ୟ କଣ ଆମ ସାଂସାରିକ କଳହ ? ନବୀ କରିମ୍ ସ:ଆ:ସ କହିଲେ ହଁ ପୁନଶ୍ଚ ଯେତେବେଳେ ଏହି ପଂକ୍ତି ଅବତୀର୍ଣ୍ଣ ହେଲା **ସୁମ୍ମା ଲତୁସଅଲୁନ୍ନା ୟୋମଇଜିନ୍ ଅନିନ୍ ନଇମ୍ (ତୁକାସୁର:୯)** ଅର୍ଥାତ ତୁମେମାନେ ସେହି ଦିନର ଆଡ଼ମ୍ବର ପୂର୍ଣ୍ଣ ପୁରଷ୍କାର ସମ୍ବନ୍ଧରେ ନିଶ୍ଚିତ ପଚରାଯିବ । ଏଥିରେ ହଜ୍‌ରତ୍ ଜୁବୈର୍ ର:ଅ ପଚାରିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆମକୁ କେଉଁ ପୁରସ୍କାର ସମ୍ବନ୍ଧରେ ପ୍ରଶ୍ନ କରାଯିବ ? ଯେତେବେଳେ କି ଆମ ନିକଟରେ ତ କେବଳ ଖଜୁର ଓ ପାନୀୟ ରହିଛି ଏତଦ୍‌ବ୍ୟତିତ ଅନ୍ୟ କୌଣସି ଖାଦ୍ୟ ସାମଗ୍ରୀ କି ବିଳାସ ବେସନର ସାମଗ୍ରୀ ନାହିଁ । ହଜୁର ସ:ଆ:ସ କହିଲେ, ଖବରଦାର ସେହି ଆଡ଼ମ୍ବରପୂର୍ଣ୍ଣ ସମୟ ମଧ୍ୟ ଖୁବ୍ ନିକଟତର, ଆଜି ତୁମେ ଯେଉଁ ଅଭାବ ଅନାଟନରେ ଦିନ କାଟୁଛ ତାହା ଖୁବ୍ ଶିଘ୍ର ଦୂରେଇ ଯିବ ଓ ସୁଖ ସମୃଦ୍ଧିର ଦିନ ଆସିଯିବ । *(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍, ଖ-୧, ପୃ-୪୪୯..... ହଦିସ୍ ୧୪୦୫,........ ରୈତ ୧୯୯୮)*

ହଫ୍‌ସ୍ ବିନ୍ ଖାଲିଦ୍ କୁହନ୍ତି: ମତେ ସେହି ବୟଜ୍ୟୋଷ୍ଠ ବ୍ୟକ୍ତି ଜଣକ ଏହି ହଦିସ୍ କହିଥିଲେ ଯେ, ମୋସୁଲ୍ ସହରରୁ ଆମ ନିକଟକୁ ଆସିଥିଲେ । ମୋସୁଲ୍ ସହର ଅତ୍ୟଧିକ ଜନବସତି ଓ ବ୍ୟାପକ ଅଂଚଳ ଯୋଗୁଁ ସେତେବେଳେ ସୁପ୍ରସିଦ୍ଧ ଥିଲା ଏବଂ ବିଭିନ୍ନ ଅଂଚଳରୁ ଲୋକେ ସେଠାକୁ ଆସୁଥିଲେ । ଉକ୍ତ ସହରଟି ନେନୁୱା ନିକଟରେ ଥିବା ଦଜ୍‌ଲା ନଦୀ ଉପକୂଳରେ ଅବସ୍ଥିତ ବାଗ୍‌ଦାଦ୍‌ଠାରୁ ୨୨୨ ମିଲ୍ ଦୁରରେ ରହିଛି । ସେ କୁହନ୍ତି ମୁଁ ଜୁବୈର୍ ବିନ୍ ଅୱାମ୍‌ଙ୍କ ସାଥିରେ କିଛି ଅଂଚଳ ଯାତ୍ରା କରିଥିଲି । ଏକଦା ଗୋଟିଏ ମରୁସ୍ଥଳେ ତାଙ୍କୁ ସ୍ନାନ କରିବାର ଆବଶ୍ୟକତା ପଡ଼ିଲା । ସେ ରହିଯାଇ କହିଲେ, ମୋ ପାଇଁ ପରଦା କର ମୁଁ ତାଙ୍କ ପାଇଁ ପରଦା କଲି ଅର୍ଥାତ କପଡ଼ାର ଆଡୁଆଳ କଲି । ତା'ପରେ ସେ ସ୍ନାନ କରିବା ଆରମ୍ଭ କଲେ । ହଠାତ୍ ମୋ ଦୃଷ୍ଟି ତାଙ୍କ ଶରୀର ଉପରେ ପଡ଼ିଗଲା ଏବଂ ମୁଁ ଦେଖିବାକୁ ପାଇଲି ତାଙ୍କ ସମ୍ପୂର୍ଣ୍ଣ ଶରୀରରେ ତାବରୋର ଦ୍ୱାରା ଲାଗିଥିବା ଆଘାତ ଚିହ୍ନ ରହିଛି । ମୁଁ ତାଙ୍କୁ କହିଲି ଅଲ୍ଲାଃଙ୍କ ରାଣ ମୁଁ ଆପଣଙ୍କ ଶରୀରରେ ଏତେ ଆଘାତ ଚିହ୍ନ ଦେଖିଲି ଯାହାକି ଆଜି ପୂର୍ବରୁ ମୁଁ କାହାରି ଶରୀରରେ ଏଭଳି କ୍ଷତ ଚିହ୍ନ ଥିବାର ଦେଖିନାହିଁ । ସେ ଉତରରେ କହିଲେ କଣ ତୁମେ ମୋ ଶରୀରରେ ଲାଗିଥିବା ଆଘାତ ଚିହ୍ନ ଦେଖିନେଲ । ପ୍ରଭୁଙ୍କ ରାଣ ଏ ସମସ୍ତ କ୍ଷତଚିହ୍ନ ମତେ ଅଲ୍ଲାଃଙ୍କ ମାର୍ଗରେ ହଜୁର ସ:ଆ:ସଙ୍କ ସହିତ ମିଳିତ ହୋଇ ଶତ୍ରୁଙ୍କ ବିରୋଧରେ ଯୁଦ୍ଧ କରିବା ଅବସ୍ଥାରେ ପହଂଚିଛି । *(ମୁସ୍‌ତଦ୍‌ରକ୍ ଅଲସ୍ ସହିହିନ୍....... ଖଣ୍ଡ-୩, ପୃ-୪୦୬...... ହଦିସ୍-୫୫୫୦.......... ବେରୁତ ୨୦୦୨) (ଫର୍‌ହଙ୍ଗ୍ ସିରତ୍........... ପୃ-୨୮୮)*

ହଜ୍‌ରତ୍ ଉସ୍‌ମାନ୍, ହଜ୍‌ରତ୍ ମିକ୍‌ଦାଦ୍, ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ଓ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍, ହଜ୍‌ରତ୍ ଜୁବୈର୍ ର:ଅଙ୍କୁ ୱସିୟତ କରିଥିଲେ । ଅତଏବ ସେ ଉକ୍ତ ସାହାବାମାନଙ୍କ ଧନ ଦଉଲତର ସୁରକ୍ଷା ଦାୟିତ୍ୱ ନିର୍ବାହ କରିଥିଲେ ଏବଂ ନିଜ ଅର୍ଥରେ ସେମାନଙ୍କ ପିଲାମାନଙ୍କ ଉପରେ ଖର୍ଚ୍ଚ କରୁଥିଲେ । ହଜ୍‌ରତ୍ ଜୁବୈର୍ ର:ଅଙ୍କର ଏକ ହଜାର ଦାସ ଥିବାର ବର୍ଣ୍ଣନା ମିଳୁଅଛି । ଯେ ତାଙ୍କ ଜମିରେ ଫସଲ ଉତ୍ପନ୍ନ କରି ତାଙ୍କୁ ପାଉଣା ଦେଉଥିଲେ । ଅର୍ଥାତ ଶୁଳ୍କ ଦେଉଥିଲେ କିନ୍ତୁ ସେ ସେଥିମଧ୍ୟରୁ କାଣିଚାଏ ମଧ୍ୟ ନିଜ ଘରକୁ ଆଣୁନଥିଲେ ବରଂ ସବୁକିଛି ସଦ୍‌କା କରିଦେଉଥିଲେ । ନିଜ ତରଫରୁ ଖର୍ଚ୍ଚ କରୁଥିଲେ ଯଦ୍ୱାରା ପରେ ସେହି ଅର୍ଥ ସେମାନଙ୍କର କାର୍ଯ୍ୟରେ ଆସିବ । ହଜ୍‌ରତ୍ ଜୁବୈର୍‌ଙ୍କୁ କୌଣସି ଲୋଭ ବା ଲାଳଶା ନଥିଲା ।

ମୁତେବ୍ ବିନ୍ ଅସ୍ୱଦ ବର୍ଣ୍ଣନା କରନ୍ତି: ମୁଁ ହଜ୍‌ରତ୍ ଉମର୍ ର:ଅଙ୍କୁ ଏହା କହୁଥିବାର ଶୁଣିଲି କି, ହଜ୍‌ରତ୍ ଜୁବୈର୍ ର:ଅ ଇସ୍‌ଲାମ୍‌ର ଖମ୍ବମାନଙ୍କ ମଧ୍ୟରୁ ଗୋଟିଏ ଖମ୍ବ । *(ଅଲ୍‌ଅସାବାଃ....... ଖଣ୍ଡ-୨, ପୃ-୪୬୦.......... ବେରୁତ ୧୯୯୫)*

ହଜ୍‌ରତ୍ ଅବ୍‌ଦୁଲ୍ଲା ବିନ୍ ଜୁବୈର୍ କୁହନ୍ତି: ଜମଲ୍ ଯୁଦ୍ଧରେ ହଜ୍‌ରତ୍ ଜୁବୈର୍ ର:ଅ ଯେତେବେଳେ ଯୋଗ ଦେଲେ ଯେତେବେଳେ ମତେ ଡ଼ାକିଲେ ମୁଁ ତାଙ୍କ ପାଖରେ ଛିଡ଼ା ହେଲି ତା'ପରେ ସେ କହିଲେ, ହେ ମୋର ପ୍ରୀୟ ପୁତ୍ର ଆଜି ଅତ୍ୟାଚାରୀର ବନ୍ଧ ହେବ ନଚେତ ଅତ୍ୟାଚାରିତର କାଳ ହେବ । ମତେ ଏପରି ଲାଗୁଛି ଯେ ଆଜି ମୁଁ ଅତ୍ୟାଚାରିତ ହୋଇ ମୃତ୍ୟୁବରଣ କରିବି । ଅର୍ଥାତ ମୋର ପ୍ରାଣହାନୀ ଘଟିବ । କିନ୍ତୁ ମୋର ସବୁଠାରୁ ବଡ଼ ଚିନ୍ତା ଏହି କି ଯେ, ମୋ କରଜ ପରିଶୋଧ କରିବା । ଦେଖ ମୋ ସମ୍ପତି ବିକ୍ରି କରି କରଜ ପରିଶୋଧ କରିଦେବ ତା'ପରେ ଯଦି କିଛି ରହିଯାଏ ବା ବଳିପଡ଼େ ତେବେ ସେଥିମଧ୍ୟରୁ ଏକତୃତୀୟାଂଶ ତୁମ ପିଲାମାନଙ୍କ ପାଇଁ ରହିବ । ଏଥିଅନ୍ତେ ଯାହା ବଳକା ରୁହେ, ହୁଶାମ୍ କୁହନ୍ତି ତାହାକୁ ହଜ୍‌ରତ୍ ଜୁବୈର୍ ର:ଅର ପୁତ୍ର ଖୁବୈବ୍ ଏବଂ ଅବାଦ୍ ର:ଅଙ୍କ ମଧ୍ୟରେ ସମାନ ସମାନ ଭାବରେ ବାଂଟିଦେବ । ସେତେବେଳେ ହଜ୍‌ରତ୍ ଜୁବୈର୍ ର:ଅଙ୍କର ନଅଟି କନ୍ୟା ସନ୍ତାନ ଥିଲେ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ କୁହନ୍ତି: ମୋ ପିତା ମତେ ନିଜ କରଜର

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

"ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । "

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*


**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଓ୍ୱସିୟତ କରି କହିଲେ ଯଦି ତୁମେ କରଜ ପରିଶୋଧ ନ କରିପାର ତେବେ ମୋ ସାଥିଙ୍କଠାରୁ ସାହାଯ୍ୟ ଭିକ୍ଷା କରିବ । ମୁଁ ତାଙ୍କୁ କହିଲି ଏହାର ଅର୍ଥ ମୁଁ ବୁଝିପାରିଲି ନାହିଁ । ଅର୍ଥାତ ତୁମ ସାଥି କିଏ, ହଜ୍‌ରତ୍ ଜୁବୈର୍ କହିଲେ ଅଲ୍ଲାଃ ! ତା'ପରେ ଯେତେବେଳେ ମୁଁ ତାଙ୍କର କରଜ ପରିଶୋଧ କରିବାରେ ଅସମର୍ଥ ରହିଲି ସେତେବେଳେ କହିଲି ହେ, ଜୁବୈର୍‌ଙ୍କ ପ୍ରଭୁ ମୋ ପିତାଙ୍କ କରଜ ପରିଶୋଧ କରିଦିଅ ଏବଂ ସେ ତାହାର ପରିଶୋଧ କରିଦେଲେ । ଅର୍ଥାତ ପରମେଶ୍ୱର କୌଣସି ନା କୌଣସି ବ୍ୟବସ୍ଥା କରିଦେଲେ । ତାଙ୍କର ସମ୍ପତି ତ ଥିଲା ଯାହା ବିକ୍ରି କରି ପରିଶୋଧ କରିନିଆଗଲା ।

ହଜ୍‌ରତ୍ ଜୁବୈର୍ ଏଭଳି ଅବସ୍ଥାରେ ଦେହ ତ୍ୟାଗ କଲେ କି ନା ସେ ଗୋଟିଏ ହେଲେ ଦୀନାର୍ ଛାଡ଼ି ଯାଇଥିଲେ ନା ଦିର୍‌ହମ୍ କିନ୍ତୁ କିଛି ଜମିଜମା, ଯେଉଁଥିରେ ଗାବା ଅଂଚଳ ଅନ୍ତର୍ଭୁକ୍ତ ଥିଲା । ଏତଦ୍‌ବ୍ୟତିତ ମଦିନାରେ ତାଙ୍କର ୧୧ଟି ଅଟ୍ଟାଳିକା ଓ ବସ୍‌ରାରେ ଦୁଇଟି ଅଟ୍ଟାଳିକା କୁଫାରେ ଗୋଟିଏ ଓ ମିସର୍‌ରେ ଗୋଟିଏ ଅଟ୍ଟାଳିକା ରହିଥିଲା । ସେ କରଜରେ ଏଭଳି ଚାପି ହୋଇଯାଇଥିଲେ କି ଲୋକେ ତାଙ୍କ ନିକଟରେ ଅର୍ଥ ଜମା କରି ଯାଉଥିଲେ କିନ୍ତୁ ସେ ତାହାକୁ କରଜ ମଣୁଥିଲେ କାରଣ ଏହା ଖର୍ଚ୍ଚ ହେବାର ଆଶଙ୍କା ଢ଼େର୍ ଅଧିକ ରହିଥିଲା ଏବଂ ତାହାକୁ ସେ ଖର୍ଚ୍ଚ ମଧ୍ୟ କରିଦେଉଥିଲେ ଏବଂ ପଇଠକାରୀଙ୍କୁ କହୁଥିଲେ ତୁମର ଏହି ଅର୍ଥ ମୁଁ କରଜ ଆକାରରେ ରଖିନେଉଛି ଯାହାକି ମୁଁ ନିଶ୍ଚିତ ଫେରସ୍ତ କରିବି । ସେ ଯାହା ହେଉ ହଜ୍‌ରତ୍ ଜୁବୈର୍ ର:ଅ କଦାପି ଧନୀ ହୋଇପାରିନଥିଲେ । ସେ ଖର୍ଚ୍ଚ କରିବା ଦିଗରୁ ହେଉ ଅବା ଅର୍ଥ ଦାନ କରିବା ଦିଗରୁ । ହଁ ଯୁଦ୍ଧରେ ହଜୁର ସ:ଆ:ସ ହଜ୍‌ରତ୍ ଅବୁବକର, ହଜ୍‌ରତ୍ ଉମର୍, ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସହିତ ସେ ମିଶି ସାମିଲ ହେଉଥିଲେ କିନ୍ତୁ ନଗଦ ଅର୍ଥ ଦାନ କରିବାରେ ସେ ପଛରେ ରହୁଥିଲେ କାରଣ ତାଙ୍କ ନିକଟରେ ଅର୍ଥ ରହୁନଥିଲା ।

ହଜ୍‌ରତ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ କୁହନ୍ତି: ମୁଁ ନିଜ ପିତାଙ୍କ କରଜର ଆକଳନ କରିବାରୁ ତାହା ମୋଟ ୨୨ ଲକ୍ଷ ଟଙ୍କା ହୋଇଥିଲା । ହଜ୍‌ରତ୍ ହକିମ୍ ବିନ୍ ହଜାମ୍ ର:ଅ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କ ସହ ସାକ୍ଷାତ କରି କହିଲେ, ହେ ମୋର ପୁତୁରା ମୋ ଭାଇ ଉପରେ କେତେଟଙ୍କା କରଜ ପରିଶୋଧ କରିବାର ଅଛି । ସେ ପ୍ରକୃତ କଥା ଗୋପନ ରଖି କହିଲେ, ଏକଲକ୍ଷ ଟଙ୍କା ସେଥି ଉତାରୁ ସେ କହିଲେ ଅଲ୍ଲାଃଙ୍କ ରାଣ ମୁଁ ତୁମ ନିକଟରେ ଏତେ ଅର୍ଥ ଥିବାର ଦେଖିବାକୁ ପାଉନାହିଁ ଯାହା କରଜ ପରିଶୋଧ କରିବାପାଇଁ ଯଥେଷ୍ଟ ହେବ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ତାଙ୍କୁ କହିଲେ, ଯଦି ମୁଁ କୁହେ କି ଉକ୍ତ ରାଶିର ବାସ୍ତବିକ ସଂଖ୍ୟା ୨୨ ଲକ୍ଷ ଅଟେ ତେବେ ଆପଣ କଣ କହିବେ ? ସେ ଉତର ଦେଲେ ତେବେ ମୁଁ ତ ତୁମକୁ ଏତେ ପରିମାଣର ଅର୍ଥ ପରିଶୋଧ କରିବାରେ ସାମର୍ଥ୍ୟ ମଣୁନାହିଁ । ଯଦି ତୁମେ ପସନ୍ଦ କର ତେବେ ଏଥିରେ ମୁଁ ତୁମକୁ ସାହାଯ୍ୟ କରିପାରେ । ଯଦି ପରିଶୋଧ କରିବାରେ ଅସମର୍ଥ ହୁଅ ତେବେ ଏଥିପାଇଁ ମୁଁ ହାଜର ଅଛି, ମତେ କହିବ ମୁଁ ପରିଶୋଧ କରିଦେବି । ହଜ୍‌ରତ୍ ଜୁବୈର୍ ର:ଅ ଗାବା ଜମିକୁ ୧ ଲକ୍ଷ ୭୦ ହଜାର ଟଙ୍କାରେ କ୍ରୟ କରିଥିଲେ । ଯାହାକୁ ହଜ୍‌ରତ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ୧୬ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ ଏବଂ ଛିଡ଼ା ହୋଇ ଘୋଷଣା କରିଥିଲେ ଯାହାର ହଜ୍‌ରତ୍ ଜୁବୈରଙ୍କଠାରୁ ଅର୍ଥ ନେବାର ଅଛି ସେ ଗାବାରେ ପହଂଚିଯାଆନ୍ତୁ ଏବଂ ନିଜ ଜମା ପୁଞ୍ଜି ଫେରସ୍ତ ନେଇନିଅନ୍ତୁ ।

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜାଫର୍ ର:ଅ ଯେ ହଜ୍‌ରତ୍ ଜୁବୈର ର:ଅଙ୍କୁ ଚାରିଲକ୍ଷ ଟଙ୍କା ଦେଇଥିଲେ ଅର୍ଥାତ ତାଙ୍କ ନିକଟରେ ଯମା ରଖିଥିଲେ, ସେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈରଙ୍କୁ କହିଲେ ଯଦି ତୁମେ ଇଚ୍ଛା କର ତେବେ ଉକ୍ତ ରାଶି ମୁଁ ତୁମକୁ କ୍ଷମା ଦେଇଦେବି ଏବଂ ଯଦି ଇଚ୍ଛା କର ତେବେ ପରେ ମଧ୍ୟ ପରିଶୋଧ କରିପାରିବ । ସେ ଉତର ଦେଲେ ନା, ଏଥିରେ ଜାଫର୍ କହିଲେ ତେବେ ମତେ ଜମିର ଏକ ଅଂଶ ପ୍ରଦାନ କରିଦିଅ । ଅତଏବ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର କହିଲେ, ତୁମପାଇଁ ଏତିକି ଅଂଶ କରଜ ପରିଶୋଧ ଅଟେ । ସେହି କରଜ ମଧ୍ୟରୁ ବର୍ତମାନ ଆଉ ସାଢ଼େ ଚାରିଅଂଶ ବାକି ରହିଯାଇଥିଲା । ଏଥିଅନ୍ତେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର ଅମୀର ମାୱିୟାଙ୍କ ନିକଟରେ ହାଜର ହେଲେ, ସେଠାରେ ଉମ୍‌ରୋ ବିନ୍ ଉସ୍‌ମାନ୍, ମୁନ୍‌ଜିର୍ ବିନ୍ ଜୁବୈର ଓ ଇବ୍‌ନେ ଜମାଆ ଉପସ୍ଥିତ ଥିଲେ । ମାୱିୟା ତାଙ୍କୁ ପଚାରିଲେ ଗାବା ଜମିର ମୁଲ୍ୟାୟାନ କେତେ ହେଲା । ସେ ଉତର ଦେଲେ ତାହାର ପ୍ରତ୍ୟେକ ଭାଗ ଏକ ଲକ୍ଷ ଟଙ୍କା ନିର୍ଦ୍ଧାରିତ ହୋଇଛି । ମାୱିୟା ପୁନଶ୍ଚ କହିଲେ ଆଉ କେତେ ଅଂଶ ବାକି ରହିଗଲା । ସେ ଉତର ଦେଲେ ସାଢ଼େ ଚାରିଅଂଶ । ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିଗଣ ଅର୍ଥାତ ମୁନ୍‌ଜିର, ଉମ୍‌ରୋ ଓ ଇବ୍‌ନେ ଜମାଆ ଏକ ଏକ ଲକ୍ଷ ଟଙ୍କାରେ ଗୋଟିଏ ଅଂଶ ଖରିଦ କରିନେଲେ । ଏଥିଅନ୍ତେ ମାୱିୟା କହିଲେ, ଆଉ କେତେ ଅଂଶ ବଳକା ରହିଗଲା । ସେ ଉତର ଦେଲ ଦେଢ଼ଅଂଶ ମାୱିୟା କହିଲେ ତାହା ମୁଁ ନେଇନେଉଛି । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜାଫର ନିଜ ଭାଗ ହଜ୍‌ରତ୍ ମାୱିୟାଙ୍କୁ ୬ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିଲେ । ସେ ଯାହା ହେଉ ଯେପରି ସେ କହିଥିଲେ କି ମୋ କରଜ ପରିଶୋଧ କରିବାରେ ମୋ ପ୍ରଭୁ ମତେ ସାହାଯ୍ୟ କରିବେ । ଅଲ୍ଲାଃ ସେହିପରି ହିଁ ତାଙ୍କ ସହ ଆଚରଣ କଲେ ।

ଯେତେବେଳେ ହଜ୍‌ରତ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର ସମସ୍ତ କରଜ ପରିଶୋଧ କରିଦେଲେ ସେତେବେଳେ ତାଙ୍କ ସନ୍ତାନମାନେ ତାଙ୍କୁ କହିଲେ, ଏଥର ଆମକୁ ଆମ ପୈତୃିକ ସମ୍ପତିର ଭାଗ ପ୍ରଦାନ କରିଦିଆଯାଉ । ଏଥିରେ ହଜ୍‌ରତ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର କହିଲେ, ନାଁ ପ୍ରଭୁଙ୍କ ରାଣ ମୁଁ ତୁମମାନଙ୍କ ମଧ୍ୟରେ ସେ ପର୍ଯ୍ୟନ୍ତ ସମ୍ପତି ବଂଟନ କରିବିନାହିଁ ଯେପର୍ଯ୍ୟନ୍ତ ମୁଁ ଚାରିବର୍ଷ ଯାଏ ପ୍ରତ୍ୟେକ ହଜ୍ ଅବସରରେ ଏହି ଘୋଷଣା ନ କରିଦିଏ କି ହଜ୍‌ରତ୍ ଜୁବୈର୍‌ଙ୍କ ଉପରେ ଯଦି କାହାର କିଛି ପ୍ରାପ୍ୟ ରହିଛି ତେବେ ସେ ମୋଠାରୁ ହାସଲ କରିନେଉ । ଅତଏବ ସେ ଚାରିବର୍ଷ ପର୍ଯ୍ୟନ୍ତ ଏହିପରି ଘୋଷଣା କରି ଚାଲିଥିଲେ । ସେଥିଅନ୍ତେ ଜୁବୈର୍‌ଙ୍କ ସମ୍ପତି ତାଙ୍କ ସନ୍ତାନଙ୍କ ମଧ୍ୟରେ ବଂଟନ କରିଦିଆଯାଇଥିଲା ।

ହଜ୍‌ରତ ଜୁବୈରଙ୍କର ଚାରିଜଣ ପତ୍ନୀ ଥିଲେ, ସେ ପତ୍ନୀମାନଙ୍କ ଏକଅଷ୍ଟମାଂସକୁ ଚାରି ଦ୍ୱାରା ଭାଗ କଲେ ଏବଂ ପ୍ରତ୍ୟେକ ପତ୍ନୀଙ୍କୁ ୧୧ ଲକ୍ଷଟଙ୍କା ଦେଇଥିଲେ । ତା'ପରେ ମଧ୍ୟ ଯେଉଁ ସମ୍ପତି ବଳକା ରହିଯାଇଥିଲା ତାହାକୁ ଯେତେବେଳେ ବଂଟନ କରାଗଲା ସେଥିରେ ମଧ୍ୟ ପ୍ରତ୍ୟେକ ପତ୍ନୀଙ୍କୁ ୧୧ ଲକ୍ଷ ଟଙ୍କା ମିଳିଥିଲା । ହଜ୍‌ରତ ଜୁବୈର ର:ଅଙ୍କ ସମୁଦାୟ ସମ୍ପତିର ମୁଲ୍ୟ ତିନିକୋଟି ୫୨ ଲକ୍ଷ ଟଙ୍କା ଥିଲା । ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ସୁଫିୟାନ୍ ବିନ୍ ଉଅଇନା କୁହନ୍ତି: ହଜ୍‌ରତ୍ ଜୁବୈର୍‌ଙ୍କ ସମ୍ପତିରୁ ୪ କୋଟି ବଂଟନ ହୋଇଥିଲା । ହିସାମ୍ ବିନ୍ ଉରୁୱା ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି, ହଜ୍‌ରତ ଜୁବୈର ର:ଅଙ୍କ ଛାଡ଼ି ଯାଇଥିବା ସମ୍ପତିର ମୂଲ୍ୟ ୫ କୋଟି ୨୦ ଲକ୍ଷ ଅବା ୫ କୋଟି ୧୦ ଲକ୍ଷ ଥିଲା । ସେହିପରି ଉରୁୱା କୁହନ୍ତି, ହଜ୍‌ରତ ଜୁବୈର ର:ଅଙ୍କର ମିସରରେ ମଧ୍ୟ କିଛି ଜମି ରହିଥିଲା ଏବଂ ଇସ୍କନ୍ଦରିଆ ଓ କୁଫାରେ ମଧ୍ୟ କିଛି ଜମି ରହିଥିଲା ତଥା ବସ୍‌ରାରେ ଅଟ୍ଟାଳିକା ମଧ୍ୟ ରହିଥିଲା ପୁଣି ମଦିନାରୁ ମଧ୍ୟ ତାଙ୍କର କିଛି ଆମଦାନୀ ରହିଥିଲା ଯାହାକି ତାଙ୍କ ନିକଟକୁ ଆସୁଥିଲା । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୮୦-୮୧........... ବେରୁତ ୧୯୯୦)***

ମୁତ୍‌ରଫ୍ କୁହନ୍ତି ଏକଦା ଆମେ ଜୁବୈର୍‌ଙ୍କୁ କହିଲୁ ହେ ଅବୁ ଅବ୍‌ଦୁଲ୍ଲାଃ ! ଆପଣ କେଉଁ ଉଦ୍ଦେଶ୍ୟରେ ଆସିଛନ୍ତି ? ଆପଣଙ୍କ ସମ୍ମୁଖରେ ଜଣେ ଖଲିଫାଙ୍କୁ ଶହୀଦ କରିଦିଆଗଲା । ତା'ପରେ ବର୍ତମାନ ଆପଣ ତାଙ୍କ ପ୍ରତିଶୋଧର ଦାବି କରୁଛନ୍ତି, ହଜ୍‌ରତ ଜୁବୈର ର:ଅ କହିଲେ ଆମେ ନବୀ ସ:ଆ:ସ, ହଜ୍‌ରତ୍ ଅବୁବକର, ହଜ୍‌ରତ୍ ଉମର୍, ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସମୟ କାଳରେ ଏହି ପଂକ୍ତି ପାଠ କରିଥିଲୁ । **ୱତ୍‌ତକୁ ଫିତ୍‌ନତଲ୍ ଲା ତୁସିବନ୍ନଲ୍ ଲଜିନା ଜଲମୁ ମିନ୍‌କୁମ୍ ଖାସ୍‌ସା (ଅଲ୍‌ଅନ୍‌ଫାଲ୍:୨୬)** ଅର୍ଥାତ ସେହି ବିଶୃଙ୍ଖଳାକୁ ଭୟ କର ଯାହାକି ତୁମମାନଙ୍କ ମଧ୍ୟରେ ଥିବା କେବଳ ଅତ୍ୟାଚାରୀମାନଙ୍କୁ ସ୍ପର୍ଶ କରିବ ନାହିଁ ବରଂ ସମସ୍ତଙ୍କୁ ପହଂଚିବ କିନ୍ତୁ ଆମେ ଏହା ବୁଝିନାହୁଁ ଯେ ଏହାର ପ୍ରତିପାଦନ ଆମ ଉପରେ ହେବ ଅର୍ଥାତ ଆମକୁ ଏହି ପରୀକ୍ଷା ଦେବାକୁ ପଡ଼ିବ । ***(ମସ୍‌ନଦ୍ ଅହ୍‌ମଦ୍ ହମ୍ବଲ୍, ଖଣ୍ଡ-୧, ପୃ-୪୫୧....... ହଦିସ୍ ୧୪୧୪......... ବେରୁତ ୧୯୯୮)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ, ହଜ୍‌ରତ୍ ଅଲୀ ର:ଅଙ୍କ ଖିଲାଫତ୍ ଚୟନ ପ୍ରସଙ୍ଗରେ ବର୍ଣ୍ଣନା କରନ୍ତି, ଯେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଶହୀଦ କରିଦିଆଗଲା । ସେତେବେଳେ ମଦିନାରେ ଯେଉଁ ସାହାବଗଣ ଉପସ୍ଥିତ ଥିଲେ,ସେମାନେ ଏହା ଦେଖିଲେ ଯେ ମୁସଲମାନମାନଙ୍କ ମଧ୍ୟରେ ବିଶୃଙ୍ଖଳା ବୃଦ୍ଧି ପାଉଅଛି ତେଣୁ ହଜ୍‌ରତ୍ ଅଲୀଙ୍କୁ ବାଧ କଲେ କି ଆପଣ ଲୋକମାନଙ୍କଠାରୁ ବୟତ ନିଅନ୍ତୁ । ଅନ୍ୟ ପାର୍ଶ୍ୱରେ କେତେକ ବିଶୃଙ୍ଖଳାକାରୀ ହଜ୍‌ରତ୍ ଅଲୀଙ୍କ ନିକଟକୁ ଦଉଡ଼ି ଆସିଲେ ଏବଂ କହିଲେ ବର୍ତମାନ ଇସ୍‌ଲାମୀୟ ପ୍ରଶାସନ ଭଙ୍ଗ ହେବାର ଭୟ ରହିଛି ଆପଣ ଲୋକମାନଙ୍କଠାରୁ ବୟତ ନିଅନ୍ତୁ ଯଦ୍ୱାରା ସେମାନଙ୍କ ଭୟପ୍ରଦ ଅବସ୍ଥା ଦୂର ହେବ ଏବଂ ସେମାନେ ଆସ୍ୱସ୍ତ ଲାଭ କରିବେ । ଅତଏବ୍ ହଜ୍‌ରତ୍ ଅଲୀ ଏହି ପ୍ରସ୍ତାବରେ ଅରାଜି ଓ ଅମଙ୍ଗ ପ୍ରକାଶ କରିବାପରେ ଶେଷରେ ଏହି ଗୁରୁଦାୟିତ୍ୱ ବହନ କରିବାକୁ ରାଜି ହୋଇଥିଲେ । ସେତେବେଳେ କେତେକ ବଡ଼ ବଡ଼ ସାହାବା ମଦିନାରେ ଉପସ୍ଥିତ ନଥିଲେ ଏବଂ କେତେକଙ୍କଠାରୁ ତ ଜୋର୍ ଜବରଦସ୍ତି ବୟତ ନିଆଯାଇଥିଲା । ଅତଏବ ହଜ୍‌ରତ୍ ତଲ୍‌ହା ଓ ଜୁବୈର୍ ର:ଅଙ୍କ ସମ୍ବନ୍ଧରେ ଆସୁଛି ଯେ ତାଙ୍କ ନିକଟକୁ ହକିମ୍ ବିନ୍ ଜବ୍‌ଲା ଓ ମାଲିକ୍ ବିନ୍ ଅସ୍ତରଙ୍କୁ କିଛି ଲୋକମାନଙ୍କ ସହିତ ପ୍ରେରଣ କରିଦିଆଯାଇଥିଲା । ଯେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସାହାଦତ୍ ର ଅଘଟଣ ଘଟିଲା ହଜ୍‌ରତ୍ ଅଲୀ ର:ଅଙ୍କୁ ବୟତ ନେବାପାଇଁ ବାଧ

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.5 Thursday 08 Oct 2020 Issue No. 41

MANAGER
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

କରାଯାଇଥିଲା । ସେତେବେଳେ ସେ ପ୍ରଥମେ ଅରାଜି ହେବା ପରେ ଶେଷରେ ଏହି ଗୁରୁଦାୟିତ୍ୱକୁ ବହନ କରିବାକୁ ପ୍ରସ୍ତୁତ ହୋଇଥିଲେ ଯେପରି କି ପୂର୍ବେ ଚର୍ଚ୍ଚା ହେଲା । ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ ଜୁବୈର ର:ଅଙ୍କ ସମ୍ପର୍କରେ ଏହା ଉଲ୍ଲେଖ ରହିଛି ଯେ ତାଙ୍କ ଆଡ଼କୁ ହକିମ୍ ବିନ୍ ଜବ୍‌ଲା ଓ ମାଲିକ୍ ବିନ୍ ଅସ୍ତରଙ୍କୁ କେତେକ ଲୋକଙ୍କ ସହିତ ପ୍ରେରଣ କରାଗଲା । ସେମାନେ ତାଙ୍କ ଆଗରେ ଖଡ୍ଗ ଦେଖାଇ ଛିଡ଼ା ହୋଇଗଲେ ଏବଂ କହିଲେ ତୁମେ ହଜ୍‌ରତ୍ ଅଲୀ ର:ଅଙ୍କ ବୟତ କରିବ ତ ଠିକ୍ ଅନ୍ୟଥା ଆମେ ଏହି ମୁହୁର୍ତ୍ତରେ ତୁମକୁ ନୀହତ କରିବୁ । ସେମାନେ ଏହି ସର୍ତ୍ତରେ ହଜ୍‌ରତ୍ ଅଲୀ ର:ଅଙ୍କ ବୟତ କରିବାପାଇଁ ରାଜି ହୋଇଥିଲେ ଯେ, ସେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ହତ୍ୟାକାରୀଙ୍କ ଠାରୁ ଖୁବ୍ ଶୀଘ୍ର ପ୍ରତିଶୋଧ ନେବେ କିନ୍ତୁ ପରବର୍ତୀ ସମୟରେ ଯେତେବେଳେ ସେ ଦେଖିଲେ ହଜ୍‌ରତ୍ ଅଲୀ ର:ଅ ହତ୍ୟାକାରୀଙ୍କଠାରୁ ପ୍ରତିଶୋଧ ନେବାରେ ଶିଘ୍ରତା ପ୍ରଦର୍ଶନ କରୁନାହାନ୍ତି ତେଣୁ ସେମାନେ ତାଙ୍କ ବୟତରୁ ନିଜକୁ ପୃଥକ କରିଥିଲେ ଏବଂ ମଦିନାରୁ ମକ୍କା ଚାଲିଯାଇଥିଲେ । ପୁନଶ୍ଚ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସହିତ ଯୁଦ୍ଧ କରିବେନାହିଁ । ଅନ୍ୟପଟରେ ହଜ୍‌ରତ୍ ତଲ୍‌ହା ମଧ୍ୟ ନିଜ ବିୟୋଗ ପୂର୍ବରୁ ହଜ୍‌ରତ୍ ଅଲୀ ର:ଅଙ୍କ ବୟତ ସ୍ୱୀକାର କରିନେଇଥିଲେ । କାରଣ ଇତିହାସ ପୃଷ୍ଠାରେ ଦରଜ ରହିଛି ଯେ ସେ କ୍ଷତର ଯନ୍ତ୍ରଣା ଓ ପୀଡ଼ାରେ ଅସ୍ଥିର ଓ ଛଟପଟ ହୋଇଥିଲେ ଜଣେ ବ୍ୟକ୍ତି ତାଙ୍କ ନିକଟରୁ ଅତିକ୍ରମ କଲେ ସେ ପଚାରିଲେ ତୁମେ କେଉଁଦଳର ସେ ଉତର ଦେଲେ ହଜ୍‌ରତ୍ ଅଲୀ ର:ଅଙ୍କ ଦଳର । ସେ ନିଜ ହସ୍ତ ତାଙ୍କ ହାତରେ ଦେଇ କହିଲେ, ତୁମ ହସ୍ତ ଅଲୀଙ୍କ ହସ୍ତ ଏବଂ ମୁଁ ତୁମ ହସ୍ତରେ ହଜ୍‌ରତ୍ ଅଲୀଙ୍କର ପୂର୍ନବାର ବୟତ କରୁଅଛି । ସେ ଯାହା ହେଉ, ହଜ୍‌ରତ୍ ଜୁବୈର୍ ର:ଅଙ୍କ ସାହାଦତ୍ ଜମଲ୍ ଯୁଦ୍ଧରୁ ପ୍ରତ୍ୟାବର୍ତନ କରିବା ସମୟରେ ହୋଇଥିଲା । ହଜ୍‌ରତ୍ ଅଲୀଙ୍କ ବିପକ୍ଷରେ ଯୁଦ୍ଧ କରିବାରୁ ସେ ଓହୋରି ଯାଇଥିଲେ ଏବଂ କହିଥିଲେ ଯେ, ମତେ ଧୋକା ଲାଗିଲା ମୁଁ ଭ୍ରମର ଶିକାର ହୋଇଥିଲି । ଯେତେବେଳେ ହଜ୍‌ତର୍ ଅଲୀ ତାଙ୍କୁ ସ୍ମରଣ କରାଇଲେ କି ମୁଁ ତୁମକୁ ଅଲ୍ଲାଃଙ୍କ ହସ୍ତିର ନାମ ନେଇ କହୁଛି କଣ ହଜୁର ସ:ଆ:ସଙ୍କ ଠାରୁ ତୁମେ ଶୁଣିନାହିଁ କି ତୁମେ ଅଲୀଙ୍କ ସହ ଲଢ଼ିବ ଏବଂ ତୁମ ଦ୍ୱାରା ଅତ୍ୟାଚାର ସାଦର ହେବ । ସେ ଉତର ଦେଲେ ହଁ ଠିକ୍ କଥା ଏହା ମତେ ଏବେ ମନେପଡ଼ିଯାଇଛି । ତା'ପରେ ସେ ସେଠାରୁ ଚାଲି ଯାଇଥିଲେ ଏହାର ବିସ୍ତୃତ ବ୍ୟାଖ୍ୟା ହଜ୍‌ରତ୍ ତଲ୍‌ହା ବିନ୍ ଅବଦୁଲ୍ଲାଃଙ୍କ ଜୀବନୀ ଚର୍ଚ୍ଚାରେ ଆଲୋଚନା ହୋଇସାରିଛି । ଯେଉଁଥିରୁ ସ୍ପଷ୍ଟ ହେଉଅଛି ଯେ, ବିଦ୍ରୋହି ଓ ଉପଦ୍ରବକାରୀଙ୍କ ଉସୁକାଇବାରେ ଅଗ୍ନୀରେ ଅଧିକାଂଶ ସାହାବା ଭ୍ରମରେ ପଡ଼ିଯାଇଥିଲେ ଏବଂ ହଜ୍‌ରତ୍ ଅଲୀଙ୍କ ବିପକ୍ଷରେ ଯୁଦ୍ଧରେ ସାମିଲ ହୋଇଥିଲେ । ସେ ଯାହା ହେଉ ଯାହାବି ଘଟଣା ଘଟିଥିଲା ତାହା ନିଶ୍ଚିତରୂପେ ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ଥିଲା ।

ହରବ୍ ବିନ୍ ଅବୁ ଅସ୍ୱତ କୁହନ୍ତି: ମୁଁ ହଜ୍‌ରତ ଅଲୀ ର:ଅ ଓ ହଜ୍‌ରତ୍ ଜୁବୈର୍ ର:ଅଙ୍କ ସହ ସାକ୍ଷାତ କଲି ଯେତେବେଳେ ହଜ୍‌ରତ୍ ଜୁବୈର୍ ର:ଅ ନିଜ ବାହନ ଉପରେ ବସି ଧାଡ଼ି ଗୁଡ଼ିକୁ ଚିରି ଫେରିଲେ ତାଙ୍କ ପୁତ୍ର ଅବ୍‌ଦୁଲ୍ଲାଃ ତାଙ୍କୁ ପଚାରିଲେ ଆପଣଙ୍କୁ କଣ ହୋଇଛି ? ହଜ୍‌ରତ୍ ଜୁବୈର୍ ର:ଅ କହିଲେ, ହଜ୍‌ରତ୍ ଅଲୀ ମତେ ଗୋଟିଏ ହଦିସ୍ ମନେ ପକାଇଦେଲେ ଯାହା ମୁଁ ପାଷୋରି ଯାଇଥିଲି ଏବଂ ହଜୁର ସ:ଆ:ସଙ୍କଠାରୁ ଶୁଣିଥିଲି, ତେଣୁ ବର୍ତମାନ ମୁଁ ଆଉ ତାଙ୍କ ବିରୁଦ୍ଧରେ ଯୁଦ୍ଧ କରିବିନାହିଁ । ତାଙ୍କ ପୁତ୍ର ତାଙ୍କୁ କହିଲେ, ଆପଣ ତ ଏଥିପାଇଁ ଆସିଥିଲେ ଯଦ୍ୱାରା ଲୋକମାନଙ୍କ ମଧ୍ୟରେ ସନ୍ଧି ସ୍ଥାପନ କରିବେ । ସେ କହିଲେ, ମୁଁ ରାଣ ଖାଇସାରିଛି । ଏଥିରେ ତାଙ୍କ ପୁତ୍ର କହିଲେ, ତେବେ ଆପଣ ଏହି ରାଣର କଫାରା ଦେଇଦିଅନ୍ତୁ ଏବଂ ନିଜ ଦାସ ଜର୍‌ଜିସ୍‌କୁ ସ୍ୱାଧିନ କରିଦିଅନ୍ତୁ ଏବଂ ଏଠାରେ ସେ ପର୍ଯ୍ୟନ୍ତ ଉପସ୍ଥିତ ରୁହନ୍ତୁ ଯେ ପର୍ଯ୍ୟନ୍ତ ପ୍ରଭୁ ସେହି ଲୋକମାନଙ୍କ ମଧ୍ୟରେ ସନ୍ଧି ନ ଦେଇଛନ୍ତି ।

ବର୍ଣ୍ଣନାକାରୀ କୁହନ୍ତି, ହଜ୍‌ରତ୍ ଜୁବୈର୍ ର:ଅ ନିଜ ଦାସ ଜର୍‌ଜସ୍‌କୁ ସ୍ୱାଧିନ କରିଦେଲେ ଏବଂ ସେଠାରେ ଅଟକି ରହିଲେ କିନ୍ତୁ ଲୋକମାନଙ୍କ ମଧ୍ୟରେ ମତାନ୍ତର ଓ ବିଦ୍ୱେଷଭାବ ବଢ଼ିଚାଲିଲା ଯଦ୍ୱାରା ହଜ୍‌ରତ୍ ଜୁବୈର୍ ର:ଅ ନିଜ ଘୋଡ଼ା ଉପରେ ବସି ବାହାରି ଆସିଲେ । ଯେତେବେଳେ ସେ ମଦିନା ଅଭିମୁଖେ ବାହାରିଲେ ଏବଂ ସଫୁୱାନ୍ ନାମି ସ୍ଥାନରେ ପହଂଚିଲେ, ଯାହା ହେଉଛି ବଶରା ନିକଟସ୍ଥ ଏକ ସ୍ଥାନ ସେଠାରେ ବକର୍ ନାମକ ଜଣେ ବ୍ୟକ୍ତି ଯେ, ବନୁ ମଦାସିଆ ଗୋଷ୍ଠୀର ଥିଲା ତାଙ୍କ ସହ ସାକ୍ଷାତ କଲା ଏବଂ କହିଲା ହେ ଅଲ୍ଲାଃଙ୍କ ରସୁଲ୍‌ଙ୍କ ହୱାରି ! ଆପଣ କୁଆଡ଼େ ଯାଉଛନ୍ତି ? ଆପଣଙ୍କୁ ମୁଁ ସୁରକ୍ଷା ପ୍ରଦାନ କରିବାକୁ ଚାହୁଁଛି ଏବଂ ଏହା ମୋର କର୍ତବ୍ୟ ଆପଣଙ୍କ ନିକଟରେ କେହି ପହଂଚିପାରିବେ ନାହିଁ ଯେ ପର୍ଯ୍ୟନ୍ତ ମୁଁ ଆପଣଙ୍କ ସହିତ ରହିଛି । ଏପରି ସେ ହଜ୍‌ରତ୍ ଜୁବୈର୍ ର:ଅଙ୍କ ସାଥିରେ ଚାଲିଲେ, ସେହି ମାର୍ଗରେ ଅହ୍‌ନବ୍ ବିନ୍ କୈସ୍ ମଧ୍ୟ ସେମାନଙ୍କୁ ଭେଟିଲେ ଯେ ତାଙ୍କୁ କହିଲେ ଏ ହେଉଛନ୍ତି ହଜ୍‌ରତ୍ ଜୁବୈର୍ ର:ଅ ଏବଂ ମୋର ସାକ୍ଷାତ ତାଙ୍କ ସହ ସଫୁୱାନ୍‌ଠାରେ ହୋଇଥିଲା । ଅହ୍‌ନବ୍ କହିଲେ, ମୁସଲମାନମାନଙ୍କ ଦୁଇଦଳ ପରସ୍ପର ସହ ଘମାସାନ ଲଢ଼ାଇରେ ଲିପ୍ତ ରହିଛନ୍ତି ଏବଂ ଖଡ୍ଗରେ ପରସ୍ପରର ସ୍କନ୍ଦଚ୍ୟୁତ କରୁଛନ୍ତି ତେଣୁ ଏ ନିଜ ପରିବାର ନିକଟକୁ ଫେରିଯାଉଛନ୍ତି । ଯେତେବେଳେ ଏହି ଖବର ଉମୈର୍ ବିନ୍ ଜର୍ମୁଜ୍, ଫଜାଲା ବିନ୍ ହାବିସ୍ ଏବଂ ନୁଫୈଇ ଶୁଣିଲେ ମିଳିଲା ସେତେବେଳେ ସେମାନେ ହଜ୍‌ରତ୍ ଜୁବୈର୍ ର:ଅଙ୍କ ପଛରେ ବାହାରିଲେ ଏବଂ ତାଙ୍କୁ ଗୋଟିଏ ଦଳ ସହିତ ପାଇଲେ । ଉମୈର ବିନ୍ ଜର୍ମୁଜ୍ ଅଶ୍ୱ ଉପରେ ଆରୋହଣ ହୋଇ ପଛପଟୁ ଆସିଲେ ଏବଂ ହଜ୍‌ରତ୍ ଜୁବୈର୍ ର:ଅଙ୍କ ଉପରେ ବର୍ଚ୍ଛା ସାହାଯ୍ୟରେ ଆକ୍ରମଣ କଲେ ଏବଂ ତାହା ତାଙ୍କୁ ସାମାନ୍ୟ ଆଘାତ କରିଥିଲା । ପ୍ରତିଆକ୍ରମଣ ପରାୟଣ ହୋଇ ହଜ୍‌ରତ୍ ଜୁବୈର୍ ର:ଅ ତାଙ୍କ ଉପରକୁ ମଧ୍ୟ ଆକ୍ରମଣ କରିଥିଲେ । ଯେତେବେଳେ ଜର୍ମୁଜ ଦେଖିଲେ ଯେ ସେ ହତ୍ୟା ହେବାକୁ ବସିଛନ୍ତି ସେତେବେଳେ ସେ ନିଜ ସାଥିମାନଙ୍କୁ ସାହାଯ୍ୟ ପାଇଁ ଡ଼ାକରା ଦେଲେ ଏବଂ ସେମାନେ ସମସ୍ତେ ମିଶି ହଜ୍‌ରତ୍ ଜୁବୈର୍ ର:ଅ ଶହୀଦ କରିଦେଲେ ।

ହଜ୍‌ରତ୍ ଜୁବୈର୍ ର:ଅଙ୍କୁ ଶହୀଦ କରିବାପରେ ଇବ୍‌ନେ ଜର୍ମୁଜ ହଜ୍‌ରତ୍ ଅଲୀ ର:ଅଙ୍କ ନିକଟକୁ ହଜ୍‌ରତ୍ ଜୁବୈର୍ ର:ଅଙ୍କ କଟାମୁଣ୍ଡ ଓ ତାଙ୍କ ଖଡ୍ଗ ନେଇ ଆସିଲେ । ଯେତେବେଳେ ଇବ୍‌ନେ ଜର୍ମୁଜ ଭିତରକୁ ଆସିବାପାଇଁ ଅନୁମତି ଲୋଡ଼ିଲେ ସେତେବେଳେ ହଜ୍‌ରତ୍ ଅଲୀ ର:ଅ କହିଲେ, ଇବ୍‌ନେ ସଫିୟା ହଜ୍‌ରତ୍ ଜୁବୈର୍ ର:ଅଙ୍କ ଶହୀଦ କରିଥିବା ବ୍ୟକ୍ତି ନର୍କଗାମି ହେଉ । ହଜ୍‌ରତ୍ ଜୁବୈର୍ ର:ଅଙ୍କୁ ସିବାଅ ନାମକ ଉପତ୍ୟାକାରେ କବର ଦିଆଯାଇଥିଲା । ହଜ୍‌ରତ୍ ଅଲୀ ଓ ତାଙ୍କ ସାଥି ବସି ଆପଣଙ୍କ ଉପରେ ରୋଦନ କରିବାକୁ ଲାଗିଲେ । ଶହୀଦ ହେବା ସମୟରେ ହଜ୍‌ରତ୍ ଜୁବୈର୍ ର:ଅଙ୍କୁ ୬୪ ବର୍ଷ ବୟସ ହୋଇଥିଲା । ଆଉ କେତେକଙ୍କ କହିବା ଅନୁଯାୟୀ ଆପଣଙ୍କୁ ୬୬ କିମ୍ୱା ୬୭ ବର୍ଷ ବୟସ ହୋଇଥିଲା । ***(ମୁସ୍‌ତଦ୍‌ରକ ଅଲସ୍ ସହିହିନ୍....... ଖଣ୍ଡ-୩, ପୃ-୪୧୩, ହଦିସ୍-୫୫୭୫........ ବେରୁତ)*** *(ଅଲ୍‌ଇସ୍‌ତିୟାବ....... ଖଣ୍ଡ-୨, ପୃ-୫୧୬.......... ଦାରୁଲ୍ ଜୈଲ୍ ବେରୁତ ୧୯୯୬)* ***(ମୁସ୍‌ତଦ୍‌ରକ ଅଲସ୍ ସହିହିନ୍....... ଖଣ୍ଡ-୩, ପୃ-୪୧୨, ହଦିସ୍-୫୫୭୧........ ବେରୁତ)*** *(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୭୮............ ବେରୁତ ୧୯୯୦)* *(ଅଲ୍‌ଅସାବାଃ....... ଖଣ୍ଡ-୨, ପୃ-୪୬୦ .......... ବେରୁତ ୧୯୯୫)*

ହଜ୍‌ରତ୍ ଆତିକା ବିନ୍‌ତେ ଜୈଦ୍ ଯେ କି ହଜ୍‌ରତ୍ ଜୁବୈର ର:ଅଙ୍କ ପତ୍ନୀ ଥିଲେ, ତାଙ୍କ ସମ୍ୱନ୍ଧରେ ମଦିନାବାସୀ କୁହନ୍ତି ଯେଉଁ ବ୍ୟକ୍ତି ଶହୀଦ ହେବାକୁ ପସନ୍ଦ କରୁଅଛି ସେ ଆତ୍‌କାଙ୍କୁ ବିବାହ କରିନେଉ, ସେ ପ୍ରଥମେ ଅବ୍‌ଦୁଲ୍ଲାଃ ବିନ୍ ଅବୁବକର ର:ଅଙ୍କୁ ବିବାହ କରିଥିଲେ ସେ ଶହୀଦ ହେବାପରେ ତାଙ୍କର ଦ୍ୱିତୀୟ ବିବାହ ହଜ୍‌ରତ୍ ଉମର୍ ର:ଅଙ୍କ ସହିତ ହୋଇଥିଲା ଅର୍ଥାତ ହଜ୍‌ରତ୍ ଆତ୍‌କାଙ୍କର । ହଜ୍‌ରତ୍ ଉମର୍ ର:ଅଙ୍କ ବିୟୋଗ ପରେ ଆତ୍‌କାଙ୍କ ତୃତୀୟ ବିବାହ ହଜ୍‌ରତ୍ ଜୁବୈର ର:ଅଙ୍କ ସହିତ ହୋଇଥିଲା । ହଜ୍‌ରତ୍ ଜୁବୈର ର:ଅ ଶହୀଦ ହେବାପରେ ଆତ୍‌କା ଏହା ପାଠ କରିଥିଲେ କି ଇବ୍‌ନେ ଜର୍‌ମୁଜ୍ ଯୁଦ୍ଧରେ ଜଣେ ବୀର ଯୋଦ୍ଧା ସହ ବିଶ୍ୱାସଘାତକତା ଓ ଛଳ କରିଥିଲା । ହେ ଉମ୍‌ରୋ ବିନ୍ ଜୁର୍‌ମୁଜ୍ ଯଦି ତୁ ତାଙ୍କୁ ସତର୍କ କରି ଆକ୍ରମଣ କରିଥାନ୍ତୁ ତେବେ ତାଙ୍କୁ ଏପରି ପାଇଥାନ୍ତୁ କି ତୋର ବାହୁ ପକ୍ଷାଘାତ ହୋଇଯାଇଥାନ୍ତା । ତୁ ଜଣେ ମୁସଲମାନକୁ ହତ୍ୟା କଲୁ ତେଣୁ ତୁମ ଉପରେ ଶାସ୍ତି ଅବିତୀର୍ଣ୍ଣ ହେବା ଅନିବାର୍ଯ୍ୟ ହୋଇଗଲା । କଣ ତୁ କଦାଚିତ ଏଭଳି ବ୍ୟକ୍ତିକୁ ପରାସ୍ତ କରିଛୁ ହେ ସାମାନ୍ୟତମ କଷ୍ଟ ସହ୍ୟ କରିପାରୁନଥିବା ବ୍ୟକ୍ତି ଜୁବୈର୍ ତ' ଏପରି ବ୍ୟକ୍ତି ଥିଲେ ଯେ ଯୁଦ୍ଧ କ୍ଷେତ୍ରରେ କଠିନ ରୁ କଠିନ ପରିସ୍ଥିତିରେ ମଧ୍ୟ ଲଢ଼ିବାରେ ମଗ୍ନ ରହୁଥିଲେ । ହେ ଧବଳମୁଖା ଲୋକ ତୁମର ବର୍ଚ୍ଛା ମାରିବା ତାହାର କୌଣସି କ୍ଷତି କରିପାରିନଥାନ୍ତା । *(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୮୩............ ବେରୁତ ୧୯୯୦)*

ଯେତେବେଳେ ଇବ୍‌ନେ ଜର୍ମୁଜ୍ ହଜ୍‌ରତ୍ ଅଲୀ ର:ଅଙ୍କ ସେବାରେ ଉପସ୍ଥିତ ହେବାପାଇଁ ଅନୁମତି ଚାହିଁଲେ, ସେତେବେଳେ ହଜ୍‌ରତ୍ ଅଲୀ ର:ଅ ତାଙ୍କଠାରୁ ଦୁରତା ବଜାୟ ରଖିବାପାଇଁ ଇଚ୍ଛା ପ୍ରକାଶ କରିଥିଲେ । ପ୍ରତିଉତରରେ ଇବ୍‌ନେ ଜର୍ମୁଜ କହିଲା, କଣ ହଜ୍‌ରତ୍ ଜୁବୈର ର:ଅ ! ବିପନ୍ନଙ୍କ ମଧ୍ୟରୁ ଜଣେ ନଥିଲେ କି ? ହଜ୍‌ରତ୍ ଅଲୀ ର:ଅ କହିଲେ ତୋ ତୁଣ୍ଡ ମାଟିରେ ମିଶୁ ମୁଁ ତ ଏହା ଆଶା କରୁଛି ଯେ ତଲ୍‌ହା ଓ ଜୁବୈର୍ ର:ଅ ସେହି ଲୋକମାନଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ଯେଉଁମାନଙ୍କ ପକ୍ଷରେ ଅଲ୍ଲାଃ ତାଲା କହିଛନ୍ତି: **ୱ ନଜଅନା ମା ଫି ସୁଦୁରିହିମ୍ ମିନ୍ ଗିଲ୍ଲିନ୍ ଇଖ୍‌ୱାନନ୍ ଅଲା ସୁରୁରିମ୍ ମୁତକାବିଲିନ୍ (ହଜର୍: ୪୮)** ଅର୍ଥାତ ସେମାନଙ୍କ ଅନ୍ତର ମଧ୍ୟରେ ଯାହା କିଛି ବିଦ୍ୱେଷଭାବ ରହିଛି ଆମ୍ଭେ ତାହାକୁ ଦୂରିଭୁତ କରିବୁ ସେମାନେ ଭାଇ ଭାଇ ହୋଇ ବୈକୁଣ୍ଠରେ ରହିବେ ଓ ପରସ୍ପର ମୁହାଁମୁହିଁ ପଲଙ୍କରେ ବସିଥିବେ । *(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୮୪............ ବେରୁତ ୧୯୯୦)*

ହଜ୍‌ରତ୍ ଜୁବୈର ର:ଅ ବିଭିନ୍ନ ସମୟରେ ଅନେକ ମହିଳାମାନଙ୍କ ସହିତ ବିବାହ କରିଥିଲେ । ଯାହାଙ୍କ ଔରଷରୁ ତାଙ୍କୁ ଅନେକ ସନ୍ତାନ ପ୍ରାପ୍ତି ହୋଇଥିଲା । ସେମାନେ ହେଲେ, ହଜ୍‌ରତ୍ ଅସ୍‌ମା ବିନ୍‌ତେ ଅବୁବକର ତାଙ୍କଠାରୁ ଅବ୍‌ଦୁଲ୍ଲାଃ, ଉରୁୱା, ମୁନ୍‌ଜିର, ଆସିମ୍ ଖଦିଜତୁଲ୍ କୁବ୍‌ରା, ଉମ୍ମେ ହସନ୍ ଏବଂ ଆଇଶା ଜନ୍ମଗ୍ରହଣ କରିଥିଲେ । ହଜ୍‌ରତ୍ ଜୁବୈର ର:ଅଙ୍କ ଦ୍ୱିତୀୟ ପତ୍ନୀ ହଜ୍‌ରତ୍ ଉମ୍ମେ ଖାଲିଦ୍ ର:ଅଙ୍କ ଔରଷରୁ ଖାଲିଦ୍, ଅମ୍‌ରୋ, ହବିବା

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**